R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୭
ତିଥି : ପଞ୍ଚମୀ
୦୮ ଅକ୍ଟୋବର ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




### ଶବକୁ ମିଳିଲାନି ମହାପ୍ରୟାଣ

## କାନ୍ଧରେ ବୁହା ହେଲା ଶବ

ହରଭଙ୍ଗା, ୭।୧୦ (ସବ୍ୟୁ) : ଶବ ବୁହା ଗାଡି ନ ମିଳିବାରୁ ଶବକୁ କାନ୍ଧରେ ବୁହାହେଲା । ଏଭଳି ଏକ ଅଭାବନୀୟ ଘଟଣା ବୌଦ୍ଧ ଜିଲ୍ଲା ପୁରୁଣାକଟକରେ ଘଟିଛି ।

ସୂଚନା ମତେ ପୁରୁଣାକଟକ ଥାନା ପୁରୁଣାକଟକ ଇନ୍ଦିରା କଲୋନୀ ସାହିର ରବି ନାୟକଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ନିକଟସ୍ଥ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତକ ରବି ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ । ଚିକତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ (୯ ପୃଷ୍ଠାରେ)

## କମଳା ରଙ୍ଗ ହେବ ସରକାରୀ କୋଠା

ଭୁବନେଶ୍ୱର, ୭।୧୦ (ସବ୍ୟୁ) : ସରକାରୀ କୋଠାର ରଙ୍ଗ ବଦଳିବ । ଲକ୍ଷ୍ମୀ ବସ୍, ବିଭିନ୍ନ ସରକାରୀ ସୂଚନାର ବୋର୍ଡ, ଓମ୍‌ଫେଡ୍ ଖୀର ପ୍ୟାକେଟ୍‌ର ରଙ୍ଗ ବଦଳିବା ପରେ ଏବେ ସରକାରୀ କୋଠାଗୁଡିକର ରଙ୍ଗ ବଦଳାଇବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଇଆଇସି ଓ ମୁଖ୍ୟ ଯନ୍ତ୍ରୀମାନଙ୍କୁ ଏକ ଚିଠି ଲେଖାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଏଣିକି ନୂଆକରି ନିର୍ମାଣ ହେଉଥିବା ସରକାରୀ କୋଠାରେ ସମାନ ରଙ୍ଗ ରହିବ । (୯ ପୃଷ୍ଠାରେ)

# ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ମାଓ ମୁକ୍ତ : ମୁଖ୍ୟମନ୍ତ୍ରୀ



### ସ୍ୱତନ୍ତ୍ର ହେଲିକପ୍ଟର ସହ କେନ୍ଦ୍ରୀୟ ଫୋର୍ସ ପ୍ରଦାନ ଲାଗି ଅନୁରୋଧ

### ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମାଓ ମୁକାବିଲା ବୈଠକ

### ଓଡ଼ିଶା ପକ୍ଷରୁ ୫ ପ୍ରସ୍ତାବ ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୧୦ (ସବ୍ୟୁ) : କେନ୍ଦ୍ରୀୟ ସଂସ୍ଥା ପଡ଼ୋଶୀ ରାଜ୍ୟ ସହ ସମନ୍ୱୟ ରକ୍ଷା କରି ଦୁଇବର୍ଷ ବା ଏହାଠୁ କମ୍ ସମୟ ମଧ୍ୟରେ ଆମେ ମାଓବାଦୀ ସମସ୍ୟାର ସମାଧାନ କରିବୁ । ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଭାରତ ଖୁବ୍‌ଶୀଘ୍ର ମାଓ ସମସ୍ୟାରୁ ମୁକ୍ତି ପାଇବ । ଏହାଛଡା ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ହେଲିକପ୍ଟର ମାଓ ମୁକାବିଲା ଲାଗି ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ମାଓ ମୁକାବିଲା ବୈଠକରେ ମତ ରଖିଛନ୍ତି ।

ଆଜି ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ନକ୍ସଲ ଉପଦ୍ରବ ରାଜ୍ୟଗୁଡିକର ବୈଠକ ହୋଇଥିଲା । ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶା ସରକାର ଦୀର୍ଘଦିନ ଧରି କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ସୁରକ୍ଷାବଳ ସହ ମିଶି ମାଓ ମୁକାବିଲା କରୁଛନ୍ତି । ଏହାର ଭଲ ପ୍ରଭାବ ପଡିଛି ଓ ମାଓ ହିଂସା ହ୍ରାସ ପାଇଛି । ଆମ ପୋଲିସ (୯ ପୃଷ୍ଠାରେ)

## ଆଜି ଜମ୍ମୁ-କାଶ୍ମୀର, ହରିୟାଣା ବିଧାନସଭା ଭୋଟ୍ ଗଣତି

ନୂଆଦିଲ୍ଲୀ, ୭।୧୦ : ଆସନ୍ତାକାଲି ଜମ୍ମୁ-କାଶ୍ମୀର ଓ ହରିୟାଣା ବିଧାନସଭା ନିର୍ବାଚନ ଲାଗି ଭୋଟ୍ ଗଣତି କରାଯିବ । ଉଭୟ ରାଜ୍ୟରେ ୯୦ ଲେଖାଏଁ ଆସନ ରହିଛି । ହରିୟାଣାରେ ଗତ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ରହିଥିଲା । ତେବେ ଜମ୍ମୁ-କାଶ୍ମୀର ଓ ହରିୟାଣା ବିଧାନସଭା ନିର୍ବାଚନର ଫଳାଫଳ ଉପରେ ଏବେ ଦେଶର ସବୁ ରାଜନୈତିକ ଦଳଗୁଡିକର ନଜର ରହିଛି । ବିଧାନସଭା କ୍ଷେତ୍ର ଅନୁଯାୟୀ ଟ୍ରେଣ୍ଡ ଓ ଫଳାଫଳ ପ୍ରକାଶ ପାଇବ । ଭାରତୀୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ (୯ ପୃଷ୍ଠାରେ)

# ମେଡିସିନ୍ ଲାଗି ଦୁଇ ଜଣଙ୍କୁ ନୋବେଲ୍

ନୂଆଦିଲ୍ଲୀ, ୭।୧୦ : ଚିକିତ୍ସା କ୍ଷେତ୍ର ଲାଗି ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ଘୋଷଣା କରାଯାଇଛି । ବୈଜ୍ଞାନିକ ଭିକ୍ଟୋର ଆମ୍ବ୍ରୋସ ଓ ଗ୍ୟାରୀ ରୁବ୍‌କୁନଙ୍କୁ ମେଡିସିନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୪ ନୋବେଲ୍ ପୁରସ୍କାର ଦିଆଯିବ । ଉଭୟ ମାଇକ୍ରୋ ଆରଏନ୍‌ର ସନ୍ଧାନ ପାଇ ଏହି ନୋବେଲ ପୁରସ୍କାର ପାଇବେ । ଏହି ନୋବେଲ ବିଜେତାମାନଙ୍କୁ ସ୍ୱିଡେନର କାରୋଲିନ୍‌ସ୍କା ଇନ୍‌ଷ୍ଟିଚ୍ୟୁଟ୍ ମେଡିକାଲ ୟୁନିଭରସିଟି ଦ୍ୱାରା ମନୋନିତ କରାଯାଇଛି ।



ସେମାନେ ପୁରସ୍କାର ରାଶି ଆକାରରେ ୧୧ ନିୟୁତ ସ୍ୱିଡିସ୍ କ୍ରାଉନ୍ସ ପାଇବେ । ମାଇକ୍ରୋ ଆର୍‌ଏନ୍‌ଏ ଆବିଷ୍କାର, ଜିନ୍ ନିୟନ୍ତ୍ରଣ ପାଇଁ ନୂଆ ଆଇଡିଆ ଦେଇଥିଲା । ମାନବ ସମେତ ବହୁକୋଷୀୟ ଜୀବ ପାଇଁ ଜରୁରୀ ପ୍ରମାଣିତ ହୋଇଥିଲା ।






# କ୍ଷୁଦ୍ରଗ୍ରହ ହେବ ମହାକାଶଚାରୀଙ୍କ ଖାଦ୍ୟ !

ବର୍ତ୍ତମାନ ବୈଜ୍ଞାନିକମାନେ ମହାକାଶଚାରୀଙ୍କ ଖାଦ୍ୟଭାବେ କ୍ଷୁଦ୍ରଗ୍ରହକୁ ବ୍ୟବହାର କରିହେବ ବୋଲି ସୂଚନା ଦେଇଛନ୍ତି । ଇଣ୍ଟରନ୍ୟାସନାଲ ଜର୍ନାଲ ଫର ଆଷ୍ଟ୍ରୋବାୟୋଲୋଜିରେ ପ୍ରକାଶିତ ତଥ୍ୟା ଅନୁସାରେ ଖୁବଶୀଘ୍ର କ୍ଷୁଦ୍ରଗ୍ରହକୁ ମହାକାଶଚାରୀମାନେ ନିଜର ପୋଷଣ ତତ୍ୱକୁ ଦୂର କରିବା ପାଇଁ ବ୍ୟବହାର କରିପାରିବେ । ତେବେ ସେମାନେ ଏହି ଗ୍ରହକୁ ସିଧା ସଳଖ ଖାଇବେ ନାହିଁ ବରଂ ସେଥିରୁ କାର୍ବନକୁ ବାହାର କରି ଏହାକୁ ଖାଦ୍ୟରେ ପରିଣତ କରାଯିବ, ଯାହାକୁ ସେମାନେ ଖାଇପାରିବେ । ଏହା ବର୍ତ୍ତମାନ ଗବେଷଣା ସ୍ତରରେ ରହିଛି, ତେଣୁ ଏହାକୁ କେବେ ଠୁ ଖାଇହେବ ସେନେଇ କୌଣସି ତଥ୍ୟ ମିଳିନାହିଁ । ହେଲେ ଯଦି ଏହି ଗବେଷଣା ସଫଳ ହୁଏ ତେବେ ମହାକାଶଚାରୀଙ୍କ ପାଇଁ ଏହା ଖୁବ ଲାଭଦାୟକ ସାବସ୍ତ୍ୟ ହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



# ନିଦ ଓ ହୃଦୟ



ଆଜିକାଲିର ଲାଇଫ୍ ଷ୍ଟାଇଲ ପାଇଁ ଆମେ ସବୁବେଳେ ଆମ ନିଦକୁ ଅଣଦେଖା କରିଥାଉ । ହେଲେ ଏହା ବର୍ତ୍ତମାନ ଅନେକ ଲୋକଙ୍କ ପାଇଁ ବିଭିନ୍ନ ସମସ୍ୟାର କାରଣ ସାଜିଛି । ଏହା ଆମମାନଙ୍କର ଓଭରାଲ ହେଲ୍ଥ ସହ ସମସ୍ତ ଅଙ୍ଗ ଉପରେ ନିଜର ନକରାତ୍ମକ ପ୍ରଭାବ ପକାଉଛି । ତେବେ ନିଦ୍ରାହୀନତାର ସବୁଠାରୁ ଅଧିକ ପ୍ରଭାବ ଆମର ହାର୍ଟ ହେଲ୍ଥ ଉପରେ ପଡିଥାଏ । ଏହା ବିଭିନ୍ନ ଢଙ୍ଗରେ ଆମର ହାର୍ଟ ହେଲ୍ଥ ଉପରେ ପ୍ରଭାବ ପକାଇଥାଏ ।

**ରକ୍ତଚାପ ବଢାଇଥାଏ–** ଏହା ଆମର ରକ୍ତଚାପ ବଢାଇବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ । ଯାହାଫଳରେ ବର୍ଦ୍ଧିତ ରକ୍ତଚାପର ପ୍ରଭାବ ଆମର ହାର୍ଟ ହେଲ୍ଥ ଉପରେ ଅଧିକ ପଡିଥାଏ । ଏହା ଦ୍ୱାରା ବିଭିନ୍ନ ସମସ୍ୟା ଯେପରି ହାର୍ଟ ଆଟାକ୍, ହାର୍ଟ ଷ୍ଟ୍ରୋକ ଆଦିର ସମସ୍ୟା ବଢିଥାଏ ।

**ଷ୍ଟ୍ରେସ ହର୍ମୋନକୁ ବଢାଏ–** ନିଦ୍ରାରେ ଅଭାବ ଆମର ଷ୍ଟ୍ରେସ ହର୍ମୋନକୁ ବଢାଇଥାଏ । ଅତ୍ୟଧିକ ଷ୍ଟ୍ରେସ ଆମ ହାର୍ଟ ପାଇଁ କ୍ଷତିକାରକ ହୋଇଥାଏ । ଏହା ହାର୍ଟ ଆଟାକ୍‌ର ରିସ୍କକୁ ବଢାଇଥାଏ । ଆମେ ଯେତେ ଶୋଇବା ଆମର ଷ୍ଟ୍ରେସ ଲେବଲ ସେତେ କମ ରହିବ ।

**ଓଜନ ବୃଦ୍ଧି–** ଭଲ ନିଦର ପ୍ରଭାବ ଆମର ମେଟାବଲିଜିମ୍ ଉପରେ ରହିଥାଏ । ଯଦି ଆମର ଭଲ ନିଦ ନ ହେଉଛି ତେବେ ଏହା ଆମର ମେଟାବଲିଜିମ୍ ଉପରେ ଖରାପ ପ୍ରଭାବ ପକାଇଥାଏ । ଯେଉଁ କାରଣରୁ ଏହା ଆମର ଓଜନ ବଢାଇଥାଏ ଏବଂ ମେଦବହୁଳତାର କାରଣ ସାଜିଥାଏ । ମେଦବହୁଳତା ଆମ ହାର୍ଟ ହେଲ୍ଥ ପାଇଁ ଖୁବ ନକରାତ୍ମକ ହୋଇଥାଏ ।

**ଇନ୍‌ସୁଲିନ୍ ନିୟନ୍ତ୍ରଣ ଉପରେ ପ୍ରଭାବ–** ଏହାର ଖରାପ ପ୍ରଭାବ ଆମର ଇନ୍‌ସୁଲିନ୍ ସେନ୍ସିଟିଭିଟି ଉପରେ ମଧ୍ୟ ପଡିଥାଏ । ଏହାସହିତ ଗ୍ଲୁକୋଜ୍ ମେଟାବଲିଜିମ୍ ଉପରେ ମଧ୍ୟ ପ୍ରଭାବ ପଡିଥାଏ, ଯାହାଫଳରେ ଟାଇପ୍ ୨ ଡାଇବେଟିସ୍ ହେବାର ସମ୍ଭାବନା ବଢିଥାଏ ।

## ସୋସିଆଲ କୋଟ୍ସ



ପ୍ରଯୋଜକ ଓ ନିର୍ଦ୍ଦେଶକ ମିଟିଙ୍ଗ୍ ପରେ ଡିନର ପାଇଁ କୁହନ୍ତି । ସିଧାସଳଖ ନହେଲେ ବି ଅନେକ ଥର କାଷ୍ଟିଂ କାଉଚ୍‌କୁ ସାମନା କରିଛି ।
**ମଦାଲସା ଶର୍ମା, ଅଭିନେତ୍ରୀ**



ଅଭିନୟକୁ ଖୁବ ଭଲ ପାଇଥାଏ । କେବଳ କମେଡି ନୁହେଁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଚାହୁଁଛି । ସବୁଥିରେ ନିଜର ଅଭିଜ୍ଞତା ବଢାଇବାକୁ ଚାହୁଁଛି ।
**ରାଜୀବ କୁମାର, ଅଭିନେତା**



ମୋତେ କେବେ ଏକୁଟିଆ ଲାଗେନାହିଁ । ମୋତେ ଲାଗେ ମୋ ଲାଇଫ୍ କମ୍ପ୍ଲିଟ୍ ଅଟେ । ମୋ ପୋଷା ଜୀବ ମୋର ସନ୍ତାନ ଭଳି । ଏହାସହ ମୋ ଜୀବନରେ ଅନେକ ଭଲ ସାଙ୍ଗ ଅଛନ୍ତି ।
**ମନିଷା କୋଇରାଲା, ଅଭିନେତ୍ରୀ**

## ଇତିହାସ

୧୯୩୧– ଭାରତୀୟ ରାଜନୀତିଜ୍ଞ ପଦ୍ମନାଭ ବାଳକୃଷ୍ଣ ଆଚାର୍ଯ୍ୟଙ୍କ ଜନ୍ମ ।
୧୯୩୬– ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ପ୍ରେମଚାନ୍ଦଙ୍କ ମୃତ୍ୟୁ ।
୧୯୯୮– ଫ୍ଲାଇଙ୍ଗ୍ ସେଫ୍‌ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା ଭାରତ ।
୧୯୯୮– ଭାରତୀୟ ମହିଳା ରେସଲର ଦିବ୍ୟା କାକରନ୍‌ଙ୍କ ଜନ୍ମ ।
୨୦୦୨– ପାକିସ୍ତାନ ତରଫରୁ ସାହୀନ ମିସାଇଲ୍‌ର ପୁନଃ ପରୀକ୍ଷଣ ।
୨୦୦୩– ଇରାନର ଓକିଲ ତଥା ଲେଖିକା ଶିରୀନ ଇବାଦୀଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା ।
୨୦୦୪– ଶାନ୍ତି ପାଇଁ କେନ୍ୟା ପରିବେଶବିତ୍ ୱାଙ୍ଗରୀ ମାଥାଇଙ୍କୁ ନୋବେଲ ପୁରସ୍କାର ପାଇଁ ଘୋଷଣା ।

# କାଷ୍ଟିଂ କାଉଚ୍ କଷ୍ଟଦାୟକ



କାଷ୍ଟିଂ କାଉଚ୍‌କୁ ନେଇ ଅନେକ ଅଭିନେତ୍ରୀ ବର୍ତ୍ତମାନ ମୁହଁ ଖୋଲିବାରେ ଲାଗିଛନ୍ତିଓ। ଅନେକ ଏହାକୁ ନେଇ ନିଜ ଅନୁଭୂତିକୁ ସାହସର ସହିତ ବଖାଣୁଛନ୍ତି । ସେହିଭଳି ଜଣେ ନାୟିକା ନିଜର କାଷ୍ଟିଂକାଉଚ ଦୁଃଖକୁ ଗଣମାଧମରେ ପ୍ରକାଶ କରିଛନ୍ତି । ଧାରାବାହିକ ପବିତ୍ର ରିସ୍ତାର ଅଭିନେତ୍ରୀ ଆଶା ନେଗୀ କାଷ୍ଟିଂ କାଉଚ୍‌କୁ ନେଇ କଥା ହୋଇଛନ୍ତି । ଯେତେବେଳେ ସେ ଇଣ୍ଡଷ୍ଟ୍ରୀକୁ ନୂଆ ନୂଆ ଆସିଥିଲେ ସେତେବେଳେ କାଷ୍ଟିଂ କାଉଚର ଶିକାର ହୋଇଥିଲେ । ତାଙ୍କୁ ଏଥିପାଇଁ ପ୍ରସ୍ତୁତ କରିବାକୁ ବ୍ରେନ୍ ୱାସ୍ ମଧ୍ୟ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ସମସ୍ତ ଅଭିନେତ୍ରୀ ଏଭଳି କରନ୍ତି ବୋଲି ତାଙ୍କୁ କୁହାଯାଇଥିବା ଆଶା ପ୍ରକାଶ କରିଛନ୍ତି । ମାତ୍ର ୨୦ ବର୍ଷ ବୟସରେ ସେ ଏଭଳି ପରିସ୍ଥିତିର ସାମନା କରିଥିବା ଆଶା କହିଛନ୍ତି । ଯେତେ ବଡବଡ ଷ୍ଟାର ଅଛନ୍ତି, ସମସ୍ତେ ଏପରି କରି ଆଗକୁ ଯାଇଛନ୍ତି ବୋଲି ଆଶାଙ୍କୁ କୁହାଯାଇଥିବା ସେ ପ୍ରକାଶ କରିଛି । ହେଲେ ଆଶା ତାଙ୍କୁ ସିଧାସଳଖ ମନା କରିଦେଇଥିବା କହିଛନ୍ତି । ତେବେ ଏହି କଥା ସେତେବେଳେ ତାଙ୍କୁ ଖୁବ ବାଧିଥିଲା । ହେଲେ ନିଜର ଅଭିନୟ ଉପରେ ବିଶ୍ୱାସ ରଖି ସେ କାର୍ଯ୍ୟ ଜାରି ରଖିଥିଲେ, ଏବଂ ଅଭିନୟ ପାଇଁ ହିଁ ସଫଳତା ପାଇଥିଲେ ।

# ବାୟୁସେନା ଦିବସ

୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ଭାରତୀୟ ବାୟୁସେନା ବିଭାଗ ପ୍ରତିଷ୍ଠା କରାଯାଇଥିଲା । ଯାହାଫଳରେ ପ୍ରତିବର୍ଷ ଅକ୍ଟୋବର ୮ ତାରିଖକୁ ଭାରତୀୟ ବାୟୁସେନା ଦିବସ ରୂପେ ପାଳନ କରାଯାଇଥାଏ । ଏହି ଅବସରରେ ଦେଶରେ ପ୍ୟାରେଡ୍ ଠାରୁ ଆରମ୍ଭ କରି ଅନେକ ଏୟାର୍ ସୋ' ଆୟୋଜନ କରାଯାଏ । ଚଳିତବର୍ଷ ବାୟୁସେନା ପକ୍ଷରୁ ୯୧ତମ ବାୟୁସେନା ଦିବସ ପାଳନ କରାଯିବ । ଉଭୟ ସରକାରୀ ତଥା ସର୍ବସାଧାରଣରେ ଭାରତୀୟ ବାୟୁସେନାର ସଚେତନତାକୁ ବୃଦ୍ଧି କରିବା ଲାଗି ଏହି ଦିବସ ପାଳନ କରାଯାଉଛି । ଏହି ଦିନରେ ବାୟୁସେନା ଅଧିକାରୀଙ୍କ ଦ୍ୱାରା ଡ୍ରିଲ୍ ମଧ୍ୟ କରାଯାଇଥାଏ । ଆମେରିକା, ଚୀନ୍ ଓ ରୁଷ୍ ପରେ ଭାରତୀୟ ବାୟୁସେନା ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ ବାୟୁସେନା ।



# ନୀଳ ପଡୁଛି ଆଣ୍ଟାର୍କଟିକା



ଆଇସି ଆଣ୍ଟାର୍କଟିକା ନିଜର ପ୍ରସାରିତ ଧଳା ରଙ୍ଗର ବରଫ ଆବରଣ ପାଇଁ ପରିଚିତ । ହେଲେ ବର୍ତ୍ତମାନ ଏହା ଧୀରେଧୀରେ ନୀଳ ରଙ୍ଗରେ ପରିଣତ ହେଉଛି । ତାପମାତ୍ରାରେ ଅତ୍ୟଧୀକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ନୀଳ ରଙ୍ଗରେ ପରିବର୍ତ୍ତିତ ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏନେଇ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ ସାଟେଲାଇଟ୍‌କୁ ବ୍ୟବହାର କରି ବିଭିନ୍ନ ଫଟୋ ସହଆଣ୍ଟାର୍କଟିକାରେ ଥିବା ଉଦ୍ଭିଦ ଜୀବନକୁ ନେଇ ଅନେକ ତଥ୍ୟକୁ ସଂଗ୍ରହ କରାଯାଇଛି । ଗତ ୪୦ ବର୍ଷ ଭିତରେ ଏହାର ପରିମାଣ ଖୁବ ଅଧିକ ବଢିଥିବା ଜଣା ପଡିଛି । ୧୯୮୬ରେ ଏହା ୦.୪ ସ୍କୋୟାର ମାଇଲ୍ସ ଥିବାବେଳେ ୨୦୨୧ରେ ଏହା ୫ ସ୍କୋୟାର ମାଇଲ୍ସରେ ପହଞ୍ଚିଛି । ସେହିଭଳି ୨୦୧୬ ରୁ ୨୦୨୧ ମଧ୍ୟରେ ଏହା ୩୦ ପ୍ରତିଶତ ବଢିଥିବା ଜଣା ପଡିଛି । ଜଳବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ ହୋଇଥିବାରୁ ବୈଜ୍ଞାନିକମାନେ ଚିନ୍ତା ପ୍ରକାଶ କରିଛନ୍ତି । ଆଣ୍ଟାର୍କଟିକାର ଏହି ପରିବର୍ତ୍ତନ ମହାକାଶରୁ ଖୁବ ଭଲଭାବେ ଦେଖିବାକୁ ମିଳୁଛି । ସେହିଭଳି ଚଳିତବର୍ଷ ଆଣ୍ଟାର୍କଟିକାର ତାପମାତ୍ରା ୫୦ ଡିଗ୍ରୀ ଟପିଥିଲା, ଯାହା ୨୦୨୨ରେ ୭୦ ଡିଗ୍ରୀ ପହଞ୍ଚି ରେକର୍ଡ କରିଥିଲା । ତେଣୁ ପ୍ରତିବର୍ଷ ଏଠାରେ ଖୁବ ଅଧିକ ତାପମାତ୍ରା ଦେଖିବାକୁ ମିଳୁଛି । ଆଗକୁ ଏନେଇ ପଦକ୍ଷେପ ନିଆ ନଗଲେ ଏହା ମଣିଷ ସମାଜ ପାଇଁ ଭୟଙ୍କର ବିପଦ ଆଣିପାରେ ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି ।

## ଫନି ସ୍ପୋଟ୍ସ ପୋଷ୍ଟର









## ଏନସିଇଆରଟି ଏବଂ ଆମାଜନ ମଧ୍ୟରେ ଭାଗିଦାରୀ

# ଆମାଜନରେ ମିଳିବ ଏନସିଇଆରଟି ପୁସ୍ତକ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସୋମବାର ଭାରତ ସରକାରଙ୍କ ଅଧୀନରେ ଥିବା ଏନସିଇଆରଟି ଏବଂ ଅନ୍ୟତମ ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ଆମାଜନ ସେଲର୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଲେଟର୍ ଅଫ୍ ଏନ ଗେଜମେଣ୍ଟ (ଏଲ ଓଇ) ସ୍ୱାକ୍ଷରିତ ହୋଇଯାଇଛି । ଏହା ହେଉଛି ପ୍ରଥମ ଚୁକ୍ତି, ଯାହା ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମରେ ମୁଦ୍ରିତ ମୂଲ୍ୟରେ ମୂଳ ଏନସିଇଆରଟି ପାଠ୍ୟପୁସ୍ତକର ଉପଲବ୍ଧତା ସୁନିଶ୍ଚିତ କରିବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜିର ପଦକ୍ଷେପ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଭିଜନକୁ ସୁଦୃଢ଼ କରିବ । ସମଗ୍ର ଦେଶରେ ଡିଜିଟାଲ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଦେଖାଯାଇଥିବା




ବେଳେ ଏହି ପଦକ୍ଷେପ ସରକାରଙ୍କ 'ଇଜ୍ ଅଫ୍ ଲିଭିଂ' ଲକ୍ଷ୍ୟକୁ ମଧ୍ୟ ସମର୍ଥନ କରିବ । ଏନସିଇଆରଟି ୧୯୬୩ ମସିହାରୁ ପ୍ରାୟ ୨୨୦ କୋଟି ପୁସ୍ତକ ଓ ଜର୍ଣ୍ଣାଲ ସହିତ ପାଠ୍ୟପୁସ୍ତକ ପ୍ରକାଶ କରି ଭାରତର ଶିକ୍ଷା ଦୃଶ୍ୟପଟ୍ଟକୁ ନୂଆ ଆକାର ଦେଇଛି । ଏନସିଇଆରଟି ଦେଶ ପାଇଁ ଏକ ପ୍ରମୁଖ ଥିଙ୍କଟ୍ୟାଙ୍କ୍ ବୋଲି କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଆମାଜନ ସହ ଏନସିଇଆରଟିର ଭାଗିଦାରୀକୁ ପ୍ରଶଂସା କରିଛନ୍ତି ଶ୍ରୀ ପ୍ରଧାନ । ଏହା ଇଜ୍ ଅଫ୍ ଲିଭିଂ ଏବଂ ଶିକ୍ଷାର ଉପଲବ୍ଧତା ବୃଦ୍ଧି ଦିଗରେ ଏକ ସୁନ୍ଦର ପଦକ୍ଷେପ ବୋଲି କହିବା ସହ ଏନସିଇଆରଟି ଚଳିତ ବର୍ଷ ତିନିଗୁଣା ଅଧିକ ପୁସ୍ତକ ପ୍ରକାଶନ ତଥା ୧୫ କୋଟି ପୁସ୍ତକ ପ୍ରକାଶ କରିବ ବୋଲି ସେ କହିଛନ୍ତି । ସେହିପରି ଅମୃତ

**ଓଡ଼ିଶା ସମେତ ଦେଶବ୍ୟାପୀ ପ୍ରାୟ ୨୦ ହଜାର ପିନ୍ କୋଡ୍ ଠିକଣାରେ ଉପଲବ୍ଧ ହେବ**

କାଳର ୩୦୦ ନିୟୁତ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷଣକୁ ଆନନ୍ଦଦାୟକ କରିବା ଉପରେ ପରାମର୍ଶ ଦେଇଛନ୍ତି ଶିକ୍ଷା ମନ୍ତ୍ରୀ । ଇଣ୍ଟରଆକ୍ଟିଭ୍ ଏବଂ ଏଆଇ ଦ୍ୱାରା ପରିଚାଳିତ ଇ-ପୁସ୍ତକର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରି ସମସ୍ତ ୨୩ଟି ଭାଷାରେ ପୁସ୍ତକର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ପୁସ୍ତକ ହିଁ ଭାରତର ପ୍ରକୃତ ସଫ୍ଟ ପାୱାର ହେବ । ସମସ୍ତ ଶ୍ରେଣୀର ଏନସିଇଆରଟି ପାଠ୍ୟପୁସ୍ତକ ଆମାଜନ (http://amazon.in/ncert) ରେ ଉପଲବ୍ଧ ହେବ । ଆମାଜନର ଡେଲିଭରି ନେଟୱାର୍କ ଜରିଆରେ ଅତି ଦୁର୍ଗମ ଅଂଚଳରେ ମଧ୍ୟ ଛାତ୍ରଛାତ୍ରୀ ଓ ସ୍କୁଲ ନିର୍ଦ୍ଧାରିତ ମୂଲ୍ୟରେ ପାଠ୍ୟପୁସ୍ତକ କିଣିପାରିବେ । ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ, ଏନସିଇଆରଟିର ନିର୍ଦ୍ଦେଶକ, ଆମାଜନର ଉପସଭାପତି ଏବଂ ଆମାଜନର ପବ୍ଲିକ ପଲିସି ନିର୍ଦ୍ଦେଶକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ଥିଲେ ।

ଗୁରୁତ୍ୱାରୋପ କରିବା ସହ ଦେଶବ୍ୟାପୀ ପ୍ରାୟ ୨୦ ହଜାର ପିନ୍ କୋଡ ଠିକଣାରେ ଏହି ପୁସ୍ତକ ଉପଲବ୍ଧ ହେବ ବୋଲି ଶ୍ରୀ ପ୍ରଧାନ ଘୋଷଣା କରିଛନ୍ତି । ଏହି ପୁସ୍ତକଗୁଡ଼ିକ ଏମଆରପିରେ ଉପଲବ୍ଧ ହେବା ନେଇ ମଧ୍ୟ

# ବାଇକ ଚୋରି ଅଭିଯୋଗରେ ୪ ଗିରଫ, ୩ ବାଇକ ଓ ସ୍କୁଟି ଜବତ

ପୁରୀ (ସବ୍ୟୁ): ବାଇକ ଓ ସ୍କୁଟି ଚୋରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଠାରୁ ପୋଲିସ ତିନି ଗୋଟି ସ୍କୁଟି ଓ ଏକ ଗୋଟି ବାଇକ ଜବତ କରିଛିଛ ଅଭିଯୁକ୍ତ ମାନେ କୁମ୍ଭାରପଡ଼ା ଥାନା ଅଧୀନ ବଡ଼ଶଙ୍ଖ ଛକ ମାର୍କେଟ ନିକଟରୁ ଗହଳିର ସୁଯୋଗ ନେଇ ବାଇକ ଚୋରି କରୁଥିଲେ ବୋଲି ପୋଲିସ କହିଛି । ଅଭିଯୁକ୍ତ ମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହିର କେଦାର ସେଠି (୨୨), ଗଞ୍ଜାମ ଜିଲ୍ଲାର ସୂର୍ଯ୍ୟ ଓରଫ କାର୍ତ୍ତିକ ଓରଫ ସିଦ୍ଧାନ୍ତ ଦାସ (୨୫), ଭୁବନେଶ୍ୱର ପଟିଆ ଶିଖରଚଣ୍ଡୀ ନଗରର ଏନ ରାମୁ ରେଡ୍ଡୀ (୪୮) ଓ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡ କଳିଙ୍ଗ ନଗରର ଏମ. ଭୀମ. ରାଜୁ (୪୦) । ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତ ୫ ତାରିଖରେ ବାସେଳୀ ସାହି ଥାନା ଅନ୍ତର୍ଗତ ମାଟିତୋଟା ପଶ୍ଚିମ ଲେନର ରୁମୀତ୍ରା



ବିଶ୍ୱାଳ ତାଙ୍କର ସ୍କୁଟି ବଡଶଙ୍ଖ ମାର୍କେଟ ନିକଟରୁ ଚୋରି ହୋଇଥିବା ନେଇ ସେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ ତଦନ୍ତ ଆରମ୍ଭ କରି ଥିଲା । ପୋଲିସ ଚାରିଜଣ ନିକଟରୁ କେଦାର ସେଠି ଓ ସୂର୍ଯ୍ୟ ଓରଫ ସିଦ୍ଧାନ୍ତ ଦାସକୁ ଅଟକ ରଖି ଚୋରି ସ୍କୁଟିକୁ ଜବତ କରି ଥିଲା । ଅଭିଯୁକ୍ତ ଦ୍ୱୟଙ୍କୁ ଥାନାକୁ ଆଣି ପୋଲିସ ଜେରା କରି ଥିଲା । ଜେରା ବେଳେ ସେମାନେ ପୋଲିସ ଆଗରେ ଅନ୍ୟ ସ୍ଥାନରୁ ଆଉ ୩ ଟି ବାଇକ ଚୋରି କରିଥିଲେ ବୋଲି ସ୍ୱୀକାର କରିଥିଲେ । ଚୋରି ବାଇକ ଓ ସ୍କୁଟିକୁ ନେଇ ଅଭିଯୁକ୍ତମାନେ ଏନ ରାମୁ ରେଡ୍ଡୀ ଓ ଏମ ଭୀମ ରାଜୁ ଗ୍ୟାରେଜରେ ଦେଇଥିଲେ । ଚୋରି ବାଇକ ରଖିବା ନେଇ ପୋଲିସ ଏନ ରାମୁ ରେଡ୍ଡୀ ଓ ଏମ ଭୀମ ରାଜୁଙ୍କୁ ଗିରଫ କରି ଥିଲା । ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟ କୋର୍ଟ ଚାଲାଣ କରିଛି ।

## ବିଏମ୍‌ସିର ମନୋମୁଖି କାର୍ଯ୍ୟ

# ଗାଡି ମାଲିକଙ୍କ ଭବିଷ୍ୟତ ଅନ୍ଧାରରେ

ଭୁବନେଶ୍ୱର (ସବ୍ୟୁ): ବିଏମ୍‌ସିର ମନୋମୁଖି ଓ ଏକଛତ୍ରବାଦ ଆଚରଣ ଯୋଗୁ ଏଥିରେ ଗାଡି ଲଗାଇ ଥିବା ଗାଡିମାଲିକମାନେ ଗାଡି ଭଡା ନପାଇ ଏବେ ବାରମ୍ବାର ଶୁଣ୍ଢିପିଣ୍ଡା ହେଉଛନ୍ତି । ସହରକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ଏହି ଗାଡିମାଲିକମାନେ ୨୦୦୯-୧୦ ମସିହାରୁ ନିଜର ଚାରି ଚକିଆ ଭାରିଯାନ ବିଏମ୍‌ସି ଅଧିନରେ ଲଗାଇ ଅଳିଆ ଆବର୍ଜନା ପରିବହନ କାର୍ଯ୍ୟ କରୁଥିଲେ । ପ୍ରଥମେ ପ୍ରଥମେ ନିୟମିତ ଭାବେ ଗାଡି ଭଡା ମିଳୁଥିଲା । ମାତ୍ର ପରେ ବିଏମ୍‌ସି ଡେପୁଟିକମିଶନର (ଯାନ)ଙ୍କ ମନୋମୁଖି କାର୍ଯ୍ୟକଳାପ ଯୋଗୁ ୨୦୨୨ ମସିହାରୁ ଗାଡିମାଲିକମାନେ ଗାଡି ଭଡା ନପାଇ ଦୁଃଖ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି । ଏପରିକି ପରିବାର ପ୍ରତିପୋଷଣ ପାଇଁ ଅସମର୍ଥ ହୋଇପଡିଛନ୍ତି । ଏଭଳି ପରିସ୍ଥିତିରେ ବିଏମ୍‌ସି ଡେପୁଟିକମିଶନର (ଯାନ) ଚଞ୍ଚକତା କରି ନୂତନ ଏଜେନ୍ସିକୁ ଗାଡି ଭଡା ଟେଣ୍ଡର ପ୍ରଦାନ କରିଛନ୍ତି । ଏହା ଦ୍ୱାରା ପୁରୁଣା ଗାଡିମାଲିକମାନେ ଏଥିରେ ବାଦ୍ ପଡିଛନ୍ତି । ୨୦୨୨ ମସିହାରୁ ଏହି ଗାଡିମାଲିକମାନେ ଗାଡି ଭଡା ବାବଦ ପ୍ରାପ୍ୟ ପାଇନଥିଲାବେଳେ କେଉଁ ନ୍ୟାୟରେ ଡେପୁଟିକମିଶନର (ଯାନ) ଟେଣ୍ଡର କରି ନୂଆ ଏଜେନ୍ସିକୁ ଦାୟିତ୍ୱ ଦେଲେ ସେ ନେଇ ନାନା କଥା ଶୁଣାଯାଉଛି । ପୂର୍ବରୁ ଭଡା ବାବଦରେ ଜେସିବି ପ୍ରତି ଘଣ୍ଟାକୁ ୧୩୦୦ ଟଙ୍କା ମିଳୁଥିଲା ମାତ୍ର ବର୍ତ୍ତମାନ ଏବାବଦରେ ୧୫୫୦ ଟଙ୍କା ପ୍ରଦାନ କରାଯିବ । ଏହା ଫଳରେ ବିଏମ୍‌ସିର କୋଟି କୋଟି ଟଙ୍କା କ୍ଷତି ହେବ । କେଉଁ ସ୍ୱାର୍ଥରେ ଏହି ନୂତନ ଟେଣ୍ଡର କରାଯାଇଛି ତାହା ଏବେ ସନ୍ଦେହଘେରରେ ରହିଛି । ଯଦି ଗାଡି ମାଲିକମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରାନଯାଏ ତେବେ ଶହ ଶହ ଗାଡିମାଲିକ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଏହି ଗାଡି ମାଲିକ ସଂଗଠନର ସଭାପତି ଅରବିନ୍ଦ ମହାନ୍ତି ଚେତାବନୀ ଦେଇଛନ୍ତି ।



## ବ୍ୟାଟ୍ ମାଡରେ ଆହତ ଯୁବକର ମୃତ୍ୟୁ

# ଥାନା ସାମ୍ନାରେ ଉତ୍ତେଜନା

ଭୁବନେଶ୍ୱର, (ସବ୍ୟୁ) : କ୍ରିକେଟ୍ ବ୍ୟାଟ୍‌ରେ ମାଡ ଖାଇ ଆହତ ହୋଇଥିବା ଯୁବକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୮୬ଦିନ ପରେ ସୋମବାର ତା'ର ମୃତ୍ୟୁ ହୋଇଛି । ସେହି ମୃତ୍ୟୁକୁ କେନ୍ଦ୍ରକରି ତା' ବାପା ଓ ସମ୍ପର୍କୀୟମାନେ ଥାନା ସାମ୍ନାରେ ହୋହାଲ୍ଲା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । କ୍ରିକେଟ୍ ପଡିଆରେ ଖେଳୁଥିବା ବେଳେ ଗଣ୍ଡଗୋଳ ହେବାରୁ ଖେଳୁଥିବା ଯୁବକମାନେ ମାର୍‌ପିଟ୍ ହୋଇଥିଲେ । କ୍ରିକେଟ୍ ବ୍ୟାଟ୍ ମାଡରେ ଗୁରୁତର ଆହତ ପ୍ରକାଶ ସାହୁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ଖଣ୍ଡଗିରି ଥାନାରେ ଏତଲା ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଦୁଇଜଣଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ୭ଜଣ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । କୋର୍ଟ ଅନୁମତି ଦେବା ପରେ ସେମାନେ ତଳ କୋର୍ଟରେ ହାଜର ହୋଇ ଜାମିନରେ ଯାଇଥିଲେ । ୮୬ଦିନ ପରେ ପ୍ରକାଶଙ୍କ ମୃତ୍ୟୁ ହେବାରୁ ପରିବାର ଲୋକେ ଥାନା ସାମ୍ନାରେ ହୋହାଲ୍ଲା କରି ଅଭିଯୁକ୍ତଙ୍କୁ ହତ୍ୟା ମାମଲାରେ ଗିରଫ କରିବା ପାଇଁ ରବିବାର ସନ୍ଧ୍ୟାରେ ଜୁଲମ କରିଥିଲେ । ପୋଲିସ ସେମାନଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଛି ।

## ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ଛୁଇଁଲା ୧ କୋଟି

# ବାରିପଦାରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି

ଭୁବନେଶ୍ୱର (ସବ୍ୟୁ): ୭ତାରିଖ ସୁଦ୍ଧା ଓଡ଼ିଶାର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଶୁଭାରମ୍ଭ କରାଯାଇଥିବା ଯୁଗାନ୍ତକାରୀ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଅଧିକା ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ ଉପଲବ୍ଧି ହେବ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ । ଆଜି ଏହା ପ୍ରମାଣିତ ହୋଇଛି । ଆସନ୍ତା ଅକ୍ଟୋବର ୯ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ । ଏହା ସହ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଇଯିବାର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏଯାବତ ଆରମ୍ଭ କରାଯାଇନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୋସିଆଲ ମିଡିଆରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଉଛି । ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ଅପଡେଟ ଖବର ପାଇଁ ସୁଭଦ୍ରାର ଅଫିସିଆଲ ୱେବସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ ଅବା ଟୋଲ ଫ୍ରୀ ନମ୍ବର(୧୪୬୭୮)କୁ କଲ କରନ୍ତୁ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଉଛି ।

# ବିଧାୟିକା ସୋଫିଆଙ୍କ ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

କଟକ (ସବ୍ୟୁ) ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷଦେଉଳସାହି ସ୍ଥିତ କଟକ ସହରର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ବିଦ୍ୟାଳୟର ଶ୍ରେଣୀଗୃହ ଗୁଡିକର ନବୀକରଣ, ଅଫିସ, ଷ୍ଟାଫ ରୁମ, କମ୍ପ୍ୟୁଟର ଲ୍ୟାବ ରୁମ ଓ କମନ ରୁମ ଗୁଡିକର ମରାମତି ଓ ନବୀକରଣ କରାଯିବା ଦିଗରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷିକାମାନେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପୁରାତନ ଶିକ୍ଷାନୁଷ୍ଠାନର ସୁରକ୍ଷା ଓ ନବୀକରଣ ସହ ଉନ୍ନତିକରଣ ପାଇଁ ବିଧାୟିକା ସୋଫିଆ ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ବିଧାୟିକା ମଧ୍ୟାହ୍ନ ଭୋଜନ ଖାଉଥିବା ପିଲାମାନଙ୍କ ସହିତ ଆଲୋଚନା କରିବା ସହ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରି ମଧୁସ୍ମିତା ସାହୁ, ସହକାରୀ ଶିକ୍ଷକ ମିନତୀ ଶେଠୀ, ତୃପ୍ତିଲତା ପ୍ରଧାନ, ଧର୍ମାନନ୍ଦ ବେହେରା ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହିତ ଦିଲ୍ଲୀପ ମହାନ୍ତି ଉପସ୍ଥିତ ଥିଲେ ।

# କଟକ ମୋଟର କର୍ମଚାରୀ ୟୁନିଅନ୍ ପକ୍ଷରୁ ସହାୟତା

କଟକ, (ସବ୍ୟୁ): ଦୁର୍ଘଟଣା ଗ୍ରସ୍ଥ ବସର ଡ୍ରାଇଭର କୈଳାସ ମହାରଣାଙ୍କର ମୃତ୍ୟୁରେ କଟକ ମୋଟର କର୍ମଚାରୀ ୟୁନିଅନ୍ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ କୈଳାସ ମହାରଣାଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା । ସ୍ୱର୍ଗତ ମହାରଣାଙ୍କ ପୁତ୍ର ସୁରେଶ ମହାରଣାଙ୍କୁ କଟକ ମୋଟର କର୍ମଚାରୀ ୟୁନିଅନର ପକ୍ଷରୁ ସଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଉକ୍ତ ଶୋକସଭାରେ ସହ ସମ୍ପାଦକ ଗଗନ ପରିଡା,ହିରାଲାଲ୍ ପଣ୍ଡା,ଚକ୍ରବର୍ତୀ ଓତା,କୋଷାଧ୍ୟକ୍ଷ ବିଭୁତି ଭୂଷଣ ରାଉତ,ସୋମନାଥ ସାହୁ,ଅଚ୍ୟୁତ ଝୁଟିଆ,ଶ୍ରୀକାନ୍ତ ଛାଟକ,ରଘୁନାଥ ବାରିକ୍,ନାରାୟଣ ନାୟକ,ରାକେଶ ରାଉତ,ଗୌରାଙ୍ଗ ବେହେରା,ଅନିଲ ବାରିକ,ସାଗର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।




## ଡମ୍ବରୁ ପକ୍ଷରୁ 'ସମ୍ଭାବନା ୨୦୨୪' ଶିକ୍ଷକ ସମ୍ମିଳନୀ

# ରାଜ୍ୟ ଓ ରାଜ୍ୟ ବାହାରୁ ୧୫୦ ଶିକ୍ଷାବିତ ହେଲେ ସମ୍ବର୍ଦ୍ଧିତ



କଟକ,(ସବ୍ୟୁ):ଶିକ୍ଷା ପ୍ରଯୁକ୍ତି ଉଦ୍ୟୋଗ କ୍ଷେତ୍ରରେ ପାଦ ଥାପି ଦୀର୍ଘ ୫ ବର୍ଷ ଧରି କୁନି କୁନି ପିଲାମାନଙ୍କୁ ନିଜସ୍ୱ ଆପରେ ଶିକ୍ଷା ପ୍ରଦାନ କରି ଆସୁଥିବା ଡମ୍ବରୁ ପାଳନ କରିଛି ତାର ଷଷ୍ଠତମ ବାର୍ଷିକୋତ୍ସବ । ଏହି ପରିପ୍ରେକ୍ଷୀରେ ଡମ୍ବରୁ ପକ୍ଷରୁ ପୁରୀ ଠାରେ ରାଜ୍ୟ ଏବଂ ରାଜ୍ୟ ବାହାରର ୧୫୦ ଟି ବିଦ୍ୟାଳୟର ପ୍ରମୁଖ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ଆଧାତ୍ମିକ ଓ ସଂସ୍କୃତି ଜ୍ଞାନ ମେଳା ଅନୁଷ୍ଠାନର ମାର୍ଗଦର୍ଶକ ତଥା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇଦିନିଆ ଉତ୍ସବରେ ଡମ୍ବରୁର ପ୍ରତିଷ୍ଠାତା ସମ୍ୟକ୍ ମହାନ୍ତି ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ,ସେ ଜଣେ ଆଇଟି ଯନ୍ତ୍ରୀ ଭାବେ ଚାକିରୀ ଜୀବନ ଆରମ୍ଭ କରିଥଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ କିଭଳି ପୌରାଣିକ, ଐତିହାସିକ ଗଳ୍ପକୁ ଆଧାର କରି ଡମ୍ବରୁ ଆପ ମାଧ୍ୟମରେ ବୌଦ୍ଧିକ ଜ୍ଞାନ ସାଙ୍ଗକୁ ବିଭିନ୍ନ ଜ୍ଞାନ ବିଷୟରେ ନୂତନ ଶିକ୍ଷ୍ୟା ପଦ୍ଧତି ବ୍ୟବହାର କରି କୋମଳମତି ଶିଶୁ ମାନଙ୍କର ନିକଟତର ହୋଇପାରିଛନ୍ତି ତାହା କହିଥିଲେ । ଡମ୍ବରୁ ର ସହ ପ୍ରତିଷ୍ଠାତା ଆୟଶା ଦାସ୍ ସ୍ୱାଗତ ଭାଷଣ ଦେଇଥିଲେ । ସମର୍ଥ ମହାନ୍ତି କହିଥିଲେ ଯେ, କିପରି ଡମ୍ବରୁ ତାଙ୍କ ସୃଜନଶୀଳ ଶିକ୍ଷା ପଦ୍ଧତିକୁ ପ୍ରଭାବ ପକାଉଛି, ଯାହା ପାରମ୍ପରିକ ଶ୍ରେଣୀ କକ୍ଷଗୁଡ଼ିକୁ ପରିବର୍ତ୍ତନ କରି ଏମିତି ଏକ ସ୍ଥାନରେ ପରିଣତ କରୁଛି ଯେଉଁଠାରେ କୌତୁହଳ ଓ କଳ୍ପନାଶୀଳତା ଶିକ୍ଷା ସ୍ଥାନ ପାଉଛି । ଡମ୍ବରୁ ପ୍ରାୟ ୧୫୦ ଜଣ ବିଭିନ୍ନ ବିଦ୍ୟାଳୟର ପ୍ରମୁଖ ଶିକ୍ଷାଦାତା ମାନଙ୍କୁ ପୂଜ୍ୟ ପୂଜାର ପରମ୍ପରା ଅନୁଯାୟୀ ସମ୍ମାନୀତ କରିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ସଂସ୍କୃତ ଲେଖକ ତଥା ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ସତପଥୀ, ସମ୍ମାନୀତ ଅତିଥି ଭାବେ ଡ଼ଃ ହୃଷିକେଶ ସେନାପତି (ପୂର୍ବତନ ନିର୍ଦ୍ଦେଶକ, ଏନ୍ ସି ଆର୍ ଟି), ଲଳିତ କୁମାର ହିମାଂଶୁ (ଉପସଚିବ, ସି ବି ଏସ୍ ସି, ଭୁବନେଶ୍ୱର), ଡ଼ଃ ପି. ସି. ମହାନ୍ତି (ଚେୟାରମ୍ୟାନ୍, ଡ଼ଃ ପ୍ରିୟଦର୍ଶୀ ନାୟକ (ଚେୟାରମ୍ୟାନ୍, ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପୂର୍ବ ଓଡିଶା), ଡ଼ଃ ଶ୍ରୀକାନ୍ତ ମିଶ୍ର (କବି ଏବଂ ପ୍ରଖ୍ୟାତ ଶିକ୍ଷାବିତ୍), ଡ଼ଃ ଆର. ଏନ୍. ଲେଙ୍କା (ସି ଇ ଓ ଏବଂ ନିର୍ଦ୍ଦେଶକ, ପେଡାଗୋଜି, କ୍ରିଏଟ୍ - ଇଉନିସେଫ୍), ସ୍ନିଗ୍ଧା ମହାନ୍ତି (ନିର୍ଦ୍ଦେଶକ, ଡମ୍ବରୁ) ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟପାଳଙ୍କ ପୁଅକୁ ଗିରଫ, ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ଦାବିରେ

## ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜଭବନ ଘେରାଉ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ସରକାର ଆଜି ଓଡ଼ିଶାବାସୀଙ୍କ ଭାବାବେଗ ସହ ଖେଳ ଖେଳି ଆସୁଛନ୍ତି । ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ କିଛିଦିନ ତଳେ ରାଜଭବନ ସମ୍ମୁଖରେ ପ୍ରଦେଶ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିବା ଘଟଣା ଅନେକ ଦିନ ବିତିଯାଇଥିଲେ ମଧ୍ୟ ବିଜେପି ସରକାର ଚୁପ୍ ବସିଛନ୍ତି । ଏହାର ପ୍ରତିବାଦରେ ଆଜି ରାଜ୍ୟ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ପୁଅକୁ ତୁରନ୍ତ ଗିରଫ କରିବା ପ୍ରତିବାଦରେ ଶହ ଶହ ସଂଖ୍ୟକ ସମର୍ଥକମାନଙ୍କ ସହ ରାଜଭବନ ଘେରାଉ କରିଥିଲେ। ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ଓଡ଼ିଆ ଅସ୍ମିତା କଥା କହି ଲୋକମାନଙ୍କ ଆସ୍ଥା ପ୍ରକଟ କରିଥିଲେ । କିନ୍ତୁ ଆଜି ଏହା ସମ୍ପୂର୍ଣ୍ଣ ମିଥ୍ୟା ପାଲଟିଛି। ଓଡ଼ିଆ ଅଫିସର ଆଜି ସୁରକ୍ଷିତ ନାହାଁନ୍ତି, ଯଦି ରାଜ୍ୟ ସରକାର ତୁରନ୍ତ ରାଜ୍ୟପାଳଙ୍କ



ପୁଅକୁ ଗିରଫ ନକରି ଓଡ଼ିଆ ଅସ୍ମିତାର ପରିଚୟ ନ ଦିଅନ୍ତି ଓ ରାଜ୍ୟପାଳଙ୍କୁ ପ୍ରତ୍ୟାହାର ନକରନ୍ତି ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ଏ ବିଜେପି ସରକାରର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କ ରାଜରାସ୍ତାରେ ବିରୋଧ କରାଯିବ ବୋଲି ସେ କହିଛନ୍ତି । ଏହି ରାଜଭବନ ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ୟାସିର ନୱାଜ, ସୁଦୀପ ସାମଲ, ମନୋଜ ବିଶ୍ୱାଳ, ନିହାର ରଞ୍ଜନ ବେହେରା, ଅଜୟ ସାହୁ, ଉଦିତ ପ୍ରଧାନ, ମହମ୍ମଦ ଗୁଲଫାମ, ସାହରୁଖ ଖାନ, ବଟକୃଷ୍ଣ ରାଉତରାୟ, ଲିପିକା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଫ୍ଲିପକାର୍ଟ ଅଫିସରୁ ଲକ୍ଷାଧିକ ଟଙ୍କା, ମୋବାଇଲ ଲୁଟ

କାକଟପୁର (ସବ୍ୟୁ) , ଶାରଦୀୟ ପାର୍ବଣ ପୂଜାର ଅବ୍ୟବହିତ ପୂର୍ବରୁ ପୁରୀଜିଲ୍ଲା କାକଟପୁର ଥାନା ପୋଲିସକୁ ଅପରାଧି ମାନେ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ରବିବାର ରାତ୍ର ୧୦ଟାରେ କାକଟପୁର ବଜାର ଠାରୁ ଅନତି ଦୂରରେ ବଲରା ଛକ ଠାରେ ଥିବା ଫ୍ଲିପକାର୍ଟ ଅଫିସରେ ୨ ଜଣ ଦୁର୍ବୃତ୍ତ ମୁଣ୍ଡରେ ହେଲମେଟ, ମୁହଁରେ ମୁଖା ଏବଂ ହାତରେ ବନ୍ଧୁକ ଧରି ଅଫିସ ଭିତରକୁ ପଶି ଡ୍ୟୁଟିରେ ଥିବା କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲକ୍ଷାଧିକ ଟଙ୍କା, ୨ ଟି ମୋବାଇଲ ଫୋନ ଏବଂ ସିସିଟିଭି ଡିଭିଆର ନେଇ ଖସି ଚାଲିଯାଇଛନ୍ତି। ଘଟଣାକୁ ନେଇ କାକଟପୁର ଥାନା ପୋଲିସ ଫ୍ଲିପକାର୍ଟ ଅଫିସ ର କର୍ମଚାରୀଙ୍କ ଠାରୁ ଲିଖିତ ଅଭିଯୋଗ ପାଇବାପରେ ଘଟଣା ସ୍ଥଳରେ ଛାନଭିନ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇନାହିଁ। ଘଟଣା ସ୍ଥଳରେ ପୁରୀ ସାଇଣ୍ଟିଫିକ ଟିମ ଏବଂ ସାଇବର ଏକ୍ସପର୍ଟ ପହଞ୍ଚି ତଦନ୍ତ କରି ଫେରିଥିବାବେଳେ,ଏ ସଂକ୍ରାନ୍ତରେ ଥାନା କେଶ ନମ୍ବର ୨୦୪/୨୪ ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ବୋଲି କାକଟପୁର ଥାନା ପୋଲିସ ଠାରୁ ପ୍ରକାଶ । ଏଠାରେ ସୂଚନା ଥାଉକି ଗତ ସେପ୍ଟେମ୍ବର ମାସ ୧୬ ତାରିଖ ସନ୍ଧ୍ୟା ୭ ଟାରେ କାକଟପୁର ଥାନା ଅଧିନସ୍ଥ କୁଣ୍ଡେଇ ହାଟ ଛକ ଠାରେ ଥିବା ସାହୁ ଜୁଏଲାରୀ ର ମାଲିକ ନିରଞ୍ଜନ ସାହୁଙ୍କୁ ୨ ଜଣ ଦୁର୍ବୃତ୍ତ ଗୁଳି କରି ଖସିଯିବା ଏବଂ ୨୦ ଦିନ ବିତିଯାଇଥିଲେ ମଧ୍ୟ ଅପରାଧିଙ୍କ ଟେର ପାଇନଥିବାବେଳେ ଆଉ ଏକ ବନ୍ଧୁକ ମୁନରେ ଲୁଟ ଘଟଣା କାକଟପୁର ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜବରଦଖଲ ମୁକ୍ତ ହେଲା ହାଟସାହିର ପୁରାତନ ମେଳନ ପଡିଆ



ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ରଣସିଂହପୁର ଗ୍ରାମପଞ୍ଚାୟତ ଅଧିନରେ ଥିବା ମୌଜା ସରକନ୍ତରା/ହାଟସାହିରେ ଥିବା ବହୁ ପୁରାତନ ମେଳନ ପଡିଆ ବହୁବର୍ଷ ଧରି ଜବରଦଖଲକାରୀଙ୍କ ଅଧିନରେ ରହିଥିଲା । ଫଳରେ ଦୋଳପର୍ବ ପାଳନ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେବେ ସୋମବାର ଭୁବନେଶ୍ୱର ତହସିଲଦାର, ଅତିରିକ୍ତ ତହସିଲଦାର, ସୁପରଭାଇଜର ଓ ପାତ୍ରପଡା ରାଜସ୍ୱ ଅଧିକାରୀ ଓ ଖଣ୍ଡଗିରି ଥାନା ଅଧିକାରୀଙ୍କ ଦ୍ୱାରା ଏହି ମେଳନ ପଡିଆ ଜବତଦଖଲକାରୀଙ୍କ କବଳରୁ ଉଚ୍ଛେଦ କରାଯାଇଛି । ଏ ଦିଗରେ ଗ୍ରାମବାସୀଙ୍କ ଉଦ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ମେଳନ ପଡିଆ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର କରାଯାଇଥିବାରୁ ଗ୍ରାମବାସୀଙ୍କ ତରଫରୁ ପ୍ରଶାସନକୁ ଧନ୍ୟବାଦ ଦିଆଯାଇଛି ।

## ବ୍ୟାଙ୍କ ଅଫ୍ ବରୋଦା ତରଫରୁ ମେଧାବୀ ବିଦ୍ୟାର୍ଥୀ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ଉତ୍କଳ ବିଶ୍ୱ ବିଦ୍ୟାଳୟର ଏମ୍.ଏ (ହିନ୍ଦୀ) ବିଭାଗର ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କରାଯାଇଥିଲା। ଏହି ପୁରସ୍କାର ଉତ୍କଳ ବିଶ୍ୱ ବିଦ୍ୟାଳୟର ହିନ୍ଦୀ ବିଭାଗର ସଂଯୋଜକ ବ୍ରଜ ସୁନ୍ଦର ମିଶ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀଗଣ ଏବଂ ବିଶ୍ୱ ବିଦ୍ୟାଳୟର ଅଧାପକମାନେ ଉପସ୍ଥିତ ଥିଲେ। ଏହି



ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନା ଉତ୍କଳ ବିଶ୍ୱ ବିଦ୍ୟାଳୟର ଏମ୍.ଏ (ହିନ୍ଦୀ) ବିଭାଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୌମ୍ୟା ସୁଚରିତା ଓ ବିଷ୍ଣୁ ପ୍ରସାଦ ମଲ୍ଲିକଙ୍କୁ ଯଥାକ୍ରମେ ୧୧,୦୦୦ ଓ ୭,୫୦୦ ଟଙ୍କାର ନଗଦ ପୁରସ୍କାର ରାଶି ସହିତ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଡିଜିଟାଲ ଉତ୍ପାଦ ଓ ସାଇବର ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ ମେଧାବୀ ବିଦ୍ୟାର୍ଥୀ ସମ୍ମାନ ଯୋଜନା ବ୍ୟାଙ୍କ ଦ୍ୱାରା ୨୦୦୬ ମସିହାରେ ଆରମ୍ଭ ହୋଇଥିଲା। ଯୁବ ପିଢ଼ୀଙ୍କ ମଧ୍ୟରେ ହିନ୍ଦୀ ଭାଷାକୁ ଲୋକପ୍ରିୟ କରାଇବା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନା ଅନ୍ତର୍ଗତ ବ୍ୟାଙ୍କ ତରଫରୁ ସମଗ୍ର ଦେଶରେ ୭୧ ଟି ବିଶ୍ୱ ବିଦ୍ୟାଳୟର ଏମ୍.ଏ (ହିନ୍ଦୀ) ବିଭାଗର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମେଧାବୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ବ୍ୟାଙ୍କ ଅଫ୍ ବରୋଦାର ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଯୋଡିହେଲେ ସଚିନ୍ ତେନ୍ଦୁଲକର

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ କ୍ରିକେଟ୍ କିମ୍ବଦନ୍ତୀ ପୁରୁଷ ସଚିନ ତେନ୍ଦୁଲକରଙ୍କୁ ବ୍ୟାଙ୍କର ଗ୍ଲୋବାଲ ଆମ୍ବାସାଡାର ଭାବେ ସ୍ୱାକ୍ଷର କରାଯାଇଛି। ବ୍ୟାଙ୍କ ଅଫ୍ ବରୋଦା ଏହାର ରୂପାନ୍ତରଣ ଯାତ୍ରା ସମୟରେ ଏହି ସହଯୋଗିତା ବଳରେ ସଚିନଙ୍କ ବ୍ରାଣ୍ଡ୍ ଚମକକୁ ବ୍ୟବହାର କରି ଅଭିବୃଦ୍ଧି ତ୍ୱରାନ୍ୱିତ କରିବ। ସଚିନଙ୍କୁ ନେଇ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପ୍ଲେ ଦି ମାଷ୍ଟର ଷ୍ଟ୍ରୋକ୍ ଅଭିଯାନର ଶୁଭାରମ୍ଭ କରାଯାଇଛି। ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି କୋଟି କୋଟି ଲୋକଙ୍କ ବିଶ୍ୱାସ ଜିତିଥିବା ବ୍ୟାଙ୍କକୁ ଚୟନ କରି ମାଷ୍ଟର ଷ୍ଟ୍ରୋକ୍ ଖେଳିବା ଏବଂ ନିଜର ଆର୍ଥିକ ଅଭିଳାଷକୁ ପରିପୂର୍ଣ୍ଣ କରିବା ପାଇଁ ଏହି ଅଭିଯାନରେ ଭାଗ ନେବାକୁ ଲୋକମାନଙ୍କୁ ଉତ୍ସାହିତ କରାଯଉଛି। ଦେଶର କୋଣ ଅନୁକୋଣରେ ସଚିନଙ୍କୁ ଲୋକ ଭଲପାଉଥିବାରୁ ବ୍ୟାଙ୍କ ଅଫ୍ ବରୋଦାର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ତାଙ୍କୁ ବ୍ୟାଙ୍କର ସମସ୍ତ ଅଭିଯାନ, ଆର୍ଥିକ ସାକ୍ଷରତା ଓ ଠକେଇ ପ୍ରତିରୋଧକୁ ନେଇ ଆୟୋଜନ କରାଯାଉଥିବା ଗ୍ରାହକ ସଚେତନତା କାର୍ଯ୍ୟକ୍ରମ, ଗ୍ରାହକ ଓ କର୍ମଚାରୀ ସଂପୃକ୍ତି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିବ। ଏହି ସହଯୋଗିତାରେ ବ୍ୟାଙ୍କ ଅଫ୍ ବରୋଦା ସହ ସହଯୋଗିତା କରିବା ହେଉଛି ମୋ ପାଇଁ ଗୌରବର ବିଷୟ ବୋଲି ସଚିନ ତେନ୍ଦୁଲକର କହିଛନ୍ତି। ବ୍ୟାଙ୍କ ଅଫ୍ ବରୋଦା ଉତ୍କର୍ଷତା, ସଚ୍ଚୋଟତା, ଅଭିନବତା ଓ ଗ୍ରାହକକୈନ୍ଦ୍ରିକ ନୀତି ଉପରେ ଗଠନ କରାଯାଇଛି ବୋଲି ତେନ୍ଦୁଲକର କହିଛନ୍ତି। ଏହି ମୂଲ୍ୟବୋଧଗୁଡିକୁ ମୁଁ ବିଶ୍ୱାସ କରେ ଓ ଏହା ଯେ କୌଣସି ପ୍ରୟାସର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, ଭାରତର ଅନ୍ୟତମ କ୍ରୀଡା କିମ୍ବଦନ୍ତୀ ପୁରୁଷ ସଚିନ ତେନ୍ଦୁଲକରଙ୍କୁ ବ୍ୟାଙ୍କର ଆମ୍ବାସାଡାର ଭାବେ ଘୋଷଣା କରିବା ହେଉଛି ବ୍ୟାଙ୍କ ପାଇଁ ଗର୍ବର ମୂହର୍ତ୍ତ ।

## କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କର୍କଟ ପୀଡିତ ବାଳକଙ୍କୁ ରିଲିଫ୍ ସମଗ୍ରୀ ବଣ୍ଟନ



ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ କେ-୯ଏ, କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ,ଭୁବନେଶ୍ୱର ତରଫରୁ ପାତ୍ରପଡାସ୍ଥିତ ଉମିଦୀନ ଆଶ୍ରୟସ୍ଥଳରେ ରହୁଥିବା କର୍କଟ ପିଡୀତ ବାଳ ଅନ୍ତେବାସୀ ମାନଙ୍କୁ ତଥା ପିଡୀତ ମାନଙ୍କ ମାତା ପିତାମାନଙ୍କୁ ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ସୌଜନ୍ୟରୁ ପ୍ରାପ୍ତ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା । ତତ୍ପରେ କେ-୯ଏ ,କଳିଙ୍ଗ ନଗର,କଲୋନୀ ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ସଭାପତି ଦିଲ୍ଲୀପ କୁମାର ସାହାଣୀଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ବରିଷ୍ଠ ନାଗରିକ ମଞ୍ଚର ଉପ ସଭାପତି ଲକ୍ଷ୍ମୀଧର ପୃଷ୍ଟି, କୋଷାଧ୍ୟକ୍ଷ ଧ୍ରୁବ ଚରଣ ରାଉତରାୟ, କାର୍ଯ୍ୟକାରୀ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ଶ, ନିତ୍ୟାନନ୍ଦ ନାୟକ, ପ୍ରତାପ କୁମାର ନାୟକ ଏବଂ ମଞ୍ଚର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ କଲୋନୀରେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଦୈନନ୍ଦିନ ଜୀବନରେ ଘରୋଇ କାର୍ଯ୍ୟରେ ସହାୟତା ପ୍ରଦାନ କରୁଥିବା ଅଭାବୀ ସେବକ ମାନଙ୍କୁ ମଧ୍ୟ ଉକ୍ତ ରିଲିଫ ସାମଗ୍ରୀ ବଣ୍ଟନ କରା ଯାଇଥିଲା ।

## ଅହଙ୍କାର କାରଣରୁ ଓଡ଼ିଆ ଲୋକଙ୍କ ନିଷ୍ପତିକୁ ସହ୍ୟ କରିପାରୁନି ବିଜେଡ଼ି : ସମୀର

ଭୁବନେଶ୍ୱର, (ସବ୍ୟୁ): ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଜେଡି ଦଳ ପରାଜୟ ପରେ ହତୋତ୍ସାହିତ ହୋଇପଡିଛନ୍ତି । ଓଡ଼ିଆ ଲୋକଙ୍କ ନିଷ୍ପତିକୁ ନିଜ ଅହଙ୍କାର କାରଣରୁ ସ୍ୱୀକାର କରିପାରୁନାହାନ୍ତି ବୋଲି ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ବିଜେପିର ଲୋକକଲ୍ୟାଣକାରୀ ଯୋଜନାରେ ଈର୍ଷାନ୍ୱିତ ହୋଇ ବିଜେଡି ନେତା ଏଭଳି ମନ୍ତବ୍ୟ ଦେଇଛନ୍ତି । ଗତ ସାଧାରଣ ନିର୍ବାଚନ ସମୟରେ ବିଜେଡି ଶ୍ରୀ ଆଚାର୍ଯ୍ୟଙ୍କୁ ଦଳରୁ କୋଣଠେସା କରି ଟିକେଟ୍ ଦେଉନଥିଲା? ଏ କଥାକୁ ବୋଧେ ସେ ଭୁଲି ଯାଉଛନ୍ତି । ବିଜେଡି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ଶ୍ରୀ ଆଚାର୍ଯ୍ୟ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ନା ପାର୍ଟିରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏପରି ମନ୍ତବ୍ୟ ଦେଉଛନ୍ତି ? ଯଦି ନବୀନ ବାବୁଙ୍କ ପ୍ରତି



ଲୋକପ୍ରିୟତା ଥିଲା ବୋଲି ସେ କହୁଛନ୍ତି ତେବେ ନିକଟ ସାଧାରଣ ନିର୍ବାଚନରେ ନବୀନ ବାବୁ ଲଢୁଥିବା କଂଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୧୬,୩୪୪ଟି ଭୋଟ୍ ବ୍ୟବଧାନରେ ହାରିଲେ କେମିତି? ଦୀର୍ଘ ୨୪ ବର୍ଷ ଧରି ଲୋକଙ୍କୁ ପ୍ରତାରିତ କରିବା ତଥା ପ୍ରତିଶ୍ରୁତି ପୂରଣ ନ କରିବା ପରାଜୟର କାରଣ ନୁହେଁ କି? ନବୀନ ବାବୁ କ୍ରମାଗତ ଭାବେ ନିଜର ଆସ୍ଥା ଓ ବିଶ୍ୱାସ ଓଡ଼ିଶାବାସୀଙ୍କ ଠାରୁ ହରାଇ ବସିଛନ୍ତି । ଏହି କଥାକୁ ଶ୍ରୀ ଆଚାର୍ଯ୍ୟ ଗ୍ରହଣ କାହିଁକି କରୁନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ବିଜେପି ସରକାର ଗଠନର ଶହେ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତିକୁ ଅବିଳମ୍ବେ ପାଳନ କରୁଛି। ବିଜେପିର ଲୋକପ୍ରିୟତା ନେଇ ବିଜେଡି ନେତାଙ୍କୁ ଚିନ୍ତା ଘାରିବା ସ୍ୱାଭାବିକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ସୋଆ ପକ୍ଷରୁ ବିଶ୍ୱ ପ୍ରାଣୀ ଦିବସ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍), ଓଡିଶା ଲାଇଭଷ୍ଟକ୍ ଡେଭେଲମେଂଟ ସୋସାଇଟି (ଓଏଲ୍‌ଡିଏସ୍) ଏବଂ ଓଡିଶା ଭେଟେରିନାରୀ କାଉନ୍‌ସିଲ୍‌ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଦିନ ସୋଆ କ୍ୟାମ୍ପସ୍- ୪ ପରିସରରେ ବିଶ୍ୱ ପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ମନୁଷ୍ୟ ଓ ପ୍ରାଣୀ ଉଭୟ ପରସ୍ପର ସହିତ ଓତଃପ୍ରୋତ ଭାବରେ ଜଡିତ।

ପ୍ରାଣୀମାନେ ମଣିଷମାନଙ୍କ ପାଇଁ ଖୁବ୍ ବିଶ୍ୱସ୍ତ। ସେମାନେ କଥା କହିପାରନ୍ତି ନାହିଁ ସତ କିନ୍ତୁ ନିଜର କାର୍ଯ୍ୟକଳାପ ମାଧ୍ୟମରେ ନିଜର ଭାବନାକୁ ପରିପ୍ରକାଶ କରିଥାଆନ୍ତି । ପ୍ରାଣୀମାନଙ୍କ ଯତ୍ନ ନେବା ମନୁଷ୍ୟମାନଙ୍କର ପ୍ରଥମ କର୍ତବ୍ୟ ହେଉ ବୋଲି ସେ କହିଥିଲେ ।



ଏହି ଅବସରରେ ସମ୍ମାନିତ ଅତିଥି ଭାବେ ନ୍ୟାସ୍‌ନାଲ୍ ଡାଏରୀ ଡେଭେଲମେଂଟ ବୋର୍ଡ (ଏନ୍‌ଡିଡିବି)ର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଦିଲୀପ ରଥ ଯୋଗ ଦେଇଥିଲେ । ସେ କହିଥିଲେ ଯେ ଆଜିକାଲି ପ୍ରାଣୀ ଜଗତକୁ ସୁରକ୍ଷିତ ପରିବେଶ ଯୋଗାଇ ଦେବାରେ ମାନବ ଜାତି ଯତ୍ନବାନ ହେବା ଦରକାର। ଚଳିତ ବର୍ଷର ଥିମ୍ - ' ବିଶ୍ୱ ହେଉଛି ପ୍ରାଣୀମାନଙ୍କର ଉତମ ବାସସ୍ଥାନ' - ଉପରେ ସମଗ୍ର ବିଶ୍ୱରେ ପ୍ରାଣୀମାନଙ୍କର ମଙ୍ଗଳ ସାଧନ ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ଦରକାର ବୋଲି ଡକ୍ଟର ରଥ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ଭେଟେରିନାରୀ କାଉନ୍‌ସିଲ୍‌ର ସଭାପତି ଡାକ୍ତର ରୁଦ୍ର ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ଅବସରରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଭିନ୍ନ କ୍ଷେତ୍ରର ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡିନ୍ ଡାକ୍ତର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏଲ୍‌ଡିଏସ୍‌ର ସେକ୍ରେଟେରୀ ଡକ୍ଟର ବୀର କିଶୋର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ ଧକ୍କାରେ ସାଇକେଲ ଆରୋହୀ ମୃତ

ଅନୁଗୋଳ (ସବ୍ୟୁ ) ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହେମସୁରପଡା ଛକରେ ସାଇକେଲ ଆରୋହୀଙ୍କୁ ଚାପି ଦେଲା ଟ୍ରକ । ଘଟଣାସ୍ଥଳରେ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିଲା । ସୂଚନା ଯେ ଆଜି ସକାଳ ୮ ଟା ସମୟରେ ଗାନ୍ଧିମାର୍ଗରେ ହେମସୁରପଡା ଦେଇ ରାଜ ହୋଟେଲ ଆଡକୁ ଯାଉଥିବା ଏକ ୧୦ ଚକିଆ ଟ୍ରକ ଜଣେ ସାଇକେଲ ଆରୋହୀଙ୍କ ଉପରେ ଚଢ଼ି ଯାଇଥିଲା । ଯାହାଫଳରେ ଘଟଣା ସ୍ଥଳରେହିଁ ତାଙ୍କର ମୃତ୍ୟୁ ହୋଉଯାଇଥିଲା । ମୃତକ ଜଣକ ହେଲେ ଅନୁଗୋଳ ଜିଲ୍ଲା ଜରାପଡ଼ା ଥାନା ଅନ୍ତର୍ଗତ ବିମଲବେଡା ଗାଁର ରବୀନ୍ଦ୍ର ସେଠୀଙ୍କ ପୁଅ ବିତ ସେଠୀ (୩୦)ଛ ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାକୁ ଅବରୋଧ କରାଯାଇଥିଲାଛ ଖବର ପାଇ ଟାଉନ ଥାନା ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ।

### ବେଦାନ୍ତ ଆଲୁମିନିୟମ ରାଷ୍ଟ୍ରୀୟ ପୋଷଣ ମାସ

## ୨୦୨୪ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ପଦକ୍ଷେପକୁ ସୁଦୃଢ କରିଛି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଜାତୀୟ ପୁଷ୍ଟିମାସ ୨୦୨୪ ପାଳନ କରିଥିଲା ଓ ଏହା ଥିଲା ସଂପୂର୍ଣ୍ଣ ଗୋଷ୍ଠୀ କଲ୍ୟାଣ ଭଡିକା। ଏହି ଅଭିଯାନରେ ଶିଶୁ, କିଶୋର ଓ ମା ମାନଙ୍କ ପାଇଁ ସନ୍ତୁଳିତ ଖାଦ୍ରର ମହତ୍ୱ ଓ ପୁଷ୍ଟିକର ଖାଦ୍ୟ ନିଶ୍ଚିତ କରିବା ଲାଗି କମ୍ପାନି ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ଏହି ମାସକୁ ଭାରତ ସରକାର ପାଳନ କରନ୍ତି ଓ ଏହି ବର୍ଷର ମାସର ଶୀର୍ଷକ ହେଉଛି ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ। ଏହି ପଦକ୍ଷେପ ସଂପର୍କରେ ମତ ଦେଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ, ସୁନୀଲ ଗୁପ୍ତା କହିଛନ୍ତି ଯେ ଆମ ଗୋଷ୍ଠୀର କଲ୍ୟାଣ ପାଇଁ ପୁଷ୍ଟିକର ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଆମେ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଉତ୍ସର୍ଗୀକୃତ। ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ପୁଷ୍ଟିକର ଖାଦ୍ୟ ବିଷୟରେ ସଚେତନ ସୃଷ୍ଟି କରିବା ଓ ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ ପ୍ରତି ଆମର ପ୍ରତିବଦ୍ଧତା ଓ ସଭିଙ୍କୁ ସୁସ୍ଥ ରଖିବା ପ୍ରତି ଆମର ଭବିଷ୍ୟତ ଦୃଷ୍ଟିକୋଣ ପ୍ରତିଫଳିତ । ଭରତ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ବାଲକୋ) ଯିଏକି ଭାରତର ପ୍ରତିଷ୍ଠିତ ଆଲୁମିନିୟମ ଉତ୍ପାଦକ ତଥା ବେଦାନ୍ତର ଏକ ଅଂଶ ପୋଶଣ ମାସ ଅନ୍ତର୍ଗତ ନନ୍ଦଘର ଓ ଅଙ୍ଗନବାଡ଼ି



କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ତଥା ସ୍ୱାସ୍ଥ୍ୟ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ଲାଗି ହୋମ ରେସନ ନିଅନ୍ତୁ ରେସିପି ତାଲିମ ସହିତ ମା ମାନଙ୍କ ପାଇଁ ସୁସ୍ଥ ଖାଦ୍ୟ ଅଭ୍ୟାସ ଉପରେ ଉତ୍ସାହ ସୃଷ୍ଟି ପାଇଁ କିଛେନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶିଶୁମାନଙ୍କ ସ୍ୱାସ୍ଥ୍ୟ ଯାଂଚ ସହ ସମସ୍ୟା ଗୁଡ଼ିକର ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ପୁଷ୍ଟିକର ଖାଦ୍ୟର ମହତ୍ୱ ବିଷୟରେ ପରାମର୍ଶ ଦିଆଯାଇଥିଲା । ୩୦ ସେପଟ୍ମେବର ୨୦୨୪ ରେ ପୋଶଣ ମାହ ସମାପନ ସମାରୋହରେ ଏହି ପ୍ରୟାସକୁ ପାଳନ କରି ଚାମ୍ପିଅନ୍ ମା ମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଚିରସ୍ଥାୟୀ ପୁଷ୍ଟିକର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପୋଶାଣ ବାର୍ତା ଭିଡିଓ ସିରିଜ୍ ଏବଂ 'ପୋଶାନ୍ ପାତ୍ରିକା' ସମ୍ବାଦପତ୍ର ଉନ୍ମୋଚନ ମଧ୍ୟ କରାଯାଇଥିଲା । ବେଦାନ୍ତ ଲାଞ୍ଜିଗଡର କାର୍ଯ୍ୟ ପରିଚାଳନାରେ ଶିଶୁ, କିଶୋର ଓ ମା ମାନଙ୍କ ପାଇଁ ଭାରତ ସରକାରଙ୍କ ଥିମ ଅନୁଯାୟୀ ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସହ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ପସନ୍ଦକୁ ଗୁରୁତ୍ୱ ଦିଆଯାଇଥିଲା। ଜିରୋ କ୍ଷୁଧା ଓ ଉତମ ସ୍ୱାସ୍ଥ୍ୟର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଖାଦ୍ୟ ପ୍ରଦର୍ଶନୀ, ରନ୍ଧନ ପ୍ରତିଯୋଗିତା ଓ ସ୍ୱାସ୍ଥ୍ୟ ସମ୍ବେଦନଶୀଳ ଅଭିଯାନ ଅନ୍ତର୍ଭୁକ୍ତ ରହିଥିଲା। ଏହା ସହ ପେହେଲି ଉଡ଼ାନ ପ୍ରକଳ୍ପରେ କିଶୋର ସ୍ୱାସ୍ଥ୍ୟକୁ ସମ୍ବୋଧିତ କରି ପନିପରିବା ବଗିଚା କରିବା, ଗୋଷ୍ଠୀରେ ରକ୍ତହୀନତା ଦୂର କରିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ୭୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଝାରସୁଗୁଡ଼ାରେ କମ୍ପାନି ଜିଲ୍ଲା କଲ୍ୟାଣ ଅଧିକାରୀଙ୍କୁ ୧୭୫୦୦ୟୁନିଟ ମିଲେଟ ପ୍ରୋଟିନ ଯୋଗାଇ ଦେଇଛି, ଯାହାକୁ ୧୭୫ଟି ନନ୍ଦଘର ଗୁଡ଼ିକ ମାଧ୍ୟମରେ ମା ଓ ଶିଶୁ ମାନଙ୍କୁ ଯୋଗାଇ ଦିଆଯାଇଛି।

## ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର ସ୍ଥାୟୀ ଜମା ଯୋଜନା ୟୁକୋ ୩୩୩ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ୟୁକୋ ବ୍ୟାଙ୍କ ସୀମିତ ସମୟ ପାଇଁ ଏହାର ୩୩୩ ଦିନିଆ ୟୁକୋ ୩୩୩ ଡିପୋଜିଟ୍ ସ୍କିମ୍‌ର ଶୁଭାରମ୍ଭ କରିଅଛି। ଏହି ସ୍କିମ୍ ୩ କୋଟିରୁ କମ୍ ଘରୋଇ ରିଟେଲ୍ ମିଆଦୀ ଜମା ପାଇଁ ପ୍ରଯୁଜ୍ୟ ଅଟେ। ଏହି ସ୍କିମ୍ ଅନ୍ତର୍ଗତ ବାର୍ଷିକ ଶତକଡା ୭.୩୦ ପ୍ରତିଶତ ସର୍ବାଧିକ ସୁଧହାରରେ ସର୍ବସାଧାରଣଙ୍କୁ ଓ ବାର୍ଷିକ ଶତକଡା ୭.୫୫ ପ୍ରତିଶତ ସର୍ବାଧିକ ସୁଧହାରରେ ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ କରାଯିବ ଯାହା ଦ୍ୱାରା ସେମାନେ ଜମା ରାଶି ଉପରେ ଅଧିକ ସୁଧ ହାର ଫେରସ୍ତ ପାଇବେ। ୟୁକୋ ୩୩୩ ସ୍କିମ୍‌ର ସୁଧହାର ରାଷ୍ଟ୍ରାୟନ୍ତ ବ୍ୟାଙ୍କ ଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ସୁଧ ହାର ମଧ୍ୟରେ ସର୍ବୋତ୍ତମ ଅଟେ। ବ୍ୟାଙ୍କ ତରଫରୁ ଏହାର ବର୍ତ୍ତମାନ ଓ ନୂତନ ଗ୍ରାହକମାନଙ୍କ ମଧ୍ୟରେ ଏହି ସ୍କିମ୍‌କୁ ପ୍ରୋତ୍ସାହିତ କରାଯାଉଛି।

## ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ସବ୍ୟୁ): ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ ଓଡିଶା ଶାଖା ର ୪୦ ତମ ପ୍ରତିଷ୍ଠା ଦିବସ ୬ତାରିଖରେ ସ୍ଥାନୀୟ ୟୁନିୟନ ବ୍ୟାଙ୍କ କ୍ଷେତ୍ରିୟ କାର୍ଯ୍ୟାଳୟ ନୟାପଲ୍ଲୀ ପ୍ରାଙ୍ଗଣରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସଂଘର ପତାକା ଉତ୍ତୋଳନ କରା ଯାଇଥିଲା ଓ ସମସ୍ତ ସଭ୍ୟ ଶପଥ ପାଠ କରିଥିଲେ । ଏହି ଉପଲକ୍ଷେ ସଂଘ ତରଫରୁ କଟକ ତେଲେଙ୍ଗାପେଣ୍ଠ ସ୍ଥିତ ସଖା ଅନାଥାଶ୍ରମ କୁ ଏକ ଏୟାର କୁଲର ପ୍ରଦାନ କରଯାଇଥିଲା । ଏହା ପରେ ଏକ ବକୃତା ପ୍ରତିଯୋଗୀତା ଏମ୍ସ ନିକଟସ୍ଥ ସେଣ୍ଟ ଜ୍ୟାଭିଏର ହାଇ ସ୍କୁଲ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା । ଏହି ଅବସରରେ ପିଲା ମାନଙ୍କୁ ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ ର ସାଧାରଣ ସମ୍ପାଦକ ଅମିତାଭ ଦାସ ଉଦ୍‌ବୋଧନ ଦେବା ସହ ଆଗକୁ ଉନ୍ନତୀ କରିବା ପାଇଁ ପ୍ରେରଣା ଦେଇଥିଲେଛଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘରସଭାପତି ବଇଲୋଚନ ସାହୁ, ଏସବିଆଇ ଅଧିକାରୀ ସଂଘ ର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋଇ ଏବଂ ସହବନ୍ଧିତ ସାଧାରଣ ସମ୍ପାଦକ ଗୌରୀ ଶଙ୍କର ଚୌଧୁରୀ, କମଳଜୀତ ମହାପାତ୍ର, ଏସ ଏନ ତ୍ରିପାଠୀ, ସୌମେନ୍ଦ୍ର ସାହୁ ଓ ସୁଧାଂଶୁ ଶେଖର ସେଠୀ ଉପସ୍ଥିତ ଥିଲେ ।

### ପାଲେଷ୍ଟାଇନରେ ଗଣହତ୍ୟାର ଏକ ବର୍ଷ

# ଯୁଦ୍ଧ ବନ୍ଦ ପାଇଁ ସିପିଆଇର ଦାବି




ବ୍ରହ୍ମପୁର, (ସବ୍ୟୁ): ପାଲେଷ୍ଟାଇନ ଉପରେ ଇସ୍ରାଇଲର ଆକ୍ରମଣ ଏକ ବର୍ଷ ପୂରଣ ହୋଇଛି। ଏକ ବର୍ଷରେ ମଧ୍ୟରେ ପାଲେଷ୍ଟାଇନର ୪୨ ହଜାର ଶିଶୁ, ମହିଳା ଓ ଅସହାୟ ଲୋକଙ୍କୁ ଇସ୍ରାଇଲ ହତ୍ୟା କରିଛି। ଯୁଦ୍ଧ ବନ୍ଦ କରିବା ପରିବର୍ତ୍ତେ ଇସ୍ରାଇଲ ଲେବାନନ ଓ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛି। ମଧ୍ୟପ୍ରାଚ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରୁଛି। ପାଲେଷ୍ଟାଇନର ଭିଟାମାଟି ଲଢ଼େଇକୁ ଦମନ କରିବା ସହିତ ପାଲେଷ୍ଟାଇନକୁ ଧ୍ୱଂସ ସ୍ତୁପରେ ପରିଣତ କରିବା ପାଇଁ ଘୋଷଣା କରିଛି। ଜାତିସଂଘ ଓ ଆନ୍ତର୍ଯ୍ୟାତୀୟ ନ୍ୟାୟାଳୟର ଯୁଦ୍ଧ ବନ୍ଦ କରିବା ଓ ମାନବୀୟ ସୁବିଧା ସୁଯୋଗ ଯୋଗାଇ ଦେବା ନିଷ୍ପତ୍ତିକୁ ବେଖାତିରି କରି ଚାଲିଛି। ଆମେରିକା ଓ ଅନ୍ୟାନ୍ୟ ରାଷ୍ଟ୍ରମାନେ ଇସ୍ରାଇଲକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଆସୁଛ। ସେମାନେ ମଧ୍ୟପ୍ରାଚ୍ୟର ତୈଳ ସମ୍ପଦ ଓ ଯୁଦ୍ଧ ଘାଟି ଉପରେ ସମସ୍ତଙ୍କ ଲୋଲୁପ ଦୃଷ୍ଟି ପଡିଛି। ତେଣୁ ଇସ୍ରାଇଲ ଯୁଦ୍ଧ ଚଳାଇ ରଖିଛି। ଆମ ଦେଶର ମୋଦି ସରକାର ଭାରତର ପ୍ରଚଳିତ ବୈଦେଶିକ ନୀତିର ବ୍ୟତିକ୍ରମ କରିଚାଲିଛି। ପାଲେଷ୍ଟାଇନର ଭିଟାମାଟି ଲଢ଼େଇକୁ ସଂହତି ଜଣାଇବା ପରିବର୍ତ୍ତେ ନରସଂହାରକାରୀ ଇସ୍ରାଇଲକୁ ସାହାଯ୍ୟ କରି ଚାଲିଛି। ଇସ୍ରାଇଲରେ ମଜୁରୀ ଖଟିବା ପାଇଁ ଭାରତରୁ ହଜାର ହଜାର ଯୁବକମାନଙ୍କୁ ପଠାଉଛି। ଏଥିପାଇଁ ବିଶ୍ୱରେ ଭାରତ ନିନ୍ଦିତ ହେଉଛି । ଇସ୍ରାଇଲର ଯୁଦ୍ଧଖୋରୀ ନୀତି ଯୋଗୁଁ ଆସନ୍ନ ବିଶ୍ୱ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ସେହିଭଳି ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ପାଇଁ ଭାରତ ସମେତ ତୈଳ ଆମଦାନୀ କାରୀ ଦେଶମାନେ ସାଙ୍ଘାତିକ କ୍ଷତି ସହୁଛନ୍ତି।ତେଣୁ ଅତିଶୀଘ୍ର ଯୁଦ୍ଧ ବନ୍ଦକରିବା ସହିତ ପାଲେଷ୍ଟାଇନବାସୀଙ୍କୁ ସ୍ୱାଧୀନ ରାଷ୍ଟ୍ର ଭାବେ କାର୍ଯ୍ୟ କରିବା ଅଧିକାର ଦେବା ପାଇଁ ଦାବୀ କରାଯାଇଛି। ଆଜିର ଏହି ସଂହତି କାର୍ଯ୍ୟକ୍ରମରେ ସିପିଏମର ଯୁଧିଷ୍ଠିର ବେହେରା, ବିଦ୍ୟାଧର ଜେନା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବିଷ୍ଣୁ ପ୍ରିୟା ସାହୁ, ବାପିନି ନାୟକ, ସିପିଆଇର ପ୍ରଦୀପ ସେଠୀ, ଫରୱାର୍ଡ଼ ବ୍ଲକର ସନ୍ତୋଷ ସାହୁ, ଆପର ଆଦିତ୍ୟ ରଥ, ବାବୁଲା ନାୟକ, ମଧୁ ବେହେରା, ଚିଟିବାବୁ, ରାଜା ରାଓ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

# ୧୦ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ

ବାରିପଦା, (ସବ୍ୟୁ) : ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ଅକ୍ଟୋବର ୧୦ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୋମବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଦୈନିକ ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶିପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡିଆ ସକାଳ ୫.୩୦ ଓ ଅପରାହ୍ନ ୩ଟାରେ ନୂତନ ୩୫ଟି ଖୋଲା ଜିପ୍ ବା ସଫାରୀ ଗାଡିରେ ୫ଘଣ୍ଟା ଲେଖାଏଁ ବୁଲିବାର ମଜା ନେବେ ପର୍ଯ୍ୟଟକ। ଉକ୍ତ ଦୁଇ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ ଟା ରୁ ୯ ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ବେଳେ, ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକ ମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ପର୍ଯ୍ୟଟକମାନେ ନେବା ଉପରେ କଟକଣା ଜାରି କରାଯାଇଛି । ଶିମିଳିପାଳରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀ ଯାପନ ପାଇଁ ପର୍ଯ୍ୟଟକ ମାନେ (ଡବ୍ଲୁଡବ୍ଲୁ ଡଟ୍ ଇକୋ ଟୁରିଜିମ୍ ଡଟ୍ କମ୍ ) ୱେବସାଇଟରେ ଅଗ୍ରୀମ ବୁକିଂ କରି ପାରିବେ। ପର୍ଯ୍ୟଟକ ମାନେ ୱେବସାଇଟରେ ଅଗ୍ରୀମ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି । ସୁରକ୍ଷିତ ଭାବେ ପର୍ଯ୍ୟଟକ ଜଙ୍ଗଲ ପରିବେଶରେ କିପରି ଜଙ୍ଗଲୀ ବନ୍ୟଜନ୍ତୁଙ୍କ ଚଳ ପ୍ରଚଳକୁ ପାଖରୁ ନିରେଖୁ ଦେଖିପାରିବେ ସେଥିପାଇଁ ସତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯାଇଛି। ବିଶେଷକରି ଯୁବପି ଓ ଛୋଟ ପିଲାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଦୁଃସାହସିକ କ୍ରୀଡାକୁ ଏଥିରେ ସାମିଲ କରାଯାଇଛି। ଶିମିଳିପାଳ ବୁଲିବାକୁ ପର୍ଯ୍ୟଟକଙ୍କ ପାଇଁ ମିନିବସ୍ ମଧ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହା ସହିତ ଅଭୟାରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ରହିଛି। ଯାହା ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ପ୍ରକୃତି ପ୍ରେମୀମାନେ କହିଛନ୍ତି ।




### ଓକିଲଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଥାନା ସମ୍ମୁଖରେ ଓକିଲଙ୍କ ଧାରଣା

ବୁଗୁଡା, (ସବ୍ୟୁ): ସ୍ୱଷ୍ଟ ଦିବାଲୋକରେ ରାସ୍ତା ମଝିରେ ବାଇକ୍ ଅଟକାଇ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ୧୪ ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତମାନଙ୍କୁ ଅଦ୍ୟାବଧି ପୋଲିସ ଗିରଫ କରିନପାରି ଖାଲି ହାତରେ ବସିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଆଜି ଓକିଲ ସଂଘ ପକ୍ଷରୁ ଥାନା ସମ୍ମୁଖରେ ଧାରଣାରେ ବସିବା ଯୋଗୁଁ ପରିସ୍ଥିତି ସରଗରମ ହୋଇଛି। ପ୍ରକାଶ ଥାଉ କି, ଗତ ସେପ୍ଟେମ୍ବର ୨୪ ତାରିଖ ସକାଳ ସାଢେ ଦଶଟା ସମୟରେ ଆଶିଷ ତାଙ୍କ ସ୍ତ୍ରୀଙ୍କୁ ନାଗିରି ଅଙ୍ଗନୱାଡି କେନ୍ଦ୍ରରେ ଛାଡି ମୋଟାବାଡିକୁ ଫେରୁଥିବା ବେଳେ ପୂର୍ବରୁ ଏକ ବାଇକରେ ଆସି ବାଟରେ ଛକିଥିବା ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅତର୍କିତ ଭାବେ ଲୁହାରଡରେ ଆକ୍ରମଣ କରିବା ସହ ମୋବାଇଲ୍ , ପର୍ସ ଓ ବାଇକ୍ ଡିକିରେ ଥିବା ଦରକାରୀ କାଗଜପତ୍ର ଲୁଟି ନେଇଥିଲେ । ଆକ୍ରମଣରେ ତାଙ୍କର ବାମ ହାତ ଭାଙ୍ଗିଥିବା ସହ ଅଣ୍ଟାରେ ପ୍ରବଣ ଗଭୀର ଆଘାତ ଲାଗିଥିଲା । ଏନେଇ ଓକିଲ ସଙ୍ଘ ପକ୍ଷରୁ ଲିଖିତ ଅଭିଯୋଗ ପରେ ପୋଲିସ କେସ ନଂ ୪୪୬ /୨୪ ଦଫା ୩୦୯ (୨)ରେ ଏକ ମାମଲା ରୁଜୁ କରିଥିଲା । ଗତ ୨୯ ତାରିଖରେ ଓକିଲ ସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ୭ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନଗଲେ ଆନ୍ଦୋଳନ ଚେତାବନୀ ଦେଇଥିଲେ । ତେବେ ଏଘଟଣାରେ ପୋଲିସ ଆଜି ପର୍ଯ୍ୟନ୍ତ କାହାରିକୁ ଗିରଫ କରି ନଥିବାରୁ ଓକିଲ ସଙ୍ଘ ସଭାପତି ବନବାସୀ ମହାରଣା, ସମ୍ପାଦକ ଦୁର୍ଗା ମାଧବ ପଣ୍ଡା, ସହ ସମ୍ପାଦକ ସିମାଞ୍ଚଳ ନନ୍ଦ, କୋଷାଧକ୍ଷ କାହ୍ନୁ ଚରଣ ସାହୁ, ପ୍ରାକ୍ତନ ସଭାପତି ହର ପ୍ରସାଦ ଦାଶଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଏନେଇ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିକୁ ପଚାରିବାରେ ସେ କହିଛନ୍ତି ଯେ ସନ୍ଦେହ ଘେରରେ ଥିବା କିଛି ବ୍ୟକ୍ତିଙ୍କୁ ପଚରା ଉଚରା ସହ ସେମାନଙ୍କ ସିଡିଆର ମଗା ଯାଇଛି ଏବଂ ରିପୋର୍ଟ ଆସିଲେ ସେ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।




### ଶେଷ ପର୍ଯ୍ୟାୟରେ ବୁଗୁଡାରେ ଦୁର୍ଗା ପୂଜା ପ୍ରସ୍ତୁତି

ବୁଗୁଡା, (ସବ୍ୟୁ) : କାଶତଣ୍ଡିର ଶୋଭାରାଶି ଆଗମନ ସହ ହେବାକୁ ଯାଉଛି ଶାରଦୀୟ ଦୁର୍ଗାପୂଜା । ଏହି ଦୁର୍ଗାପୂଜା ପ୍ରସ୍ତୁତି ପାଇଁ ବୁଗୁଡ଼ା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦୁର୍ଗାପୂଜା ପ୍ରସ୍ତୁତି ଆଗେଇ ଚାଲିଛି । ସୁନ୍ଦର ମୂର୍ତ୍ତି ତିଆରି ଦ୍ରୁତ ଗତିରେ ଚାଲିଛି । ବୁଗୁଡା ନୂଆ ବସଷ୍ଟାଣ୍ଡ ଦୁର୍ଗା ପୂଜା କମିଟି ଓ ବ୍ୟବସାୟୀ ସଂଘ ଏବଂ ଗୋଲିଆ, ବାଦୁଆ ଓ ମାଣିବନ୍ଧ ଆଦି ଗ୍ରାମର ପୂଜା କମିଟି ପକ୍ଷରୁ ଆୟୋଜିତ ଦୁର୍ଗା ପୂଜାକୁ ଆକର୍ଷଣୀୟ କରିବା ପାଇଁ ଶିଳ୍ପୀମାନେ ମନପ୍ରାଣ ଦେଇ ମୂର୍ତ୍ତି ଗଠନ କାର୍ଯ୍ୟରେ ଲାଗିଛନ୍ତି । ଅନ୍ୟପକ୍ଷରେ ମେଢର ତୋରଣ ଓ ଆଲୋକ ସଜ୍ଜା ଅତ୍ୟାଧୁନିକ ଢଙ୍ଗରେ ଚାଲିଛି । ପୂଜା ମଣ୍ଡପରେ ସାର୍ବଜନୀନ ପୂଜାକୁ ଶୃଙ୍ଖଳିତ କରିବା ସକାଶେ ଦୁର୍ଗାପୂଜା କମିଟିବୃନ୍ଦ ସକ୍ରିୟ ହୋଇ ପଡିଛନ୍ତି । କିଛି ନୂତନ ଧରଣର ମେଢ ପ୍ରସ୍ତୁତ କରି ଲୋକଙ୍କୁ ଆକର୍ଷଣ କରିବା ପାଇଁ ବିଭିନ୍ନ କମିଟି ପକ୍ଷରୁ ଯୋଜନାମାନ ପ୍ରସ୍ତୁତ ହୋଇଥିବା ଜଣାପଡିଛି । କେତେକ ସ୍ଥାନରେ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି। ବର୍ଷା ସମ୍ପର୍କିତ ପାଣିପାଗ ସୂଚନାକୁ ନେଇ ବିଭିନ୍ନ ପୂଜା କମିଟି ଚିନ୍ତିତ ହୋଇପଡିଥିଲେ ସୁଦ୍ଧା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍କଣ୍ଠା ଦେଖା ଦେଇଛି ।

### ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା

## ୧୪ ବର୍ଷରୁ କମ୍ ବାଳକ ବିଭାଗରେ ମୟୂରଭଞ୍ଜ ଜିଲ୍ଲା ଚାମ୍ପିଅନ

ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ସମ୍ବଲପୁର ସ୍ଥିତ ଲେଡିଲୁଓ୍ୱିସ ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚବିଦ୍ୟାଳୟ, ଧରମପୁରାର ପିଇଟି ଶୁଭ୍ର ପ୍ରକାଶ ପାତ୍ର ଓ ବାଳିକା ଟିମ ମ୍ୟାନେଜର ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପ୍ତିପଦାର ପିଇଟି ସୁଶ୍ରୀ ସୁମନ ପୁଷ୍ଟିଙ୍କ ନେତୃତ୍ୱରେ ୧୪ବର୍ଷରୁ କମ ବାଳକ ବିଭାଗରେ କ୍ରିଷ୍ଣାନାୟକ, କ୍ରିଷ୍ଣାଦାସ, ସ୍ୱାଧୀନ ମଣ୍ଡଳ, ଗୋପାଲ ସିଂ ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୧୪ ବର୍ଷରୁ କମ ବାଳକ ଦଳରେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦାର ଅଷ୍ଟମ ଶ୍ରେଣୀର ଛାତ୍ରକ୍ରିଷ୍ଣା ନାୟକ ସମଗ୍ର ରାଜ୍ୟରେ ପ୍ରଥମ ହୋଇ ମୟୂର ଭଞ୍ଜ ଜିଲ୍ଲା ଚମ୍ପିୟାନ ହୋଇ ଟ୍ରଫି ଗ୍ରହଣ କରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ରସେଠୀ ଚମ୍ପିୟାନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ବ୍ଲକ୍ ଶିକ୍ଷା ବିଭାଗକୁ ପ୍ରକୃତି ମିତ୍ର ଓ ସିଆରସିଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ



ଭଞ୍ଜନଗର, (ସବ୍ୟୁ): ଆଜି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ଏବଂ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୭୦ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳନର ୬ଷ୍ଠ ଦିବସରେ ଏହି ବହୁ ଆଡମ୍ବରପୂର୍ଣ୍ଣ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବ୍ରହ୍ମପୁର ଡିଭିଜନ ଡିଏଫ୍‌ଓ ଶନି ଖଚର୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଆଂଚଳିକ ମୁଖ୍ୟ ବନସଂରକ୍ଷକ ଡଃ ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ମଞ୍ଚାସିନ ରହିଥିଲେ। ଅନ୍ୟାନ୍ୟ ସମ୍ମାନୀତ ଅତିଥି ରୂପେ ମଞ୍ଚାସିନ ରହିଥିଲେ ଭଂଜନଗର ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷଣ କାର୍ଯ୍ୟାଳୟର ଡି ସି ଏଫ୍ ଦିଲ୍ଲୀପ କୁମାର ବାରିକ, ଗଞ୍ଜାମ ଜିଲ୍ଲା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବିନ୍ଦ୍ର ନାଥ ସାହୁ ଓ ଇକୋ କ୍ଲବ୍ ମାଷ୍ଟର ଟ୍ରେନର୍ ତଥା ଖଣ୍ଡ ଦେଉଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ନାରାୟଣ ବେଜ୍। ପ୍ରତିବର୍ଷ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା, ପ୍ରକୃତି ସଂରକ୍ଷଣ, ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି, ବନୀକରଣ, ପରିବେଶ ସନ୍ତୁଳନତା ରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି, ବ୍ୟାପକ ବୃକ୍ଷ ଚାରା ରୋପଣ, ପରିବେଶ ସଚେତନତା କାର୍ଯ୍ୟକ୍ରମ, ପ୍ଲାଷ୍ଟିକ ଓ ପଲିଥିନ୍ ବର୍ଜନ ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନଜାଗରଣ ସୃଷ୍ଟି ତଥା ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ଓ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ଦିଆଯାଇଥାଏ। ସେହି କ୍ରମରେ ଆଜି ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସରରେ ପ୍ରକୃତି ସଂରକ୍ଷଣ, ପରିବେଶ ସୁରକ୍ଷା, ଜଙ୍ଗଲ ସୃଷ୍ଟି ଓ ଜନଜାଗରଣ ସୃଷ୍ଟି ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ଗଞ୍ଜାମ ଜିଲ୍ଲାର ୧୮ଟି ଅନୁଷ୍ଠାନ କୁ ବ୍ଲକ ସ୍ତରୀୟ ପ୍ରକୃତି ମିତ୍ର, ୧୭ ଜଣଙ୍କୁ ବ୍ଲକ୍ ସ୍ତରୀୟ ପ୍ରକୃତି ବନ୍ଧୁ ଓ ୩ ଜଣଙ୍କୁ ସବ୍ ଡିଭିଜନ ସ୍ତରରେ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ଦିଆଯାଇଥିଲା। ଏହି ଭବ୍ୟ ସମାରୋହରେ ଭଞ୍ଜନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ବନମହୋତ୍ସବ ପାଳନ, ସବୁଜ ପରିବେଶ ସୃଷ୍ଟି, ପ୍ରକୃତି ସଂରକ୍ଷଣ, ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଆଗ୍ରହ ଓ ସଚେତନତା ସୃଷ୍ଟି କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ପରିବେଶ ସଚେତନତା ସମ୍ପର୍କରେ ଆଲୋଚନା ଚକ୍ର ଆୟୋଜନ ଇତ୍ୟାଦି ସଂସ୍କାର ମୂଳକ କାର୍ଯ୍ୟକ୍ରମ ପାଇଁ ଭଞ୍ଜନଗର ବ୍ଲକ ପାଇଁ ପ୍ରକୃତି ମିତ୍ର ପୁରସ୍କାର ରେ ଭଞ୍ଜନଗର ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍ ଧନଞ୍ଜୟ ସମ୍ମାନୀତ ହୋଇଥିଲେ ଏବଂ ସିଆରସିସି ଦ୍ୱିତୀକୃଷ୍ଣ ଲେଙ୍କାଙ୍କୁ ଭଂଜନଗର ବ୍ଲକ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ, ବହୁ ଶିକ୍ଷକ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ମିଡ଼ିଆ ବନ୍ଧୁ ଅଂଶଗ୍ରହଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ଡ଼ଃ ଶଙ୍କର ନାରାୟଣ ବେଜ୍ ସଂଯୋଜନା କରିଥିଲେ। ପରିଶେଷରେ ବ୍ରହ୍ମପୁର ଡିସିଏଫ ଦିଲିପ୍ କୁମାର ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବୁଗୁଡ଼ା ବ୍ଲକ୍‌ରେ ୩୬ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି

ବୁଗୁଡା, (ସବ୍ୟୁ) : ରାଜ୍ୟରେ ୧୬,୦୦୯ ଏବଂ ଗଞ୍ଜାମ ଜିଲ୍ଲାରେ ୧୦୯୨ ଜଣ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପରିପ୍ରେକ୍ଷୀରେ ବୁଗୁଡା ବ୍ଲକରେ ୩୬ ଜଣ ଶିକ୍ଷକ ନିଯୁକ୍ତି ପାଇଥିବାର ଜଣାଯାଇଛି। ଆଜି ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏସ୍‌ଓ ପ୍ରିୟଦର୍ଶୀ ଦାଶ , ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ ପ୍ରମୁଖଙ୍କ ଦ୍ୱାରା ନବ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କର ପ୍ରମାଣପତ୍ର ଯାଞ୍ଚ କରାଯିବା ପରେ ବିଇଓ ଚିନ୍ମୟ ମହାପାତ୍ର ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ତେବେ ବିଇଓ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟ ନିମନ୍ତେ ଆବଶ୍ୟକୀୟ ୬୪ଟି ମଧ୍ୟରୁ ୩୬ଟିରେ ନିଯୁକ୍ତି ପାଇଥିବା ବେଳେ ସେଥିରେ ୧୫ ଜଣ କନିଷ୍ଠ ଶିକ୍ଷକ ଓ ୨୧ ଶିକ୍ଷୟିତ୍ରୀ ରହିଥିବା ଜଣାଯାଇଛି ।

# ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡିରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳିକୁ କେନ୍ଦ୍ର କରି ଜଣେ ଯୁବତୀ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଯୁବତୀଙ୍କ ନାମ ରାଣୀ ପ୍ରଧାନ(୧୯) ବୋଲି ଜଣାପଡ଼ିଛି। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ଅଂଶ ପୋଡ଼ି ଯାଇଛି। ଯୁବତୀ ଜଣଙ୍କ ବ୍ରହ୍ମପୁର ଗାନ୍ଧୀନଗରର ସ୍ଥିତ ମହାମାୟୀ ମହିଳା ମହାବିଦ୍ୟାଳୟରେ ପାଠ ପଢୁଛନ୍ତି । ଆମ୍ବପୁଆର ଏକ ପରିବାର କୁକୁଡ଼ାଖଣ୍ଡି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଘରଭଡ଼ା ନେଇ ରହୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ସଂଧ୍ୟାରେ ବାପା-ଝିଅ ଘରେ ଏକୁଟିଆ ଥିଲେ। କୌଣସି କାରଣ ପାଇଁ ଝିଅ ରାଣୀ ଏକ ଦୋକାନରୁ ପେଟ୍ରୋଲ କିଣି ଘରକୁ ନେଇଥିଲେ। ଏହାର କିଛି ସମୟ ପରେ ସେ ଘରୁ ଜଳନ୍ତା ଅବସ୍ଥାରେ ବାହାରି ବ୍ଲକ୍ କାର୍ଯ୍ୟାଳୟ ଆଡ଼କୁ ଦୌଡ଼ି ଯାଇଥିଲେ । ତାଙ୍କ ଶରୀର ନିଆଁରେ ଜଳୁଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ସେ ପଡ଼ି ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ନିଆଁ ଲିଭାଇ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ଏମକେସିଜି ମେଡିକାଲ କାଜୁଆଲ୍ଟିରେ ଗୁରୁତର ଯୁବତୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ନେଇଛି। ଘରୋଇ ଅଶାନ୍ତିକୁ କେନ୍ଦ୍ର କରି ଯୁବତୀ ଜଣକ ଆତ୍ମାହୁତି ଉଦ୍ୟମ କରିଥିବା ପୁଲିସର ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି ।

# ପିପୁଲ୍ସ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ସ କଲେଜର ଅର୍ଥନୀତି ବିଭାଗ ପକ୍ଷରୁ ଶୀର୍ଷକ ଦି ଚେଇଞ୍ଜିଙ୍ଗ୍ ଲ୍ୟାଣ୍ଡସ୍କୋପ୍ ଅଫ୍ ଏମପ୍ଲୟମେଣ୍ଟ ଇନ୍ ଇଣ୍ଡିଆ : ଟ୍ରେଣ୍ଡସ୍ ଏଣ୍ଡ ଚ୍ୟାଲେଞ୍ଜସ୍ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ଶଙ୍କର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇକ୍ୟୁଏସି କୋଅର୍ଡିନେଟର ଅଧାପକ ଅକ୍ଷୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପୋଲସରା ସାଇନ୍ସ କଲେଜର ଅର୍ଥନୀତି ବିଭାଗ ଅଧ୍ୟାପିକା ଡ.ମିନାକ୍ଷୀ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ପିପୁଲ୍ସ କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ଶୈକ୍ଷିକ ଅଧିକାରୀ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ବର୍ଷାରାଣୀ ପ୍ରଧାନ ଓ ଛାତ୍ର ଭବାନୀ ବରାଡ ଆଲୋଚନା ଚକ୍ରର ସନ୍ଦର୍ଭ ପାଠ କରିଥିବା ବେଳେ ଜନ ବହୁଳ ରାଷ୍ଟ୍ର ଭାରତରେ ରୋଜଗାରର ପରିବର୍ତ୍ତିତ ଦୃଶ୍ୟର ଧାରା ଓ ଆହ୍ୱାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ରୋଜଗାର କ୍ଷେତ୍ରରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ରହିଥିବା ଆନୁପାତିକ ପାର୍ଥକ୍ୟ ଓ ସମ୍ଭାବ୍ୟ ପରିବର୍ତ୍ତନର ପନ୍ଥା ସମ୍ପର୍କେ ଆଲୋଚନା କରାଯାଇଥିଲା। ଏଥି ସହ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ମୁଖ୍ୟ ବକ୍ତା ମହାଶୟାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧାପିକା ଭି.ସନ୍ତୋଷୀ ରାଜୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧାପକ ଅନିଲ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀ ସଶକ୍ତିକରଣ ଉଦ୍ଦେଶ୍ୟରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏନଜିଓ ମିଟ୍ ଆୟୋଜିତ




ବ୍ରହ୍ମପୁର, (ସବ୍ୟୁ): କର୍ପୋରେଟ୍ ସାମାଜିକ ଦାୟିତ୍ୱବବୋଧ (ସିଏସଆର୍) ଏବଂ ଗୋଷ୍ଠୀ ସଶକ୍ତୀକରଣ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍)ରେ ଏନଜିଓ ମିଟ୍ ଆୟୋଜିତ ହୋଇଛ। ଟାଟା ସ୍ୱେଚ୍ଛାସେବୀ ସପ୍ତାହ (ଟିଭିଡବ୍ଲ୍ୟୁ-୨୨) ଅଭିଯାନରେ ଏହି କାର୍ଯ୍ୟକ୍ରମ କରାଯାଇଛି।

ଏନଜିଓଗୁଡ଼ିକ ସହିତ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନଜିଓ ସଂସ୍ଥାଗୁଡିକ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। କମ୍ପାନୀ ଏବଂ ଏନଜିଓ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀ ପକ୍ଷରୁ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରରେ ପଦକ୍ଷେପ ନେବା ସହ ଲୋକଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ଏନଜିଓ ବୈଠକରେ ୫ଟି ପ୍ରମୁଖ ଏନଜିଓ ଅନୁଷ୍ଠାନ- ପ୍ରଥମ ଏଜୁକେସନ ଫାଉଣ୍ଡେସନ, ପ୍ରଗତି, ଏଏଲଆଇଜି, ଆଡେଣ୍ଟ ଏବଂ ପ୍ରେମ ଏନଜିଓ ଉପସ୍ଥିତ ଥିଲେ। ଏହି ସଂସ୍ଥାଗୁଡିକ ଦକ୍ଷିଣ ଓଡ଼ିଶାରେ ଟିପିଏସ୍‌ଓଡିଏଲର ସିଏସଆର୍ ପଦକ୍ଷେପର ସଫଳ ରୂପାୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଅବହେଳିତ ଗୋଷ୍ଠୀଙ୍କ ପାଇଁ ଡିଜିଟାଲ ସାକ୍ଷରତା ଶିକ୍ଷା, ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ପାଇଁ ଜୀବିକା ସୁଯୋଗ ସୃଷ୍ଟି ଭଳି କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ଆଣିବାରେ ଏହି ସଂସ୍ଥାଗୁଡ଼ିକ ସହାୟକ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏନଜିଓ ସେମାନଙ୍କର ପ୍ରକଳ୍ପ ଓ ସର୍ବୋତ୍ତମ ଅଭ୍ୟାସ ସମ୍ପର୍କରେ ଉପସ୍ଥାପନ କରିବା ସହ ସାମାଜିକ ପଦକ୍ଷେପର ପ୍ରଭାବକୁ ବୃଦ୍ଧି କରିବା ବିଷୟରେ ଆଲୋଚନା କରିଥିଲେ। ଏଭଳି ପ୍ରୟାସକୁ ଆହୁରି ବ୍ୟାପକ କରିବା ପାଇଁ ଆହ୍ୱାନ ଏବଂ ସୁଯୋଗ ଚିହ୍ନଟ କରିବା ଉପରେ ଆଲୋଚନା ହୋଇଥିଲା । ଏହା ଦ୍ୱାରା ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଏହି ପଦକ୍ଷେପର ସୁଫଳ ପହଞ୍ଚିପାରିବ । ଗୋଷ୍ଠୀ କଲ୍ୟାଣ ପାଇଁ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତା ଉପରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଗୁରୁତ୍ୱାରୋପ କରିଥିଲେ । ସେ ଏନଜିଓ ପ୍ରତିନିଧି ଏବଂ ସିଏସଆର୍ ଟିମକୁ ଟେଲିଫୋନ୍ ଯୋଗେ ସମ୍ବୋଧିତ କରିଥିଲେ। ଏହି ବୈଠକ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ଅଭିବୃଦ୍ଧି ଏବଂ ଅନ୍ତର୍ଭୁକ୍ତୀକରଣ ଦିଗରେ ଆମର ମିଳିତ ମିଶନକୁ ସୁଦୃଢ଼ କରିବ। ଏହି ବୈଠକରେ ଟିପିଏସ୍‌ଓଡିଏଲର ସିଏସଆର୍ ମୁଖ୍ୟ ଉପସ୍ଥିତ ଥିବା ବେଳେ ଅନ୍ୟ ୩ଟି ଓଡ଼ିଶା ଡିସକମର ସିଏସଆର୍ ମୁଖ୍ୟମାନେ ଭର୍ଚୁଆଲ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

# ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ୬୮ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା-୨୦୨୪-୨୫ (୧୪ ଓ ୧୭ ବର୍ଷରୁ କମ୍ ବୟସର ବାଳକ ବାଳିକା ବର୍ଗ) ଉଦଘାଟନ ହୋଇଯାଇଛ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ୩୦ ଗୋଟି ଜିଲ୍ଲା ଓ ଭୁବନେଶ୍ୱର ସମେତ ୩୧ ଗୋଟି ଦୋଳ ମଧ୍ୟରୁ ୮୧୪ ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି । ସେଥି ମଧ୍ୟରୁ ବାଳିକା ୨୪୬ ଜଣ ବାଳକ ୪୪୫ ଜଣ ଓ ୪୦ ଜଣ କ୍ରୀଡ଼ା ଶିକ୍ଷକ ରହିଛନ୍ତି । ଏହି ପ୍ରତିଯୋଗିତା ଆଜି ଠାରୁ ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିଜେତା ହୋଇଥିବା ଦଳ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତଅତିଥି ଭାବରେ ଗାବରା ତ୍ରିରୁପତି ରାଓ, ସଭାପତି ଜିଲ୍ଲାପରିଷଦ ଗଜପତି, ନିର୍ମଳା ସେଠୀ, ଅଧକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ଡି.ରାଜେଶ୍ କୁମାର, ପାରଳାଖେମୁଣ୍ଡି ବିଧାୟକଙ୍କ ପ୍ରତିନିଧି କରିମ୍ ଅପାରାଓ, ଜ୍ୟୋତି ପ୍ରସାଦ ପରିଡ଼ା, ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ପ୍ରାଣକୃଷ୍ଣ ପାଣିଗ୍ରାହୀ, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗଜପତି, ଡିଏସପି ଡ଼.ଚନ୍ଦ୍ର ଶେଖର ହୋତା, ଡ଼.ମାୟାଧର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗଜପତି, ମନୋଜ ରଞ୍ଜନ ଦଲେଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ମୁଖ୍ୟ ବକ୍ତା ଭାବରେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦାଶ ରାଜ୍ୟସ୍ତରୀୟ କ୍ରୀଡ଼ା ପତାକା ଉତ୍ତୋଳନ କରି କହିଥିଲେ ଯେ ଗଜପତି ଜିଲ୍ଲାରେ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଅମୋ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗୀତାରେ ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ଲୁକାୟିତ କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବା ସହିତ ପ୍ରତିଯୋଗୀତାର ସମସ୍ତ କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ପରେ ପରେ ମା ପାଇଁ ଗଛଟିଏ ଷ୍ଟାଡିୟମ୍ ପରିସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଛି । ଶେଷରେ ସୁରେନ୍ଦ୍ର ପାତ୍ର, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଗଜପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ରଙ୍ଗାରଙ୍ଗ କରିବା ନିମନ୍ତେ ଆଜି ଠାରୁ ଆସନ୍ତା ୯ ରିଖପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ୬ ଘଟିକା ସମୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଏ.ରବି କୁମାର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗଜପତି ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣ, ପ୍ରିୟଦର୍ଶୀ ମିଶ୍ର, ସନ୍ତୋଷ ପ୍ରସାଦ ପଣ୍ଡା, ଲିଙ୍ଗରାଜ ସାହୁଙ୍କ ସହ ଜିଲ୍ଲାରୁ ୧୦୦ ରୁ ଉର୍ଦ୍ଧ୍ୱ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେବ। ସହ କାର୍ଯ୍ୟକ୍ରମକୁ ସହଯୋଗ କରିଥିବା ବେଳେ ଶିକ୍ଷୟତ୍ରୀ ଶୁଲତା ମିଶ୍ର ଓ ଶିକ୍ଷକ ଅମୂଲ୍ୟ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦୁଇ ଯୁବକଙ୍କ ଉପରେ ମାଡ଼ିଗଲା ଟ୍ରକ୍



ବେଲପଡ଼ା/ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଆଦର୍ଶ ବିଦ୍ୟାଳୟ ନିକଟରେ ଭରୁଆମୁଣ୍ଡା ଗାଁର ସଞ୍ଜୁ ନାୟକ ଓ କେଶବ ମାଝୀ ଏକ ବାଇକରେ ଦୋକାନର ସାମଗ୍ରୀ ଆଣିବା ନିମନ୍ତେ ପାଟଣାଗଡ଼ ପଟେ ଗୋଟେ ବାଇକ୍ ଯୋଗେ ଯାଉଥିଲେ । ତେବେ ଆଦର୍ଶ ବିଦ୍ୟାଳୟ ନିକଟରେ ସମ୍ମୁଖରୁ ଆସିଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ସେମାନଙ୍କ ଉପରେ ମାଡି ଯାଇଥିଲା। ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣା ସ୍ଥଳରେ ସଞ୍ଜୁଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକ କେଶବଙ୍କୁ ଉଦ୍ଧାର କରି ପାଟଣାଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଉତ୍ୟକ୍ତ ଲୋକ ମୃତଦେହ ରଖି ପାଟଣାଗଡ଼-ବେଲପଡା ରାସ୍ତା ଅବରୋଧ କରିଥିଲେ। ବେଲପଡା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା । ହେଲେ ଉତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଅଟଳ ରହିଥିଲେ । ଅନ୍ୟପକ୍ଷରେ ଗ୍ୟାସ୍ ବୋଝେଇ ଟ୍ରକ୍ ଫେରାର ମାରିବାକୁ ଉଦ୍ୟମ କରୁଥିବା ବେଳେ ପାଟଣାଗଡ଼ରେ ପୁଲିସ୍ ଅଟକ ରଖିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ବେପରୁଆ ଟ୍ରକ ଡ୍ରାଇଭର ଖସି ଯିବାପାଇଁ ପାଟଣାଗଡ଼ ପଟେ ଦ୍ରୁତ ଗତିରେ ଯାଇଥିଲା। ଓ ପାଟଣାଗଡ଼ର ବ୍ଲକ ଛକ ନିକଟରେ ଟ୍ରକ ଛାଡ଼ି ନିଜେ ଖସି ଯିବାକୁ ଚେଷ୍ଟା କରୁଥିବା ସମୟରେ ଲୋକେ ତାକୁ କାବୁ କରିଥିଲେ । ଡ୍ରାଇଭର ଓ ଗାଡିକୁ ପୋଲିସକୁ ହସ୍ତାନ୍ତର କରିଥିଲେ । ସୂଚନା ଯୋଗ୍ୟ ରେ ଟ୍ରକ ଡ୍ରାଇଭର ମଦ ପିଇ ଥିବା କଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅନ୍ୟ ପାଖେ ସଞ୍ଜୁ ଓ କେଶବଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଭିମସାରରେ ୨ଡାକ୍ତରୀ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଆହତ

ସମ୍ବଲପୁର,(ସବ୍ୟୁ): ବୁର୍ଲା ଭିମସାର ମେଡିକାଲ କ୍ୟାମ୍ପସ ପୁଣି ଥରେ ଅଶାନ୍ତ ହୋଇଛି । ପିଜି ଛାତ୍ର ଓ ହାଉସ୍ ସର୍ଜନଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା । ଏହାପରେ ଗଣ୍ଡଗୋଳ ରୂପ ନେଇଥିଲା । ଏଥିରେ ୩ଜଣ ହାଉସ ସର୍ଜନ ଆହତ ହୋଇଥିବା ଜଣାପଡିଛି । ଏନେଇ ହାଉସ ସର୍ଜନଙ୍କ ପକ୍ଷରୁ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଖବର ପାଇ ଭିମସାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ ଓ ଅନ୍ୟ ଅଧିକାରୀଙ୍କ ସହ ବୁର୍ଲା ଏସ୍‌ଡିପିଓ ଅମିତ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ୨ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା କରିଥିଲେ । ମାତ୍ର ଉଭୟ ପକ୍ଷ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ । ଏଥିସହ ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ । ସୂଚନାଯୋଗ୍ୟ, ୟୁଜି ଛାତ୍ର ସଂସଦର ବାର୍ଷିକ ଉତ୍ସବ ଗତକାଲି ରାତିରେ ଅନୁଷ୍ଠିତ ହୋଇଥିଲା । ବାର୍ଷିକ ଉତ୍ସବ ଚାଲୁଥିବା ବେଳେ ପିଜି ଛାତ୍ର ଓ ହାଉସ ସର୍ଜନଙ୍କ ମଧ୍ୟରେ




ଗଣ୍ଡଗୋଳ ଓ ମାରପିଟ ହୋଇଥିଲା । ପିଜି ଛାତ୍ର ମାନେ ଆକ୍ରମଣ କରିବାରୁ ୩ଜଣ ହାଉସ ସର୍ଜନ ଆହତ ହୋଇଥିବା ଅଭିଯୋଗ ହୋଇଛି । ଏମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ଭିମସାର କର୍ତ୍ତୃପକ୍ଷ ଓ ପୋଲିସ ପରିସ୍ଥିତି ଉପରେ ନଜର ରଖିଛି । ତେବେ ଏହି ଗଣ୍ଡଗୋଳର କାରଣ ଜଣାପଡିନଥିଲେ ମଧ୍ୟ ପୂର୍ବ ଶତ୍ରୁତା ବୋଲି କୁହାଯାଉଛି । ଏହା ଏକ ପୂର୍ବ ପରିକଳ୍ପିତ ଆକ୍ରମଣ ବୋଲି ହାଉସ ସର୍ଜନ ମାନେ ଅଭିଯୋଗ କରିଛନ୍ତି ।

# ବିଜୁ ପଟ୍ଟନାୟକ ୱାଇଲ୍‌ଡ୍ ଲାଇଫ୍ ପୁରସ୍କାର ପାଇଲେ ସୁଦର୍ଶନ



କନ୍ଧମାଳ,(ସବ୍ୟୁ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବୌଦ୍ଧ ବନଖଣ୍ଡ ପକ୍ଷରୁ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସଭାପତିତ୍ୱରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ, କେନ୍ଦୁଲିଫ ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଦୀ, ଅବସରପ୍ରାପ୍ତ କଲେଜ ଅଧକ୍ଷ, ଏସିଏଫ ବୌଦ୍ଧ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କନ୍ଧମାଳ ବନାଞ୍ଚଳ ଆଭ୍ୟନ୍ତରିଣ ବରଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାହାଜପିଟା ଗ୍ରାମର ସାମାଜିକ କର୍ମୀ ସାମ୍ବାଦିକ ସୁଦର୍ଶନ ବଘାରଙ୍କୁ ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ପଣ୍ଡା ଉପଖଣ୍ଡସ୍ତରୀୟ ବିଜୁପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର -୨୦୨୪ରେ ପୁଷ୍ପଗୁଚ୍ଛ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବୌଦ୍ଧ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ବନାଞ୍ଚଳର ରେଞ୍ଜର, ବନପାଳ ପ୍ରମୁଖ ଉପସ୍ଥିତ ଥିଲେ ।

# କଳାକାର ପରିବାରଓ ଆରୀୟନ ଫାଉଣ୍ଡେସନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ରେଢ଼ାଖୋଲ,(ସବ୍ୟୁ): ଭୀମ ଭୋଇ କଲ୍ୟାଣ ମଣ୍ଡପ, ରେଢ଼ାଖୋଲରେ ନୂଆଁଖାଇ ଭେଟଘାଟ୍ କଳାକାର ପରିବାର ଓ ଆରୀୟନ ଫାଉଣ୍ଡେସନ ,ରେଢ଼ାଖୋଲ ପକ୍ଷରୁ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ରେଢ଼ାଖୋଲ ଉପ ଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ଉପସ୍ଥିତ ରହି ନୂଆଁଖାଇ ଏକ ଭାଇ ଚାରାର ପର୍ବ ଓ ନିଜର ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବାର ମାଧମ ହେଉଛି ନୂଆଁଖାଇ ଭେଟ ଘାଟ୍ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ ,ରେଢ଼ାଖୋଲ ରେଞ୍ଜର ଏସିଏଫ୍ ମୈତ୍ରୀ ମଞ୍ଜିତ ବିଶ୍ୱାଳ , ବିଜ୍ଞାପିତ ଅଞ୍ଚଳ ରେଢ଼ାଖୋଲ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ଓ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ପାତ୍ର ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୫ ଟି ଦଳ ଗତ ନୃତ୍ୟ ଓ ୫ ଗୋଟି ଏକକ ନୃତ୍ୟରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନୃତ୍ୟ ପ୍ରଦର୍ଶନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁରୀ ସଙ୍ଗୀତ ଓ ନୃତ୍ୟ ଜଗତର ପରିଚିତ କଳାକାର ଭାରତ ଗୌରବ ଦାସ, ଅମିତାଭ ସାହୁ ,କର୍ଣ୍ଣ ମହାନନ୍ଦ ଆଲୋକ ସାହୁ , ଅନିଲ ବେହେରା ଓ କଣ୍ଠଶିଳ୍ପୀ ତାମସା ମହାପାତ୍ର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅଞ୍ଚଳର କଳା କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ଅଭିନେତା ଶିବୁନ ମହାନ୍ତି, ମନୋଜ ,ସଙ୍ଗୀତଜ୍ଞ ବୁବୁନ ପ୍ରଧାନଙ୍କୁ ସମ୍ମାନିତି କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ କଳାକାର ପରିବାର ,ରେଢ଼ାଖୋଲର ସଭାପତି ଅନିଲ କୁମାର ମେହେର ଓ ଉଦଯାପନୀ ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ ସତ୍ୟନାରାୟଣ ପୋଢ଼ ।

# ଅନ୍ୟ ଜିଲ୍ଲାର ଶିକ୍ଷକଙ୍କୁ ସ୍କୁଲରେ କାମ କରିବାକୁ କରାଯାଉଛି ବାରଣ

ନବରଙ୍ଗପୁର,(ସବ୍ୟୁ) : ଜିଲ୍ଲା ଭିତ୍ତିକ ନିଯୁକ୍ତିକୁ ନେଇ ନବରଙ୍ଗପୁର ଜିଲ୍ଲାରେ ତେଜୁଛି ଅସନ୍ତୋଷ । ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାର୍ଥୀ ବ୍ୟତୀତ ଅନ୍ୟ ଜିଲ୍ଲାର ନିଯୁକ୍ତ ପ୍ରାର୍ଥୀଙ୍କୁ ସ୍କୁଲ ଭିତରେ କାର୍ଯ୍ୟରେ ଯୋଗଦେବାକୁ ବାରଣ କରୁଛନ୍ତି ସ୍ଥାନୀୟ ଗ୍ରାମବାସୀ ଓ ସ୍କୁଲ କମିଟି । ଅନ୍ୟପକ୍ଷରେ କନିଷ୍ଠ ଶିକ୍ଷକ ଏବଂ ତୃତୀୟ ଶ୍ରେଣୀ ପଦବୀ ପାଇଁ ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବି କରି ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଧାରଣା ଦେଇଛନ୍ତି । ଯେତେ ଦିନ ଯାଏଁ ଜିଲ୍ଲା ଭିତ୍ତିକ ଦାବି ପୂରଣ ନହୋଇଛି ସେତେ ଦିନ ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି । ପୂର୍ବରୁ ଜିଲ୍ଲା ଭିତ୍ତିକ ନିଯୁକ୍ତିକୁ ନେଇ ଏଗ୍ରିମେଣ୍ଟ କରିବାକୁ ଆସୁଥିବା ପ୍ରାର୍ଥୀଙ୍କୁ ତଡି ଦେଇଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ କରିବା ସହ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ତୁରନ୍ତ ଦାବି ପୂରଣ ନହେଲେ ଆଗାମୀ ଦିନରେ ଜୋରଦାର ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୋରାପୁଟ,(ସବ୍ୟୁ) : ସେମିଳିଗୁଡା ମହାବିଦ୍ୟାଳୟର ଶିକ୍ଷା ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ଯୁକ୍ତି ତିନି ଶେଷ ବର୍ଷ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ମୁଖ୍ୟ ଦେବାନନ୍ଦ ନାୟକ ସଭାପତିତ୍ୱରେ ଦ୍ୱୀପ ପ୍ରଜ୍ୱଳନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଶିକ୍ଷା ଏକ ବିଷୟ ନୁହେଁ ମଣିଷର ଅବସର ସମୟର ସଦ୍‌ଉପଯୋଗ ବୋଲି ଉଲ୍ଲେଖ କରିଥିଲେ ।ଅତିଥି ଭାବେ ଯୋଗଦେଇ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ଝାନସି ସିଂହ ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜୀବନର ଲକ୍ଷ୍ୟ ନେଇ ନିଜକୁ ପ୍ରସ୍ତୁତ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଶିକ୍ଷା ବିଭାଗର ଅନ୍ୟ ଦୁଇ ଅଧ୍ୟାପିକା ସ୍ନିଗ୍ଧା ପଟ୍ଟନାୟକ ଏବଂ ରଶ୍ମିତା ସାହୁ ଶିକ୍ଷା ବିଭାଗର ସାଂପ୍ରତିକ ସମାଜରେ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ଅନିଶା ପ୍ରିୟଦର୍ଶନୀ ସାହୁ, ବିନ୍ଦୁଲତା କନ୍ଧପାନ, ନିଖିଲ କୁମାର ଖିଲ, ରାଜ କୁମାର କନ୍ଧପାନ, ତିରୁପତି ସାଙ୍ଗିଆ, ଖରା ନରେଶଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷା ପ୍ରଦର୍ଶକ ସର୍ବେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷା ପରିଚାରକ ପ୍ରଭାତ ବେହେରା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ।

# ଦୁଇଭାଇଙ୍କ ଭୁଜାଲି ମାଡ଼ରେ ଯୁବକ ମୃତ

ସୁନ୍ଦରଗଡ଼,(ସବ୍ୟୁ) : ଗାଁ ଦାଣ୍ଡରେ ଭୁଜାଲିରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା ଅଭିଯୋଗ। ସୁନ୍ଦରଗଡ଼ ସଦର ଥାନା ରତନପୁର ଗାଁ ରାସ୍ତା ମନୋଜ ସା ଓରଫ ପାଣ୍ଡୁଙ୍କୁ ହତ୍ୟା କରିଛନ୍ତି ଗାଁର ଦୁଇ ଭାଇ ବିଜୟ ମହାନନ୍ଦିଆ ଏବଂ ଡୁଲାମଣି ମହାନନ୍ଦିଆ। ମନୋଜ ସକାଳୁ ବିଜୟ ଘରକୁ ଯାଇଥିବା ବେଳେ ସେଠାରେ କୌଣସି କଥାକୁ ନେଇ ଝଗଡ଼ା ହେଇଥିଲା । ଦୁଇ ଭାଇ ମନୋଜକୁ ମୁଥ ମାରି ନାକ ଫଟାଇ ଦେଲା ପରେ ମନୋଜ ଘରୁ ବାହାରକୁ ବାହାରି ଯାଇଥିଲା। କିନ୍ତୁ ଦୁଇ ଭାଇ ଏକ ଭୁଜାଲି ଧରି ରାସ୍ତାରେ ତାକୁ ହାଣି ହତ୍ୟା କରିଥିଲେ। ଘଟଣା ସମୟରେ କିଛି ଲୋକ ତାଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥଲେ, କିନ୍ତୁ ମନୋଜକୁ ବଞ୍ଚାଇ ପାରିନଥିଲେ। ହତ୍ୟା କରିବା ପରେ ଦୁଇ ଭାଇ ଫେରାର ହେଉଥିବା ବେଳେ ବିଜୟ ମହାନନ୍ଦିଆକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଡୁଲାମଣି ଏବେ ବି ଫେରାର ରହିଛି। ତେବେ ଏମାନଙ୍କ ମଧରେ କାହିଁକି ଝଗଡ଼ା ହେଲା ତାର କାରଣ ଜଣା ପଡିନାହିଁ। ଉତ୍ୟକ୍ତ ଲୋକେ ଫେରାର ହତ୍ୟାକାରୀକୁ ଧରିବା ପାଇଁ ଦାବି କରିଛନ୍ତି ।

# ତେଲ ନଦୀକୁ ଡେଇଁ ପଡ଼ିଲେ ଯୁବତୀ

ସୋନପୁର,(ସବ୍ୟୁ): ସୋନପୁର ଜିଲ୍ଲା ତେଲ ନଦୀ ସେତୁ ଉପରେ ନଦୀକୁ ଡେଇଁ ପଡ଼ି ଯୁବତୀ ଗୁରୁତର ହୋଇଛନ୍ତି । ଯୁବତୀଙ୍କୁ ତୁରନ୍ତ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି । ଯୁବତୀଜଣକଙ୍କ ନାଁ ପ୍ରମୋଦିନୀ ବାଦୀ । ସେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ସଦେଇପୁର ଗାଁର ବୋଲି ଜଣାପଡିଛି । ସକାଳେ ପ୍ରମୋଦିନୀ ତେଲ ନଦୀ ସେତୁ ଉପରେ ପହଞ୍ଚିଥିଲେ। ସେଠାରୁ ସେ ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ମାଛ ମାରୁଥିବା କିଛି ମତ୍ସ୍ୟଜୀବୀ ଏହି ଘଟଣା ଦେଖିବା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିବା ସହ ପାଣିରୁ ଯୁବତୀଙ୍କୁ ଉଦ୍ଧାର କରି ସୋନପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ତେବେ ନଦୀରେ ପାଣି କମ ଥିବାରୁ ଯୁବତୀଙ୍କୁ ଶୀଘ୍ର ଉଦ୍ଧାର କରିବା ସମ୍ଭବ ହୋଇ ପାରିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଯୁବତୀଜଣକ ସଂଜ୍ଞାହୀନ ଥିବା ବେଳେ ଚେତା ଫେରି ନ ଥିବା ଜଣାଯାଇଛି। ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ତେବେ ଯୁବତୀଜଣକ କ'ଣ ପାଇଁ ଏପରି ଚରମ ପଦକ୍ଷେପ ଉଠାଇଲେ ତାହା ସ୍ପଷ୍ଟ ହୋଇପାରିନାହିଁ । ଯୁବତୀଙ୍କ ଚେତା ଫେରିଲା ପରେ ସବିଶେଷ ଜଣାପଡିବ ବୋଲି ପୁଲିସ୍ ଅଧିକାରୀ ସୂଚନା ଦେଇଛନ୍ତି।

# ଗୋଚର ଜମିକୁ ନେଇ ୪ଦଶନ୍ଧି ହେଲା ଦୁଇ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧିନସ୍ଥ ତରେଇକେଲା ଓ ଘଣ୍ଟରା ପାଲି ମଧରେ ଆଜକୁ ର୍ଦିଘ ବର୍ଷ ହେବ ଗୋଚର ଜମିକୁ ନେଇ ବିବାଦ ଲାଗିରହିଛି। ତଥ୍ୟ ନେବାରୁ ଜଣାଯାଏ ଯେ ୧୯୭୫ ମସିହାରୁ ଏହି ଗୋଚର ଜମିକୁ ନେଇ ଉଭୟ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ବିଭିନ୍ନ ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖା ଯାଇଥାଏ। ସ୍ଥାନୀୟ ଲୋକଙ୍କ କହିବା ଓ ପୁଲିସ କହିବା ଅନୁସାରେ ରବିବାର ରାତିରେ ଏକ ଭିଡିଓ ଭାଇରାଲ ହୋଇଥିଲା । ଯେଉଁଥିରେ କି କିଛି ଲୋକ ଠେଙ୍ଗା ବାଡ଼ି ଧରି ହୋହାଲ୍ଲା କରୁଥିବା ଦେଖାଯାଇଛି । ଏହାକୁ ନେଇ ଉଭୟ ଗୋଷ୍ଠୀ ମଧରେ ଉତ୍ତେଜନା ଦେଖାଯାଇଥିଲା । ଏନେଇ ତୁରନ୍ତ ଘଟଣା ସ୍ଥଳରେ ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧୁରୁଆ, ତରଭା ଥାନା ଅଧିକାରୀ ଅନିତା କି ଡୋ , ସୋନପୁର ଏସ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଘଟଣା ସ୍ଥଳକୁ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରି ସୋମବାର ସନ୍ଧ୍ୟାରେ ଶାନ୍ତି କମିଟି ଗଠନ ପାଇଁ ରାଜି କରାଇ ତରଭା ଥାନାକୁ ଡକାଇଥିଲେ। ଏଥିରେ ଉଭୟ ପକ୍ଷ ରାଜି ହୋଇ ଥାନାକୁ ଆସିଥିବା ଜଣାଯାଇଛି। ପ୍ରକାଶ ଥାଉକି ଏହି ବିବାଦ ଲାଗିଥିବା ଦିନ ସୋମବାର ସକାଳୁ ଘଣ୍ଟରାପାଲିର ସୁବାସ ଚନ୍ଦ୍ର ନନ୍ଦ ନାମକ ଜଣେ ବ୍ୟକ୍ତିଙ୍କୁ ରକ୍ତାକ୍ତ ଅବସ୍ଥାରେ ତରଭା ଡ଼ାକ୍ତର ଖାନାକୁ ଅଣା ଯାଇଥିଲା । ତରଭା ଡାକ୍ତରଖାନାରୁ ତାକୁ ବଲାଙ୍ଗିର ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି। ହେଲେ ପୋଲିସ ଏନେଇ ଥାନାରେ ଏତଲା ହୋଇନଥିବା କହିଛି । ପୋଲିସ କହିବା ଅନୁଯାୟୀ ବିବାଦର କାରଣ ୧୧୬ ଏକର ଗୋଚର ଜମି । ଯେଉଁଥିରୁ କି ଇଡକୋ ଦଖଲରେ ୫୦ ଏକର ଓ ବାକି ୫୬ ଏକର ଜମି ଘଣ୍ଟରା ପାଲି ବାସିନ୍ଦାଙ୍କ ଦଖଲରେ ରହିଛି। ଯାହାକି ଆଜକୁ ପ୍ରାୟ ୫୦ ବର୍ଷ ହେବ ତରେଇକେଲା ବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ଏନେଇ ପୂର୍ବରୁ ରାସ୍ତା ର୍ନିମାଣ ଏବଂ ବିଦ୍ୟୁତ ସଂଯୋଗୀକରଣ ସମୟରେ ମଧ ପ୍ରତିବାଦ ହୋଇଥିବା ଏବଂ ଏପରିକି ଏ ମାମଲା ନେଇ ଏକ ଗୋଷ୍ଠୀ ହାଇ କୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ଥାନାକୁ ଉଭୟ ପକ୍ଷଙ୍କୁ ଡକାଯାଇ ଶାନ୍ତି ଶୃଙ୍ଖଳା ନେଇ ଆଲୋଚନା ଜାରିରହିଛି।

# ସୁଲେଇରେ ନୂତନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ



ଡୁଙ୍ଗୁରିପାଲି /ଏସ ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟରସ୍ଥିତ ସୁଲେଇ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଅଲ୍ଲୀକା ନାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପୁରୁଷୋତ୍ତମ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସିଆରସିସି ରେଖାରାମ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷକତା ହିଁ ସର୍ବଶ୍ରେଷ୍ଠ ବ୍ରତ ଯାହା ମାଧମରେ ଉତ୍ତମ ନାଗରିକ ଗଠନ କରିବା ସମ୍ଭବ ହୁଏ ବୋଲି କହିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରକୃତି ମିତ୍ର ଅନୁପ ଗଡ଼ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍କୁଲର ପରିବେଶ ସୁରକ୍ଷାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ସହକାରୀ ଶିକ୍ଷକ ନିତାଇ ମଟାରୀ ଯୋଗଦେଇ ନୂତନ ଶିକ୍ଷୟିତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ବାଗ ନୂତନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ । ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ସଭା ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ଆକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

ସୋନପୁର,(ସବ୍ୟୁ): ଭିଜିଲାନ୍ସ ଜାଲରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ । ସୁବର୍ଣ୍ଣପୁର ଜିଲ୍ଲା ତେଲ ଜଳସେଚନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାଢ଼ୀ ଲାଞ୍ଚ ନେଉଥିବା ବେଳେ ଧରିଛି ଭିଜିଲାନ୍ସ । ଠିକାଦାରଙ୍କ ଠାରୁ ୪୬,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଲେ ଯନ୍ତ୍ରୀ ଶ୍ରୀ ପାଢ଼ୀ। ତାଙ୍କ କାର୍ଯ୍ୟାଳୟ ଓ ସୋନପୁର ବାସଭବନରେ ରେଡ ଜାରି ରହିଛି । ୬ ଟି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆୟବର୍ହିଭୂତ ସମ୍ପତ୍ତିର ଆକଳନ କରୁଛି ଭିଜିଲାନ୍ସ ଟିମ୍ ।

# ଦୁଗ୍ଧ ଚାଷୀଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ଲଛିପୁର ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଲଛିପୁର୍ ଠାରେ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ନିଃ ସମ୍ବଲପୁର ତରଫରୁ ଦୁଗ୍ଧ ଚାଷୀମାନଙ୍କ ଜୀବିକା ଓ ଆର୍ଥିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ସାଧାରଣ ପରିଚାଳକ ଡାକ୍ତର ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାରେ କ୍ଷେତ୍ରପରିଦର୍ଶକ ଟିମ୍ ପୂର୍ବରୁ ସୋନପୁର ବ୍ଲକ ଅନ୍ତର୍ଗତ ଉପାନ୍ତ ତଥା ସଂଘ ଦ୍ୱାରା ଅପହଞ୍ଚ ଅଞ୍ଚଳ ବସଲାଟ, ଚହଟାଖୋଲ, ବ୍ରାହ୍ମଣୀପାଲି, ରାଣୀସର୍ଡ଼ଝ ଓ ଖଗସାକଣା ଗ୍ରାମ ପରିଦର୍ଶନ କରିଥିଲେ । ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରାୟ ୨୦୦ ଲିଟର ଦୁଗ୍ଧ ରୁ ଅଧିକ ନୂତନ ଭାବେ ଗଠିତ ବସଲାଟ, ଚହଟାଖୋଲ, ବ୍ରାହ୍ମଣୀପାଲି, ରାଣୀସର୍ଡ଼ା ଓ ଖଗସାକଣାରେ ପରିଚାଳିତ ୫ ଗୋଟି କ୍ଷୀର ଧାରା କେନ୍ଦ୍ରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

# କିଡ଼ନି ରୋଗରେ ଗଲାଣି ୨୮ ପରିବାରର ୩୧ ଜୀବନ

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ଜବଲପୁରି ଗାଁ । ସେମାନେ ଯେଉଁ ପାଣି ପିଉଛନ୍ତି, ତାହା ପାଲଟିଛି ଜହର। ଆଉ ଏହାର ଭୟଙ୍କର ମୂଲ୍ୟ ଦେବାକୁ ପଡୁଛି ଗ୍ରାମବାସୀଙ୍କୁ। ଦୂଷିତ ପାଣି ବ୍ୟବହାର କରି ଲୋକେ କିଡ଼ନି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ୨୮ ପରିବାର ରହୁଥିବା ଏହି ଗାଁରେ ୩୧ ଜଣ କିଡ଼ନି ରୋଗରେ ପ୍ରାଣ ହରାଇ ସାରିଲେଣି। ଗାଁ ଦାଣ୍ଡରେ ଦୁଇଟି ନଳକୂପ ସହ ଗୋଟିଏ କୂଅ ମଧ ଅଛି। କିନ୍ତୁ ସେଥିରୁ ବାହାରୁଥିବା ପାଣି ପିଇବା ଉପଯୋଗୀ ନୁହେଁ। ଅନ୍ୟ କୌଣସି ବିକଳ୍ପ ନଥିବାରୁ ବାଧ ହୋଇ ଗ୍ରାମବାସୀ ସେହି ପାଣି ରୋଷେଇ ଓ ପିଇବା ପାଇଁ ବ୍ୟବହାର କରୁଛନ୍ତି। ଫଳରେ ଜଣକ ପରେ ଜଣେ କିଡ଼ନି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏପରିକି ଗୋଟିଏ ଗୋଟିଏ ପରିବାରର ସମସ୍ତ ସଦସ୍ୟ କିଡ଼ନି ରୋଗରେ ପ୍ରାଣ ହରାଇବା ପରେ କେବଳ ପରିତ୍ୟକ୍ତ ଘର ଅବା ଡିହ ଖଣ୍ଡେ ରହିଛି। ଆଉ କିଛି ପରିବାରର ଏକାଧିକ ସଦସ୍ୟଙ୍କ ମୃତ୍ୟୁ ପରେ ଅନ୍ୟମାନେ ଜୀବନ ବଞ୍ଚାଇବା ପାଇଁ ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଉଚିତ ମଣୁଛନ୍ତି। ଆଶ୍ୱାସନା ମିଳୁଛି ସିନା, ଏପର୍ଯ୍ୟନ୍ତ ଏହି ଗାଁକୁ ବିଶୁଦ୍ଧ ପାନୀୟଜଳ ପହଞ୍ଚି ପାରିନାହିଁ।

ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, କଙ୍କଲାର ସେମାନେ ମୂଳ ବାସିନ୍ଦା। ୧୯୮୨ ମସିହାରେ ମହାନଦୀରେ ଆସିଥିବା ବନ୍ୟାରେ ସେମାନଙ୍କ ଘର ଭାସିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ସେଠାରୁ ଚାଲିଆସି ଏଠି ଜବଲପୁର ଖୋଲା ସ୍ଥାନରେ ରହିଥିଲେ। ବନ୍ୟା ଭୟ ନଥିବାରୁ ଏହି ସ୍ଥାନରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ। ଏଠାରେ ଥିବା ଭୂତଳଜଳ ପାନୀୟ ଉପଯୋଗୀ ହେଉନି। ତେଣୁ ନଳକୂପ ଏବଂ କୂଅର ପାଣି ସେମାନଙ୍କ ପାଇଁ ଏକପ୍ରକାର ଜହର ପାଲଟିଛି। ଫଳରେ ଏହା କିଡ଼ନି ରୋଗୀଙ୍କ ଗାଁ ହେବାର ଦୁର୍ନାମ ମୁଣ୍ଡାଇଛି। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଯେଉଁ ନଳକୂପରୁ ଗ୍ରାମବାସୀ ପାଣି ସଂଗ୍ରହ କରୁଛନ୍ତି, ତା'ର ପରିସର ପ୍ରଦୂଷିତ ହୋଇରହିଛି। ସେଠାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ସୋଲାର୍ ପମ୍ପ ସ୍ଥାପନ କରାଯାଇଛି। ତା'ର ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ତାହା ପିଇବା ଉପଯୋଗୀ ନୁହେଁ ବୋଲି ଜାଣିବା ପରେ ସରକାରୀ ବାବୁମାନେ ଆସି ସେଠାରେ ନାଲିଛକ ପକାଇ ଚାଲିଯାଇଥିଲେ। କିନ୍ତୁ ବିକଳ୍ପ ସୁବିଧା ଉପଲବ୍ଧ କରାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସୂଚନା ମୁତାବକ, ପାଣିରେ ଅଧିକ ମାତ୍ରାରେ ଲୌହ ଏବଂ ଫ୍ଲୋରାଇଡ୍ ଭଳି ଭାରୀ ପଦାର୍ଥ ରହୁଥିବା ପରୀକ୍ଷାରୁ ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷୟତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ଉପଜିଲ୍ଲାପାଳ ଧର୍ମଗଡ ଧୀମାନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମଳୟ କୁମାର ପରିଡା,ସାଂସଦ କଳାହାଣ୍ଡି ଓ ବିଧାୟକ ଭବାନୀପାଟଣାଙ୍କ ପ୍ରତିନିଧି , ଜିଲ୍ଲାସ୍ତରୀୟ ଅଧିକାରୀ, କପା ଚାଷୀ, ମିଲର୍ସ, ସି.ସି.ଆଇର ପ୍ରତିନିଧି, ଜିଲ୍ଲା କୃଷି ଓ ଯୋଗାଣ ବିଭାଗର ସମସ୍ତ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଚଳିତ ବର୍ଷ କପା କ୍ରୟ ନିମନ୍ତେ କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ କପାମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ କିପରି କପା କ୍ରୟ କରାଯାଇପାରିବ ବିଶେଷ କରି କପାଚାଷୀମାନେ ସୁବିଧାରେ କପା ମଣ୍ଡିକୁ କପା ନେଇ କିପରି ବିକ୍ରି କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଆସନ୍ତା ତା. ୨୬ ନଭେମ୍ବରରୁ ପ୍ରଥମ କପା ମଣ୍ଡି କର୍ଲାପଡାଠାରେ




ଉଦଘାଟନ ହେବା ନିମନ୍ତେ ସ୍ଥିର କରାଗଲା । ସମସ୍ତ କପା ମଣ୍ଡିରେ ସି.ସି.ଆଇ. ଏବଂ ଆର.ଏମ.ସି. ର କର୍ମଚାରୀ ରହି ଏହାର ସୁପରିଚାଳନା କରିବା ନିମନ୍ତେ ବୈଠକରେ ସ୍ଥିର କରାଗଲା । ସାଂସଦ ଏବଂ ବିଧାୟକଙ୍କ ପ୍ରତିନିଧି ଚାଷୀମାନେ ଯେପରି ତାଙ୍କର ଉତ୍ପାଦିତ କପାର ଉଚିତ ମୂଲ୍ୟ ପାଇପାରିବେ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ । ସି.ସି.ଆଇ. କପା ମଣ୍ଡିରୁ ମିଲକୁ କପା ନେବା ନିମନ୍ତେ ପରିବହନ ଖର୍ଚ୍ଚ ଦେବା ପାଇଁ ଚାଷୀ ପ୍ରତିନିଧିମାନେ ପ୍ରସ୍ତାବ ରଖିଥିଲେ । ଏ ସମ୍ପର୍କରେ ବିଶେଷ ଭାବରେ କୃଷି ବିଭାଗ ସହ ଯୋଗାଯୋଗ କରି ସରକାରଙ୍କ ନିୟମ ମୁତାବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସି.ସି.ଆଇ.ର ପ୍ରତିନିଧିଗଣ ଚାଷୀଙ୍କ ଠାରୁ କପା କିଣିବା ନିମନ୍ତେ ଥିବା ଉପଯୁକ୍ତ ନିୟମ ସମ୍ପର୍କରେ ବିଶେଷ ଭାବରେ ସୂଚନା ଦେଇଥିଲେ । ଚଳିତ ବର୍ଷ କପା ଚାଷ ଅଧିକ ଅମଳ ହେବା ଲକ୍ଷ୍ୟ ଥିବାରୁ କପାଚାଷୀ କପାମଣ୍ଡିରେ କିପରି ସୁବିଧାରେ ନିଜର କପା ନେଇ ବିକ୍ରୟ କରିପାରିବେ ଏବଂ କପା କିପରି ଅଧିକ ସଂଗ୍ରହ କରାଯାଇପାରିବ ସେ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନହୋଇ କାର୍ଯ୍ୟ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଟ୍ରକକୁ ପଛପଟୁ ଧକ୍କା ଦେଲା ଆମ୍ବୁଲାନ୍ସ, ହେଲପର ମୃତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ନିକଟରେ ଏକ ସଡକ ଦୁର୍ଘଟଣାରେ ୧୦୮ ଆମ୍ବୁଲାନ୍ସ ହେଲପରଙ୍କ ମୃତ୍ୟୁ ହୋଇଯାଇଛି । ଅନ୍ୟପଟେ ଡ୍ରାଇଭର ଓ ଅନ୍ୟ ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର- ରେଢାଖୋଲ ୫୫ନମ୍ବର ଜାତୀୟ ରାଜପଥର ଯୁଯୋମୁରା ଠାରେ ଏକ ଟ୍ରକ ଗାଡି ନମ୍ବର (ଓଆର୧୬ଜି- ୦୭୪୨) ରାସ୍ତା କଡରେ ଛିଡା ହୋଇଥିଲା । ଏହି ସମୟରେ ଆମ୍ବୁଲାନ୍ସ ଗାଡି ନମ୍ବର(ଓଡି୦୨ବିଏଚ୍-୨୯୦୪) ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଆମ୍ବୁଲାନ୍ସର ହେଲପର ନିରଞ୍ଜନ ପ୍ରଧାନ(୩୮)ଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟପଟେ ଡ୍ରାଇଭର ସୁଦର୍ଶନ ମଟିଆରୀ ଓ ଟେକ୍‌ନିସିଆନ୍ ସୌମ୍ୟଜିତ୍ ସାହୁ ଆହତ ହୋଇଛନ୍ତି । ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବର ପାଇ ଯୁଯୋମୁରା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ ।

# ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ ଓ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ପତ୍ରାପାଲି(କ)ପଞ୍ଚାୟତ ଦେବଙ୍ଗ ଖେଳପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏକ ବିଶାଳ ଶୋଭାଯାତ୍ରା ଦେବଙ୍ଗ ଗ୍ରାମର ସଙ୍କୀର୍ତ୍ତନ ଦୀପଙ୍କ ଘରୁ ବାହାରି ଗ୍ରାମ ଦେବୀ ମା ଗଡ଼ପତି ଗୁଡେନଙ୍କ ସହିତ ଅନ୍ୟାନ୍ୟ ଗ୍ରାମ ଦେୀ ମା ଦୁଆରସେନି, ମା ବସ୍ତରେନ୍, ମା ଛତର ବାଉତି, ତଥା ଗ୍ରାମର ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା ସାରି ଆଦିମ ଗଣ୍ଡାବଜା,ସିଂହ ବଜାର ଆନ୍ଦୋଳିତ ସ୍ୱରରେ ମଞ୍ଚ ପାଖକୁ ଆସିଥିଲେ। ଲକ୍ଷେ ଘର ଗଣ୍ଡା ସମାଜ ବ୍ଲକ କାର୍ଯ୍ୟକାରୀ ସଭାପତି ମଦନ ମୋହନ କୁମ୍ଭାରଙ୍କ ସଭପତିତ୍ୱରେ ତଥା ନୂଆଁଖାଇ ଭେଟଘାଟ କମିଟିର ମୁଖ୍ୟ ଉପଦେଷ୍ଟା ଡ. ଗୋପାଳକୃଷ୍ଣ ଦୀପଙ୍କ ସଂଯୋଜନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ବିଭ ଅଧିକାରୀ ଘେନୁରାମ ତାଣ୍ଡି, ସମ୍ମାନିତ ଅତିଥି ଭାବେ ମୁରିବାହାଲ ପଞ୍ଚାୟତ ସମିତି ଜୁନିୟର ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ସମାଜସେବୀ ଗୋବିନ୍ଦ ତାଣ୍ଡି, ପିଇଓ ଅର୍ଜୁନ ଛୁରା, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଚୈତନ୍ୟ ମହାନନ୍ଦ, ବ୍ଲକ ଉପସଭାପତି ବିଭୀଷଣ ମହାନନ୍ଦ, ଶିକ୍ଷକ କ୍ଷେତ୍ରମୋହନ ବେନିଆ ତଥା ମୁଖ୍ୟ ବକ୍ତା ଭାବେ ଗଣ୍ଡା ସମାଜ ସଂସ୍କୃତିର ଗବେଷକ ଅଶୋକ କୁମାର ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ। ଏହି ଅବସରରେ ଲକ୍ଷେ ଘର ଗଣ୍ଡା ସମାଜର ଏକତା, ସାମ୍ବିଧାନିକ ଅଧିକାର ତଥା ବ୍ଲକ ଅଞ୍ଚଳରେ ହେଉଥିବା ଜାତିଆଣ ଅତ୍ୟାଚାର ଶୋଷଣ ବିରୁଦ୍ଧରେ ଲଢ଼େଇ ପାଇଁ ଆହ୍ୱାନ ଦିଆଯାଇଥିଲା। ବ୍ଲକ ସମ୍ପାଦକ ଦୀପକ ରଞ୍ଜନ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ଲକର ୨୨ଟି ପଞ୍ଚାୟତର ସଭାପତି ଓ ସମସ୍ତ କମିଟି ସଭ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷା, କଳା, ଖେଳ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯାଇଥିଲା। ହଳଦୀ ପଞ୍ଚାୟତ ସଭାପତି ତରୁଣ ସିଂ ଦୀପ ଧନ୍ୟବାଦ ଦେଇଥିଲେ। ଆୟୋଜିତ ଏକ ମେଗାସ୍ୱାସ୍ଥ୍ୟ ଶିବିରରେ ଅଞ୍ଚଳର ଅନେକ ଲୋକ ଚିକିତ୍ସା ସେବା ପାଇପାରିଥିଲେ। ନୂଆଁଖାଇ ଭେଟଘାଟ କମିଟିର ମୁଖ୍ୟ ଉପଦେଷ୍ଟା ଡ. ଗୋପାଳକୃଷ୍ଣ ଦୀପ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ମହାସମାଧାନ ଶିବିର

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସପି ସ୍ମିତ ପି ପରମାର , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡାକ୍ତର ମହେଶ ମୋହନ ପଣ୍ଡା ,ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲା ସ୍ଥରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୮ ଟି ସାମୁହିକ ୩୭ଟି ବ୍ୟକ୍ତିଗତ। ଶିବିରରେ ସାରସମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ଓ ମରାମତି, ଭିକମପାଲି ଓ ଅତାବିରାରେ ଗଭୀର ନଳକୂପ ସକାଶେ ବିଦ୍ୟୁତ ସଂଯୋଗ, ଶ୍ରୀପୁରାରେ ପୋଖରୀ(ଗରିଆକଣ୍ଟା)କୁ ଗମନାଗମନ ସକାଶେ ରାସ୍ତା ବ୍ୟବସ୍ଥା, ରାଜପୁର ଓ ବନ୍ଧପାଲିରେ ଚାରାବୃକ୍ଷ ଲଗାଇବା ଜନିତ ପ୍ରାପ୍ୟ ପ୍ରଦାନ , ଏଚ୍. କଟାପାଲିରେ ଦେଶୀ ମଦ ଓ ଗଞ୍ଜେଇ ବିକ୍ରୀ ଉପରେ ରୋକ ଲଗାଇବା, କିର୍ମିରା ବ୍ଲକ ଚନ୍ଦ୍ରପୁର ଗ୍ରାମରେ ସ୍ଥାୟୀ ଖେଳ ପଡ଼ିଆ ଓ କମ୍ୟୁନିଟି ସେଣ୍ଟର ନିର୍ମାଣ, ନାଚେନଡିହି ଗ୍ରାମରେ ବଡ଼ ପୋଖରୀ ଖନନ,ଗଣ୍ଡଘୋରାରେ ଦୁଇଟି ପୋଖରୀକୁ ଜଳସେଚନ ତଥା ସ୍ନାନ ଉପଯୋଗୀ କରାଯିବା, ଟିଙ୍ଗିସମାଲରେ ସମାନ ପ୍ରକାରର ଆର୍ ଆଣ୍ଡ୍ ଆର୍ ପଲିସି ଲାଗୁ କରାଯିବା, ଏପ୍ସିଲୋନ କାର୍ବନ ପ୍ରାଇଭେଟ ଲିମିଟେଡ ଦ୍ୱାରା ବେନିୟମ ଭାବରେ ମାଟି ଖନନ, ଚାଷ ଜମିରେ ପାଉଁଶ ଓ ମାଟି ପକାଇବା ଏବଂ ପାଚେରୀ ନିର୍ମାଣ ସମ୍ପର୍କିତ ସାମୁହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ଉପରେ ମଧ ଶୁଣାଣି କରାଯାଇଥିଲା। ଜିଲ୍ଲାପାଳ ଅଭିଯୋଗଗୁଡିକ ତର୍ଜମା ପୂର୍ବକ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଲୋକମାନଙ୍କର ସମସ୍ୟା ସମ୍ପର୍କିତ ଅଭିଯୋଗ ଶୁଣିବା ଓ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦାନ ବାକ୍ସ ସହ ଧରାପଡିଲା ମନ୍ଦିର ଲୁଟେରା

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ଜିଲ୍ଲାର ବିଭିନ୍ନ ଦେବାଳୟରୁ ଦେବା ଦେବୀଙ୍କ ଦାନବାକ୍ସ ଓ ଅଳଙ୍କାର ସବୁ ଚୋରୀ ହୋଇଚାଲିଥିବାବେଳେ ଅନେକ ଉଦ୍ୟମ ସତ୍ତ୍ୱେ ପୁଲିସ ଚୋରୀ ସାମଗ୍ରୀ କିମ୍ବା ଚୋର ସଂପର୍କରେ ଟେର ପାଇପାରୁନଥିଲା। ଦୀର୍ଘଦିନର ବ୍ୟବଧାନ ପରେ ପୁଣିଥରେ ଗତ ୪ ତାରିଖ ଦିନ ବୌଦ୍ଧ ସହର ଉପକଣ୍ଠରେ ଥିବା ଟୁଟୁସିଙ୍ଗା ଶିବ ମନ୍ଦିରରୁ ଦାନ ବାକ୍ସ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଶନିବାର ରାତିରେ ଜଣେ ଯୁବକ ଏକ ବୁଦାମୂଳେ ଦାନବାକ୍ସ ଭାଙ୍ଗୁଥିବା ସ୍ଥାନିୟ ଲୋକଦେଖି ତାକୁ ଅଟକ ରଖି ପୁଲିସକୁ ଜିମା ଦେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୁମୁଦୁଲା ଗ୍ରାମର ରାଜୀବଲୋଚନ ସାହୁ(୨୬)ଙ୍କୁ ମନ୍ଦିର ଚୋରୀ ମାମଲାରେ ପୁଲିସ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରୀ ଦାନ ବାକ୍ସ ସହିତ ୧୨୦୦ ଟଙ୍କା ପୁଲିସ ଜବତ କରିବାପରେ ବୌଦ୍ଧ ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରି ଥାନାକୁ ଆଣି ପଚରା ଉଚୁରା କରିଥିଲା। ପୁଲିସ ନିକଟରେ ଅଭିଯୁକ୍ତ ରାଜୀବ ଗତ ଫେବୃୟାରୀ ମାସରେ ବୌଦ୍ଧର ପ୍ରସିଦ୍ଧ ଭୈରବୀ ମନ୍ଦିର ସମେତ ଅନ୍ୟ ଏକ ମନ୍ଦିରରୁ ଚୋରୀ ମାମଲାରେ ସଂପୃକ୍ତ ଥିବା ନେଇ ସ୍ୱୀକାର କରିଛି ବୋଲି ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ବିଶାଳ ହିନ୍ଦୁ ସମାବେଶ



ସମ୍ବଲପୁର,(ସବ୍ୟୁ): ବିଶ୍ୱ ହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପକ୍ଷରୁ ସମ୍ବଲପୁର ଠାରେ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହିଳା ଥାନା ସମ୍ମୁଖରେ ଏକ ବିରାଟ ସଭା ହୋଇଥିଲା । ଏହାପରେ ତିରୁପତି ବାଲାଜୀ ମନ୍ଦିର ପ୍ରସାଦରେ ଅପମିଶ୍ରଣ ପ୍ରତିବାଦ ଓ ହିନ୍ଦୁ ମଠ ମନ୍ଦିର ଗୁଡିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରିବା ଦାବିରେ ମହିଳା ଥାନା ସମ୍ମୁଖରୁ ଏକ ରାଲି ବାହାରିଥିଲା । ଏହା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା । ସଭାରେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳ ସଭ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ, ଆରଏସ୍‌ଏସ୍‌ର ବିପିନ ବିହାରୀ ନନ୍ଦ, ଭାରତ ସେବାଶ୍ରମ ଭୋଜପୁର ସନ୍ଥ ଶିବାନନ୍ଦ, ଆଇନଜୀବୀ ପ୍ରଦୀପ ବହିଦାର ଓ ସତ୍ୟନାରାୟଣ ପଣ୍ଡା, ପ୍ରାନ୍ତ ସମ୍ପର୍କ ପ୍ରମୁଖ ସନାତନ ପଟେଲ, ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକ ଓ ପ୍ରାନ୍ତ ସଭାପତି ଡା. ରାଜକୁମାର ବଡପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ସମ୍ପାଦକ ଭକ୍ତଚରଣ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରାନ୍ତ ସହ ସମ୍ପାଦକ ରାଜୀବ କୁମାର ଶତପଥି ମଞ୍ଚ ପରିଚାଳନା କରିଥିଲେ । ଏଥିରେ ସମ୍ବଲପୁର ଜିଲ୍ଲା ସମେତ, ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡା ଜିଲ୍ଲାର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ ।

# ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ,ଏସପି ସ୍ୱାତୀ ଏସ କୁମାର,ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ,ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ,ଜିଲ୍ଲା ପରିଷଦ, ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ପ୍ରମୁଖ ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୮୦ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୬୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ୧୨ଟି ଥିଲା । ଜିଲ୍ଲାପାଳ ୫ଜଣ ବ୍ୟକ୍ତିକୁ ୬୫ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟାଙ୍ଗ ବ୍ୟକ୍ତିକୁ ହୁଇଲ ଚେୟାର ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ, ପିଡି ୱାଟରସେଡ , ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ, ଗ୍ରାମ୍ୟ ନିର୍ମାଣ, ମଧ୍ୟମ ଜଳସେଚନ, ଜନ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ , ଉଦ୍ୟାନ ଉପନିର୍ଦ୍ଦେଶକ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ , ଓ ଅନ୍ୟାନ୍ୟ ଜିଲ୍ଲା ସ୍ଥରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଅରୁଣ ମିଶ୍ର ଓ ପ୍ରଶାନ୍ତଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ବଲାଙ୍ଗିର,(ସବ୍ୟୁ): ସାମ୍ବାଦିକ ତଥା ପରିବେଶପ୍ରେମୀ ଅରୁଣ କୁମାର ମିଶ୍ର ଓ ପରିବେଶପ୍ରେମୀ ପ୍ରଶାନ୍ତ ମହାକୁରଙ୍କୁ ଚଳିତ ବର୍ଷର ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି । ସ୍ଥାନୀୟ ଡ଼ିଏଫଓଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ରାଶି ଆକାରରେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଚେକ, ଓ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଡ଼ିଏଫଓ ଙ୍କ ସମେତ ବନ ବିଭାଗ ଅଧିକାରୀ , ବିଭିନ୍ନ ସ୍କୁଲ କଲେଜର ଅଧ୍ୟାପକ/ଅଧ୍ୟକ୍ଷ ଉପସ୍ଥିତ ଥିଲେ ।

# ବରିଷ୍ଠ ପୁରୁଷ ରାଜ୍ୟ ହକି : ସୁନ୍ଦରଗଡ଼ ଚାମ୍ପିଅନ

ରାଉରକେଲା,(ସବ୍ୟୁ) : ରାଉରକେଲାରେ ଚାଲିଥିବା ବରିଷ୍ଠ ପୁରୁଷ ରାଜ୍ୟ ହକି ପ୍ରତିଯୋଗିତାରେ ସୁନ୍ଦରଗଡ଼ ବିଜେତା ହୋଇଛି। ଦଳ ଫାଇନାଲ ମ୍ୟାଚରେ ଆଧିପତ୍ୟ ବିସ୍ତାରକରି ଏକ ସହଜ ବିଜୟହାସଲ କରିଛି। ରବିବାର ସଂଧ୍ୟାରେ ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ସୁନ୍ଦରଗଡ଼ ଓ ପୂର୍ବତଟ ରେଳବାଇ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ସୁନ୍ଦରଗଡ଼ ଦଳର ବିଜୁ ଏକ୍କା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବାବେଳେ ଶ୍ରେଷ୍ଠ ଫରୱାର୍ଡ଼ ସୁନୀଲ ଟପ୍ପୋ(ପୂର୍ବତଟ ରେଳବାଇ), ଶ୍ରେଷ୍ଠ ଗୋଲରକ୍ଷକ ଦିଲୀପ କୁମାର ସା(ସୁନ୍ଦରଗଡ଼), ଶ୍ରେଷ୍ଠ ମିଡଫିଲ୍ଡର ସଞ୍ଜୟ କୁମାର ସୁରୀନ(ଦେବଗଡ଼), ଶ୍ରେଷ୍ଠ ଡିଫେଣ୍ଡର୍ କେରୋବିନ ଲାକ୍ରା(ଗାଙ୍ଗପୁର) ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ପରସ୍କାର ବିତରଣୀ ଉତ୍ସବରେ ଏସିଏଫ୍ ସେମ୍ୟ ରଞ୍ଜନ ଗୋଚ୍ଛାୟତ, ରାଉରକେଲା ସରକାରୀ ଡାକ୍ତରଖାନା ସୁପରିଟେଣ୍ଡେଣ୍ଟ ଡା. ସୁଧା ପ୍ରଧାନ, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଓଡ଼ିଶା ହକିର କୋଚିଂ ନିର୍ଦ୍ଦେଶକ ବି.ଜେ.କାରିଆପ୍ପା, ହକି ଓଡ଼ିଶା ସଂପାଦକ ସନାତନ ସାହୁ, ପାନପୋଷ କ୍ରୀଡ଼ା ଛାତ୍ରାବାସର ଓଏସ୍ଡି କେ.ସି.ଚେଧୁରୀ, ଭରତ ଚନ୍ଦ୍ର ସାହୁ, ଲୁସିଲା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡରେ ମିଳିତ ଜନଶୁଣାଣି ଶିବିର

ବରଗଡ଼,(ସବ୍ୟୁ): ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼.ନିରୂପମା ଷଡଙ୍ଗୀ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବିଡ଼ିଓ ଶଙ୍କର ବାଗ ଏବଂ ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୮୫ ଗୋଟି ଅଭିଯୋଗ ମଧ୍ୟରୁ ୫୬ ଗୋଟି ବ୍ୟକ୍ତିଗତ ଏବଂ ୨୯ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ହରଭଙ୍ଗା,(ସବ୍ୟୁ): ସୋମବାର ହରଭଙ୍ଗା ବ୍ଲକ ପରିସରରେ ଜିଲ୍ଲାପାଳ ଓ ଏସପି ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛିଛ ଶିବିରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଜିଲ୍ଲା ଏସପି ଦେବରାଜ ନାଗୋର କୋଣ୍ଡାଙ୍କ ଉପସ୍ଥିତିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୋଟ ୨୧୮ ଜଣ ଅଭିଯୋଗକାରି ସମସ୍ୟା ଉପରେ ଜଣାଇଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ୨୦୯ ଓ ସାମୁହିକ ୯ଗୋଟି ଅଭିଯୋଗ ଆସିଥିଲା। ୨୧୮ ଅଭିଯୋଗରୁ ତତ୍କାଳ ୧୪୬ ଅଭିଯୋଗ ସମାଧାନ ହୋଇଥିବା ବେଳେ ଦୁଇ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ଦୁଇଜଣଙ୍କୁ ରେଡକ୍ରସ ଓ ଦୁଇଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସମୁଦାୟ ୧୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିର ପରିସର ଭିତରେ ଅଭିଯୋଗ କରି ଆସୁଥିବା ହିତାଧିକାରୀଙ୍କ ସୁବିଧା ଦୃଷ୍ଟିରୁ ନୂତନ ସରକାରଙ୍କ ନିର୍ଦ୍ଦେଶ ରେ ଏଣିକି ପ୍ରତ୍ୟକ ମାସ ଜନ ଅଭିଯୋଗ ଶୁଣାଣି ସହିତ ବୟସାଧିକ ବୃଦ୍ଧ ବୃଦ୍ଧାଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ପାଇଁ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ ଶରତ ଚନ୍ଦ୍ର ସେଠି, ତହସିଲଦାର ବିଭୁ ପ୍ରସାଦ ସିଂ ଙ୍କ ସମେତ ବ୍ଲକ ଓ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଦିମ ଜନଜାତିଙ୍କ ନାମରେ ଠକାମି

ରାୟଗଡ଼ା/କୋରାପୁଟ/ ମାଲକାନଗିରି,(ସବ୍ୟୁ): ଆଦିମ ଜନଜାତିଙ୍କ ବିକାଶ ପାଇଁ ଗତ ୯ ବର୍ଷ ମଧ୍ୟରେ ୫୭୭୬.୦୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ଏହି ଶ୍ରେଣୀର ଆଦିବାସୀମାନଙ୍କ ମାସିକ ଆୟ ଅତି ନିମ୍ନ ଅବସ୍ଥାରେ ରହିଛି। ପ୍ରାୟ ଏହି ଶ୍ରେଣୀର ୯୯ ଭାଗ ଲୋକଙ୍କ ମାସିକ ଆୟ ୧୦ ହଜାର ଟଙ୍କାରୁ କମ୍। ଏମାନଙ୍କ ଭିତରୁ ୯୦ ଭାଗରୁ ଊର୍ଦ୍ଧ୍ୱ ଲୋକଙ୍କ ଆୟ ମାସିକ ୫ ହଜାର ଟଙ୍କାରୁ କମ୍।

ଓଡ଼ିଶାରେ ବିକାଶ ଧାରାରେ ସବୁଠାରୁ ସବୁ କ୍ଷେତ୍ରରେ ଅତି ପଛୁଆ ଶ୍ରେଣୀ ହେଉଛନ୍ତି ଆଦିମ ଜନଜାତି। ଯେଉଁମାନେ କି ପିଭିଟିଜି (ବିଶେଷ ଭାବେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଆଦିବାସୀ ଗୋଷ୍ଠୀ) ଭାବରେ ଗଣା ହେଉଛନ୍ତି। ଏହିମାନେ ରାଜ୍ୟର ଯେଉଁ ଗାଁ ଗୁଡ଼ିକରେ ଅଛନ୍ତି ସେମାନଙ୍କ ସଂଖ୍ୟା ୧୬୭୯। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହି ଜନଜାତିର ବିକାଶ ପାଇଁ ସ୍ୱତନ୍ତ୍ର ଭାବରେ ଅର୍ଥ ବରାଦ କରୁଛନ୍ତି। ଓଡ଼ିଶାରେ ଯେତେ ବିକାଶ କାର୍ଯ୍ୟ ହୋଇଛି ଓ ଖଣି ଖାଦାନ କାର୍ଯ୍ୟ ହୋଇଛି ସେଥିରେ ଯେଉଁମାନେ ବାରମ୍ବାର ବିସ୍ଥାପିତ ହୋଇଛନ୍ତି ସେମାନଙ୍କ ଭିତରେ ଏହି ଶ୍ରେଣୀ ସବୁଠାରୁ ଅଧିକ।

ଓଡ଼ିଶାରେ ଆଦିମ ଜନଜାତିମାନଙ୍କ ଅବସ୍ଥା ଯେଉଁ ସ୍ତରରେ ରହିଛି ସେ ସଂକ୍ରାନ୍ତରେ ରାୟଗଡ଼ା ଜିଲ୍ଲାର ଡଙ୍ଗରିଆ କନ୍ଧମାନଙ୍କ ସଂପର୍କରେ ଜାତୀୟ ଖବର କାଗଜରେ ପ୍ରକାଶିତ ଏକ ରିପୋର୍ଟରୁ ଏହା ପରିଷ୍କାର ହୋଇଯାଇଛି। ଯେଉଁ ଡଙ୍ଗରିଆ କନ୍ଧମାନେ ନିୟମଗିରିରେ ବେଦାନ୍ତର ବକ୍ସାଇଟ୍ ଖଣିକୁ ବିରୋଧ କରିଥିଲେ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଫଳରେ ୧୨ଟି ଗ୍ରାମସଭାରେ ଯେଉଁ ଲୋକମାନେ ବେଦାନ୍ତ ପ୍ରକଳ୍ପ ବନ୍ଦ ପାଇଁ ସର୍ବସମ୍ମତ ମତ ଦେଇଥିଲେ ସେମାନଙ୍କ ଭିତରେ ପ୍ରବଳ ସଚେତନତା ସତ୍ତ୍ୱେ ବିକାଶ ଧାରା ସେମାନଙ୍କୁ ଛୁଇଁ ପାରୁନାହିଁ । ଏହି ଡଙ୍ଗରିଆ କନ୍ଧମାନଙ୍କ ଚଳଣି ଓ ସ୍ୱତନ୍ତ୍ର ଜୀବନ ପ୍ରଣାଳୀ ଯୋଗୁ କେନ୍ଦ୍ର ସରକାର ସେମାନଙ୍କୁ ପିଭିଟିଜି ଭାବରେ ଘୋଷିତ କରିଛନ୍ତି । ସେମାନଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ । ୨୦୧୩ରେ ସେମାନେ ଏକ ବଡ଼ ଆନ୍ଦୋଳନ ଜରିଆରେ ବେଦାନ୍ତ ବିରୋଧରେ ବିଜୟ ହାସଲ କରିଥିଲେ ମଧ୍ୟ ସେମାନଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଅର୍ଥ ଖର୍ଚ୍ଚ କରୁଛନ୍ତି ବୋଲି ଦାବି କରୁଛନ୍ତି ତାହା ସେମାନଙ୍କ ପାଖରେ ପହଂଚି ପାରୁନାହିଁ। ସେମାନଙ୍କ ପାଇଁ ବଡ଼ ସମସ୍ୟା ହେଉଛି ଶିକ୍ଷା। ସେମାନେ ରହୁଥିବା ଗାଁ ଗୁଡ଼ିକରେ ମାତ୍ର କେତୋଟି ଲେଖାଏଁ ଘର ଥିବାରୁ ସେହିସବୁ ଅଞ୍ଚଳରେ ପିଲାମାନଙ୍କ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ଠିକ୍ ଭାବରେ କରାଯାଉନାହିଁ। ସରକାର ୪/୫ଟି ଗାଁକୁ ନେଇ ଯେଉଁ ବିଦ୍ୟାଳୟ ସ୍ଥାପନ କରୁଛନ୍ତି ସେହି ସ୍କୁଲକୁ ଯିବା ପାଇଁ ଗୋଟିଏ ଗୋଟିଏ ଗାଁର ପିଲାଙ୍କୁ ୩ କିମି ପର୍ଯ୍ୟନ୍ତ ଯିବାକୁ ପଡୁଛି। ପାହାଡ଼-ପର୍ବତ ଓ ଜଙ୍ଗଲ ଘେରା ଅଞ୍ଚଳରେ ୩ କିମି ଯାତ୍ରା କରି ବିଦ୍ୟାଳୟକୁ ଯିବା ସମ୍ଭବ ହେଉନାହିଁ।

ସରକାରୀ ତଥ୍ୟରେ କୁହାଯାଉଛି ଯେ ସ୍କୁଲରେ ନାମ ଲେଖା ବଢ଼ିଯାଇଛି। କିନ୍ତୁ ବାସ୍ତବତା ସଂପୂର୍ଣ୍ଣ ଭିନ୍ନ। ଯେଉଁମାନେ ପ୍ରଥମ ଅବସ୍ଥାରେ ନାମ ଲେଖାଉଛନ୍ତି ସେମାନେ ପ୍ରତିଦିନ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ। ସ୍କୁଲ ଯିବା ବାଟରେ ନାଳ ଓ ଜଙ୍ଗଲ ହେତୁ ବନ୍ୟଜନ୍ତୁର ଭୟ ମଧ୍ୟ ରହୁଥିବାରୁ ସେମାନେ ସ୍କୁଲକୁ ଯିବା ବଦଳରେ ଘରେ ବାପା-ମା'ଙ୍କୁ ସାହାଯ୍ୟ କରୁଛନ୍ତି। ଶିକ୍ଷା ପାଇଲେ ସେମାନଙ୍କ ଭାଗ୍ୟ ଓ ଅବସ୍ଥାରେ ପରିବର୍ତ୍ତନ ଘଟିବ ବୋଲି ସେମାନେ ଭାବିପାରୁ ନାହାନ୍ତି। ଯଦିଓ ଏହି ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ରହିଛି ଓ ସ୍ମାର୍ଟଫୋନରୁ ସେମାନେ ୟୁଟ୍ୟୁବ୍ ଜରିଆରେ ଯେଉଁ ଜ୍ଞାନ ବା ଧାରଣା ପାଉଛନ୍ତି ତାହା ସେମାନଙ୍କ ପାଇଁ ଯଥେଷ୍ଟ ବୋଲି ଭାବୁଛନ୍ତି। ସ୍କୁଲକୁ ଯିବା ଅପେକ୍ଷା ଘରେ ଛେଳି ରକ୍ଷଣାବେକ୍ଷଣ ସହିତ ଜାଳେଣି କାଠ ସଂଗ୍ରହ କରି ସେମାନେ ସମୟ କଟେଇବାକୁ ଭଲ ମନେ କରୁଛନ୍ତି।

ଏମାନଙ୍କ ନିକଟରେ ଶିକ୍ଷା ପହଂଚିବା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ବ୍ୟବସ୍ଥା ହେବା କଥା ତାହା ଏ ପର୍ଯ୍ୟନ୍ତ କରାଯାଇପାରୁ ନାହିଁ। ଏମାନେ ସ୍କୁଲକୁ ଗଲେ ମଧ୍ୟ ଯେଉଁ ଭାଷାରେ ଓ ଯେପରି ଭାବରେ ସେମାନଙ୍କୁ ପଢ଼ାଯାଉଛି ସେଥିରେ ତାହା ସେମାନଙ୍କ ଭିତରେ ଆଗ୍ରହ ସୃଷ୍ଟି କରୁନାହିଁ। ଘରେ ସେମାନେ ଗୋଟିଏ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ସ୍କୁଲର ପାଠପଢ଼ା ଭିନ୍ନ ଭାଷାରେ ହେଉଥିବା ସେମାନେ ଅନୁଭବ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦିବାସୀ ଅଞ୍ଚଳର ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ରଖି ସେମାନଙ୍କ ସୁବିଧା ବୁଝି ପାଠପଢ଼ାର ଯେଉଁ ବ୍ୟବସ୍ଥା କରାଯାଇଛି । ସେଥିରେ ଏହି ଆଦିମ ଜନଜାତିର ପିଲାମାନେ ପ୍ରଭାବିତ ହେଉନାହାନ୍ତି। କାରଣ ଏହି ସବୁ ଆଶ୍ରମ ବିଦ୍ୟାଳୟମାନଙ୍କରେ ଯେଉଁମାନେ ୱାର୍ଡେନ ଭାବେ ରହିଛନ୍ତି ଓ ଆଶ୍ରମର ଅନ୍ତେବାସୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ସହିତ ସହାୟତା ପାଇଁ ଯେଉଁମାନେ ଅଛନ୍ତି ସେମାନେ କେବଳ ଚାକିରି ଲୋଭରେ ଏହି କାର୍ଯ୍ୟ କରୁଛନ୍ତି। ଏହି ପିଲାମାନଙ୍କୁ ଅପଣାଇ ନେବା ପାଇଁ ଓ ସେମାନଙ୍କ ସବୁକଥା ବୁଝିବା ପାଇଁ ସେମାନେ ପ୍ରସ୍ତୁତ ନୁହନ୍ତି।

ଦୁଃସ୍ଥ ଆର୍ଥିକ ସ୍ଥିତି ସହିତ ଶିକ୍ଷା କ୍ଷେତ୍ରରେ ଆଦିମ ଜନଜାତି ସଂପ୍ରଦାୟଙ୍କ ଅଗ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ। ସେହିସବୁ ଅଞ୍ଚଳରେ ଶିକ୍ଷା ପାଇଁ ଓ ଏହି ଜନଜାତିମାନଙ୍କ ଆର୍ଥିକ ବିକାଶ ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେଉଛି ତାହା ଯଦି ଏହି ସଂପ୍ରଦାୟ ଭିତରେ ବଂଟା ଯାଇଥାନ୍ତା। ହୁଏତ ସେମାନଙ୍କ ଅବସ୍ଥାରେ ଅନେକ ପରିବର୍ତ୍ତନ ହୋଇଥାନ୍ତା। ଏହିମାନଙ୍କୁ ଯଦି ଶିକ୍ଷାରେ ଆଗକୁ ଆଣି ମୁଖ୍ୟ ସ୍ରୋତରେ ସାମିଲ କରାନଯାଏ ତେବେ ସେମାନଙ୍କ ଦୟନୀୟ ସ୍ଥିତିରେ ପରିବର୍ତ୍ତନ ହେବ ନାହିଁ। ଶିକ୍ଷା ପ୍ରବେଶ କଲେ ହୁଏତ ସେମାନେ ସରକାର ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ତା'ର ହିସାବ ସେମାନେ ଅଧିକାରୀଙ୍କୁ ମାଗିପାରନ୍ତେ। ସାଧାରଣ ବିଦ୍ୟାଳୟମାନଙ୍କରେ ଯେଉଁ ଢାଞ୍ଚାରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ପାଠ ପଢ଼ା ହେଉଛି ସେହି ବ୍ୟବସ୍ଥା ହୁଏତ ସେଠାରେ କାର୍ଯ୍ୟକାରୀ କଲେ ଶିକ୍ଷାର ପ୍ରସାର ସହଜରେ ହେବନାହିଁ। ସେମାନେ ଘରେ ବା ଗାଁରେ ଯେଉଁ ଭାଷାରେ କଥାବାର୍ତ୍ତା କରୁଛନ୍ତି ତାହାକୁ ଯେଉଁ ଭାଷାରେ ପଢ଼ାଯାଉଛି ତାହା ସହିତ ଯୋଡ଼ିବା ପାଇଁ ସ୍ୱତନ୍ତ୍ର ଅଭିଧାନ ଆବଶ୍ୟକ। ଯେଉଁ ଶିକ୍ଷକମାନେ ଏହାକୁ ଭଲ ଭାବରେ ଜାଣି ନାହାନ୍ତି ବା ଅଧ୍ୟୟନ କରିନାହାନ୍ତି ସେମାନଙ୍କୁ ସେହିସବୁ ସ୍କୁଲରେ ଆଦୌ ନିଯୁକ୍ତି ଦେବା ଉଚିତ୍ ନୁହେଁ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ସେମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ପାଠ ପିବା ପାଇଁ ଯେତେ ପ୍ରକାର ବୃତ୍ତି ଓ ସୁବିଧା ଅଛି ସେ ସଂକ୍ରାନ୍ତରେ ସେମାନଙ୍କ ଧାରଣା ବଢ଼ିବା ପାଇଁ ଶିକ୍ଷକମାନଙ୍କୁ ଏକ ଗୁରୁ ଦାୟିତ୍ୱ ନେବାକୁ ପଡ଼ିବ। ଯେପରି ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ୱାର୍ଡେନ ଓ ରୋଷେଇ କରିବା ପାଇଁ ଥିବା ସହାୟକମାନଙ୍କ ଅଙ୍ଗୀକାରବଦ୍ଧତା ଆବଶ୍ୟକ।

ଯେଉଁ ଆଦିମ ଜନଜାତି ବର୍ଗ ରାଜ୍ୟର ବିକାଶରେ ତ୍ୟାଗ କରୁଛନ୍ତି ଓ ରାଜ୍ୟର ବିସ୍ତୃତ ଖଣିଜ ସଂପଦ ଓ ଜଙ୍ଗଲ ସଂପଦର ରକ୍ଷକ ଭାବରେ କାମ କରୁଛନ୍ତି ସେମାନଙ୍କ ନାମରେ ବିକାଶ ପାଇଁ କେବଳ ବ୍ୟୟବରାଦ କରିଦେଲେ କିଛି ଲାଭ ହେବ ନାହିଁ। ବରଂ ଏହି ବିପୁଳ ଅର୍ଥରାଶି ସେହି ପରିଚାଳନା ବର୍ଗ ଗୋଷ୍ଠୀ ହାତକୁ ସହଜରେ ଚାଲିଯିବ।

# ଜିଲ୍ଲା ଅଦାଲତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ଭବାନୀପାଟଣା,(ସବ୍ୟୁ): ଜିଲ୍ଲା ଓ ଦୌରା ଜଜଙ୍କ ଅଧ୍ୟକ୍ଷୟତାରେ ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବିଚାର ବିଭାଗୀୟ ବିଚାରପତି ଓ ନ୍ୟାୟିକ କର୍ମଚାରୀ ସହିତ ଭବାନୀପାଟଣା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ମିଶି ସଫେଇ କାର୍ଯ୍ୟକ୍ରମ ଭବାନୀପାଟଣା ଅଦାଲତ ପରିସରରେ ଆୟୋଜନ କରାଯାଇଥିଲା । ଏକ ରାଲି ଜିଲ୍ଲା ଅଦାଲତ ଠାରୁ ପୌରପାଳିକା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ପାଇଁ ଯାଇଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଓ ଦୌରା ଜଜ ଅନୁପ ରଞ୍ଜନ ପଟ୍ଟନାୟକ , ଭିଜିଲାନ୍ସ ଜଜ ବଦ୍ରି ନାରାୟଣ ନନ୍ଦ , ପରିବାର ଅଦାଲତ ଜଜ ରାଜଶ୍ରୀ ମହାପାତ୍ର , ଅତିରିକ୍ତ ଜିଲ୍ଲା ଜଜ ( ପୋକ୍ସୋ ) ସ୍ମୃତିଲେଖା ବାରିକ , ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜୀବ ଲୋଚନ ସାହୁ, ବରିଷ୍ଠ ସିଭିଲ ଜଜ ( ଏଲ ଆର ଓ ଏଲ ଟି ଭି ) ସୁଦୀପ୍ତ ଦେହୁରି , ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ର , ରେଜିଷ୍ଟ୍ରାର ସିଭିଲ କୋର୍ଟ ଶ୍ରୀଦୀପ ମିଶ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପି. ସୀତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ଥିତିପ୍ରଜ୍ଞା ଅମୃତତନୟା ପ୍ରମୁଖ ଉପସ୍ଥିତ ଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୧୪)

-ବିଭୂତିଯୋଗଃ-

( ଅର୍ଜ୍ଜୁନ ଉବାଚ )

ସର୍ବମେତଦ୍‌ଋତଂ ମନ୍ୟେ ଯନ୍ମାଂ ବଦସି କେଶବ ।
ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦ୍ଦେବା ନ ଦାନବାଃ ।।୧୪।।

(ତୁମର ଐଶ୍ୱର୍ଯ୍ୟ ସମ୍ବନ୍ଧରେ ମୋର ଅସମ୍ଭାବନା ବୃଦ୍ଧି ଆଉ ନାହିଁ- ଏଥିପାଇଁ କହୁଛନ୍ତି) ହେ କେଶବ ! ମୋତେ ଯାହା କହୁଛ ସେସବୁ ସତ୍ୟ ବୋଲି ମୁଁ ମନେକରେ, ଯେହେତୁ ହେ ଭଗବନ୍ ! ତୁମର ଆବିର୍ଭାବ ସମ୍ବନ୍ଧରେ ଦେବତାମାନେ ବା ଦାନବମାନେ କେହି କିଛି ଜାଣନ୍ତି ନାହିଁ ।।୧୪।।

# ଜାମ୍ମୁକାଶ୍ମୀର ଫଳାଫଳ !

ସମ୍ପାଦକୀୟ

ଆଜି ଭୋଟ ଫଳାଫଳାର ଦିନ । ହରିଆନା ଓ ଜାମ୍ମୁକଶ୍ମୀର ନିର୍ବାଚନ ଫଳାଫଳ ବାହାରିବ । ଜନତାଙ୍କ ରାୟ କାହା ସପକ୍ଷରେ ଯିବ, ତାହା ସ୍ପଷ୍ଟ ହେଇଯିବ । ଏକଜିଟ ପୋଲ ତଥ୍ୟ ଅନୁସାରେ, ହରିଆଣାରେ କଂଗ୍ରେସ ଏବଂ ଜମ୍ମୁକାଶ୍ମୀରରେ ନ୍ୟାସନାଲ କନ୍ଫରେନ୍ସ ଓ କଂଗ୍ରେସ ଭଲ କରିବେ । କିନ୍ତୁ ଜାମ୍ମୁକଶ୍ମୀରରେ ଝୁଲା ବିଧାନସଭା ନେଇ ଅଧିକାଂଶ ଏକଜିଟ ପୋଲ ମତ ଦେଇଛନ୍ତି । ଫଳାଫଳ ଯାହା ହେଉନା କାହିଁକି, ଜାମ୍ମୁକାଶ୍ମୀର ନିର୍ବାଚନ ଦେଶ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରର ବିଧାନସଭା ପାଇଁ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେଇଛି, ଯାହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଖୁବ୍ ମହତ୍ତ୍ୱ ରଖେ । ମତଦାନ ହାରରେ ମଧ୍ୟ ଉନ୍ନତି ଆସିଛି ଯାହା ସ୍ପଷ୍ଟ କରିଛି, ଏହି ଅଞ୍ଚଳର ମତଦାତାଙ୍କ ମନରେ ଗଣତନ୍ତ୍ର ପ୍ରତି ବିଶ୍ୱାସ ବୃଦ୍ଧି ପାଇଛି ଏବଂ ଶାନ୍ତି, ସ୍ଥିରତା ପାଇଁ ଜନତା ଆଗ୍ରହର ସହ ଅପେକ୍ଷା କରିଛନ୍ତି । ୨୦୧୯ରେ ଧାରା ୩୭୦ ରଦ୍ଦ ହେବା ପରେ ଜାମ୍ମୁକାଶ୍ମୀର ଓ ଲଦାଖର ବିଭାଜନ ଘଟିଥିଲା । କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର, ବିଚ୍ଛିନ୍ନତାବାଦକୁ ମୁକାବିଲା କରିବା, ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଏହି ଅଞ୍ଚଳକୁ ଦେଶ ସହ ସମ୍ପୂର୍ଣ୍ଣ ଭାବେ ଯୋଡିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି । କେନ୍ଦ୍ର ସରକାରଙ୍କ ଏହା ଏକ ସକାରାତ୍ମକ ଚିନ୍ତାଧାରା ନିଶ୍ଚୟ । ୧୯୮୯ ପରଠାରୁ, ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ବିଚ୍ଛିନ୍ନତାବାଦୀ ଶକ୍ତି ରାଜ୍ୟରେ ହିଂସାତ୍ମକ କାର୍ଯ୍ୟକ୍ରମ ସଂଗଠିତ କରି ଆସୁଛନ୍ତି ଏବଂ ଅନେକ ସମୟରେ କେତେକ ଅଞ୍ଚଳରେ ମତଦାନକୁ ବର୍ଜନ କରିବା ପାଇଁ ଉତ୍ସାହିତ କରି ଆସିଛନ୍ତି । ସେ ଦୃଷ୍ଟିରୁ ଦେଖିବାକୁ ଗଲେ, ଗୋଟିଏ ଦଶନ୍ଧି ପରେ ଏହି ଅଞ୍ଚଳରେ ଅନୁଷ୍ଠିତ ହେଇଥିବା ବିଧାନସଭା ନିର୍ବାଚନ ବେଶ ଶାନ୍ତିପୂର୍ଣ ଭାବରେ ସମାପ୍ତ ହେଇଛି । ପ୍ରାୟ ସବୁ ଛୋଟବଡ ରାଜନୈତିକ ଦଳ ନିର୍ବାଚନରେ ଭାଗ ନେଇଛନ୍ତି ଏବଂ ନିଜ ନିଜର ଚିନ୍ତାଧାରାକୁ ଜନତାଙ୍କ ସାମ୍ନାରେ ଉପସ୍ଥାପିତ କରିପାରିଛନ୍ତି । ଉତ୍ତମ ପ୍ରଚାର ପରିବେଶ, ଶାନ୍ତିପୂର୍ଣ୍ଣ ମତଦାନ ଏବଂ ମତଦାନ ହାର ବୃଦ୍ଧି, ଗଣତନ୍ତ୍ରକୁ ଆହୁରି ଦୃଢ କରିପାରିଛି । ଯେଉଁମାନେ ପୂର୍ବରୁ ମତଦାନ ବୁଥକୁ ଯିବାକୁ ଭୟ କରୁଥିଲେ ସେମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ଭୋଟ୍ ଦେବା ନେଇ ସରକାର ସମସ୍ତ ସତର୍କତା ମୂଳକ ପଦକ୍ଷେପ ନେଇଥିଲେ ଯାହା ଲୋକଙ୍କ ମଧ୍ୟରେ ମତଦାନ କେନ୍ଦ୍ରକୁ ବହୁ ମାତ୍ରାରେ ଆସିବା ପାଇଁ ସାହସ ଦେଇଛି । କେବଳ ରାଜନୈତିକ କାରଣରୁ ନୁହେଁ ବରଂ ଦଶ ବର୍ଷ ପରେ ପ୍ରଥମ ବିଧାନସଭା ନିର୍ବାଚନ ହେବା, ଧାରା ୩୭୦ ରଦ୍ଦ ଏବଂ ଗଣତନ୍ତ୍ରର ପୁନରୁଦ୍ଧାର ପାଇଁ ଏହି ନିର୍ବାଚନ ମହତ୍ତ୍ୱପୂର୍ଣ୍ଣ ଥିଲା । ରାଜ୍ୟ ମାନ୍ୟତା ଫେରି ପାଇବା, ଜାମ୍ମୁକାଶ୍ମୀରର ସବୁ ରାଜନେଅତିକ ଦଳର ମୁଖ୍ୟ ପ୍ରସଙ୍ଗ ଭାବରେ ଉଭା ହେଇଥିଲା ଯାହାକୁ କେନ୍ଦ୍ର ସରକାର ମଧ୍ୟ ସମର୍ଥନ କରନ୍ତି । ତେଣୁ ଆଶାକରିବା ଏହି ଦାବି ଯଥାଶୀଘ୍ର ପୂରଣ ହେବ । ଭୋଟରଙ୍କ ସଂଖ୍ୟା ବୃଦ୍ଧି, ଗଣତନ୍ତ୍ର ପାଇଁ ଲୋକଙ୍କ ଆଗ୍ରହକୁ ଦର୍ଶାଇଛି । ଏହି ମତ ହାର ପ୍ରମାଣ କରୁଛି ଯେ' ହିଂସା, ଅଶାନ୍ତି, ଅସ୍ଥିରତା ପରିବେଶରୁ ଜନତା ମୁକ୍ତି ଚାହୁଁଛନ୍ତି । ହାରାହାରି ୫୮.୪୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି ଯାହାକି ୩୫ ବର୍ଷ ମଧ୍ୟରେ ସର୍ବାଧିକ । ଏହି ନିର୍ବାଚନ ପୂର୍ବ ନିର୍ବାଚନଗୁଡିକ ଠାରୁ ଭିନ୍ନ ଥିଲା କାରଣ ଏହି ଅଞ୍ଚଳର ରାଜନୀତି କେବଳ ଚାରିଟି ପାରମ୍ପାରିକ ରାଜନୈତିକ ଦଳ: ଏନସି, ପିଡିପି, କଂଗ୍ରେସ ଏବଂ ବିଜେପି ମଧ୍ୟରେ ସୀମିତ ଥିଲା ଏବଂ ଏଥର ବିଚ୍ଛିନ୍ନତାବାଦୀ ନେତା ଓ ଦଳ ଏହି ନିର୍ବାଚନରେ ଯୋଗଦେଇଛନ୍ତି ଯାହାକୁ ଅଣଦେଖା କରାଯାଇପାରିବ ନାହିଁ କାରଣ ସେମାନେ ଅତୀତରେ ଭୋଟ ବର୍ଜନ ଡାକରା ଦେଉଥିଲେ । ବିକାଶର ଅଭାବ ଏବଂ ବେକାରୀ ବୃଦ୍ଧି ଭଳି ଅନେକ ନିର୍ବାଚନ ପ୍ରସଙ୍ଗ ସତ୍ତ୍ୱେ ଲୋକମାନେ ରାଜ୍ୟର ପୁନରୁତ୍ଥାନ ଏବଂ ଜାମ୍ମୁକାଶ୍ମୀରର ଏକତା ପାଇଁ ନିର୍ବାଚନରେ ଭାଗ ନେଇଛନ୍ତି । ଅନ୍ୟାନ୍ୟ ମୁଖ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଧାରା ୩୭୦, ଆଇନ ଶୃଙ୍ଖଳା, ଆତଙ୍କବାଦ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିରତା ନିର୍ବାଚନ ପ୍ରଚାରରେ ସ୍ଥାନ ପାଇଥିଲା । ତେବେ ଜାମ୍ମୁକାଶ୍ମୀରରେ ଯେକୌଣସି ଦଳ ବା ମଞ୍ଚ ସରକାର ଗଢିବେ, ତାଙ୍କ ଆଗରେ ଅନେକ କାର୍ଯ୍ୟ ରହିଛି । ବିଶେଷ ଭାବରେ ଲୋକଙ୍କ ପରିବର୍ତ୍ତନର ଭାବନାକୁ ସମ୍ମାନ ଦେବା ସରକାରଙ୍କ ପାଇଁ ସବୁଠାରୁ ବଡ କାର୍ଯ୍ୟ ହେବ । ଶାନ୍ତି, ସ୍ଥିରତା ମଧ୍ୟ ସରକାରଙ୍କ ବଡ ଦାୟିତ୍ୱ ଭାବରେ ଉଭା ହେବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା, ବିକାଶ ପ୍ରକ୍ରିୟାକୁ ନୂଆ ସରକାର ଆଗେଇ ନେବା ଆବଶ୍ୟକ, ଯାହା ଜନତାଙ୍କ ମଧ୍ୟରେ ଦେଶ ପ୍ରତି ଭଲପାଇବାକୁ ଦୃଢ କରିବ । କାଶ୍ମୀର ନିର୍ବାଚନ ଅନ୍ତର୍ଜାତୀୟ ସ୍କାନରରେ ଅଛି । ମତଦାନକୁ ଦେଖିବା ପାଇଁ ବିଭିନ୍ନ ଦେଶରୁ କୂଟନୀତିଜ୍ଞଙ୍କ ଦଳ ଜାମ୍ମୁକାଶ୍ମୀର ଗସ୍ତରେ ଆସିଥିଲେ ଏବଂ କାଶ୍ମୀରରେ ଶାନ୍ତିପୂର୍ଣ୍ଣ ଭାବରେ ନିର୍ବାଚନ ହେବା, ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବ ନିଶ୍ଚୟ । କାରଣ ଆମ ପଡୋଶୀ ଦେଶ କାଶ୍ମୀର ନେଇ ଗୋଟିଏ ନକାରାତ୍ମକ ଚିତ୍ର ଉପସ୍ଥାପିତ କରିଆସୁଛି ଏବଂ ସେ ସବୁ ଚିତ୍ର ଭୁଲ ବୋଲି ପ୍ରମାଣ କରିଛି ଏହି ନିର୍ବାଚନ । ବାସ୍ତବିକ ଏହା ଖୁସିର ବିଷୟ, ଆନନ୍ଦର ବିଷୟ । ତେବେ, ଏହି ନିର୍ବାଚନରେ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଅନେକ କାରଣ ଅଛି । ପ୍ରଥମଟି ହେଲା ପାକିସ୍ତାନର ସର୍ବନିମ୍ନ ଯୋଗଦାନ, କାରଣ ଏହାର ଆଭ୍ୟନ୍ତରୀଣ ସମସ୍ୟା ସାଙ୍ଘାତିକ ଅବସ୍ଥା ଦେଇ ଗତିକରୁଛି ଏବଂ ନିଜ ଦେଶର ଅଶାନ୍ତ ପରିବେଶକୁ ଶାନ୍ତ କରିବାରେ ପ୍ରଶାସନ ବ୍ୟସ୍ତ ରହୁଛି । ଦ୍ୱିତୀୟତଃ କାଶ୍ମୀରବାସୀ ହିଂସାତ୍ମକ ଏବଂ ଅସ୍ଥିରତା ପରିବେଶରୁ ଦୂରେଇବାକୁ ଚାହୁଁଛନ୍ତି । ଦୁଇଟି ପିଢ଼ିର ପିଲାମାନଙ୍କ ଜୀବନ ନଷ୍ଟ ହେଇସାରିଛି, ତେଣୁ ଆଉ ସେମାନଙ୍କ ଜୀବନ ନଷ୍ଟ ନ ହେବା ଜାମ୍ମୁକାଶ୍ମୀରବାସୀ ଚାହୁଁଛନ୍ତି । ତୃତୀୟତଃ ବିଚ୍ଛିନ୍ନତାବାଦୀମାନେ ଏଥର ନିର୍ବାଚନ ବର୍ଜନ କରିନାହାନ୍ତି, ବରଂ ନିର୍ବାଚନରେ ନିଜକୁ ସାମିଲ କରିଛନ୍ତି । ସମୁଦାୟ ୯୦ଟି ଆସନ ପାଇଁ ଏଥର ବହୁମୁଖୀ ଲଢେଇ ହେଉଛି । ଜାତୀୟ ସମ୍ମିଳନୀ ଏବଂ କଂଗ୍ରେସ ମିଳିତ ମଞ୍ଚ ଗଠନ କରିଥିବାବେଳେ ବିଜେପି ଏବଂ ପିଡିପି ଏକକ ନିର୍ବାଚନ ଲଢୁଛନ୍ତି । ଛୋଟମୋଟ ଦଳ ମଧ୍ୟ ନିଜର ଲୋକପ୍ରିୟତା ପରୀକ୍ଷା କରିବା ପାଇଁ ମୈଦାନକୁ ଆସିଛନ୍ତି । ତେବେ ଫଳାଫଳ ଯାହା ହେଉନା କାହିଁକି, ଆମର କର୍ତ୍ତବ୍ୟ ଜନତାଙ୍କ ରାୟକୁ ସମ୍ମାନ ଦେଇ ଦଳମତ ନିର୍ବିଶେଷରେ, ଜମ୍ମୁକାଶ୍ମୀରକୁ ଗୋଟିଏ ଉନ୍ନତ ଓ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବରେ ଗଢିତୋଳିବା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଦେବୀ-ଉପାସନାର ଦିବ୍ୟ ଅନୁଭବ



ମନୋରଞ୍ଜନ ମହାନ୍ତି

ମାଟିରେ ମମତ୍ୱବୋଧ, ପାଣିରେ ଭାବ-ପ୍ରାଚୁର୍ଯ୍ୟ, ପବନରେ ପ୍ରାଣବନ୍ତ ସ୍ପର୍ଶ, ଆକାଶରେ ଆବେଗର ଆସର, ଅଗ୍ନିରେ ଅପ୍ରତିମ ଅଗ୍ନିହୋତ୍ର । ପଞ୍ଚଭୂତରେ ପବିତ୍ରତା, ନୈତିକତା, ଚଟୁଳତା, ଭୂତି, ଉତ୍ତରଣ, ତ୍ୟାଗର ଜାଗତିକ ଯଜ୍ଞ । ଆବିର୍ଭାବ ହୋଇଛି ଦେବୀଙ୍କର । ତାଙ୍କ ଦାନଶୀଳତା, ଐକାନ୍ତିକତା, ବରାଭୟର ଇୟତ୍ତା ନାହିଁ । ସେ ଶକ୍ତି : ଶୁଚିଶୀଳା, କର୍ମନିପୁଣା, ତ୍ୟାଗପୂତା, ଈଶ୍ୱରୀ । ପୈଶାଚିକତା ବିରୋଧରେ ସଂଗ୍ରାମଶୀଳା, ଐଶ୍ୱରିକତାର ମନ୍ତ୍ରରେ ଅଭିମନ୍ତ୍ରିତା ବିଶ୍ୱରୂପା ଦେବୀମୂର୍ତ୍ତି ସେ ।

ଶକ୍ତି ସର୍ବତ୍ର ବିଦ୍ୟମାନ । ଶସ୍ୟ ଉତ୍ପାଦନକ୍ଷମ ମାଟି ଶକ୍ତିରେ ପୂର୍ଣ୍ଣ । ତୃଷା ନିବାରଣକାରୀ ପାଣି ଶକ୍ତିରେ ପୂର୍ଣ୍ଣ । ନିଃଶ୍ୱାସ ପ୍ରଶ୍ୱାସରେ ପ୍ରବହମାନ ପବନ ଶକ୍ତିରେ ପୂର୍ଣ୍ଣ । ଆଲୋକ ଉତ୍ତାପର ଭଣ୍ଡାରଘର ଆକାଶ ଶକ୍ତିରେ ପୂର୍ଣ୍ଣ । ଖାଦ୍ୟପାକରେ ସହାୟକ ଅଗ୍ନି ଶକ୍ତିରେ ପୂର୍ଣ୍ଣ । ପଞ୍ଚଭୂତରେ ଶକ୍ତିର ପରାକାଷ୍ଠାର ବିପୁଳ ପ୍ରଦର୍ଶନୀ । ଶରତ ଋତୁରେ ଆମେ ଯେଉଁ ଶକ୍ତିମୟୀଙ୍କୁ ଆବାହନ, ଆରାଧନା କରୁ, ସେ ହେଉଛନ୍ତି ଏ ସମସ୍ତ ଶକ୍ତି ଅର୍ଥାତ୍ ମାଟି, ପାଣି, ପବନ, ଆକାଶ, ଅଗ୍ନିଙ୍କର ସମନ୍ୱିତ ଶକ୍ତିର ମହାର୍ଘ ପ୍ରକଟନ ।

ମେଘମୁକ୍ତ, ସୁନୀଳ ଆକାଶରୁ ଜାଗତିକ ଜ୍ୟୋତିର ବିଚ୍ଛୁରଣ । ଗଙ୍ଗଶିଉଳି ଗଛମାନଙ୍କରୁ ଉଲ୍ଲାସମୟ ସୁରଭିର ବିତରଣ । ଜ୍ୟୋତି ଆଉ ସୁରଭିର ସଂଯୋଗରେ ଦେବୀମୂର୍ତ୍ତି ମହିମାନ୍ୱିତା । ସତ୍ୟ, ଶିବ, ସୁନ୍ଦରର ତ୍ରିଧାରା ସଂଗମରେ ଅବଗାହିତ ଅବନୀମଣ୍ଡଳ । ରାଶି ରାଶି ଭକ୍ତଙ୍କର ଆକୁଳ ପ୍ରାର୍ଥନା ପ୍ରତିଧ୍ୱନିତ ପଞ୍ଚଭୂତରେ । ଦେବୀଙ୍କ ଚୈତନ୍ୟରେ 'ସତ୍ୟ', ଚିନ୍ତନରେ 'ଶିବ', ଚରିତ୍ରରେ 'ସୁନ୍ଦର'ର ଅପ୍ରମିତ ପ୍ରତିଭାସ ।

କି ଶିକ୍ଷା ପାଉଛି ମାନବଜାତି ଦେବୀଙ୍କ ଶାରଦୀୟ ସନ୍ଦେଶରୁ ? ଜୀବନକୁ ଦିବ୍ୟତ୍ୱର ଶିଖରରେ ସମାରୂଢ଼ କରିବାର ସନ୍ଦେଶ, ନୈତିକ ଶକ୍ତିରେ ସମୃଦ୍ଧ, ବୁଦ୍ଧିମନ୍ତ ହେବାର ସତ୍ୟାପ୍ଳୁତ ଶିକ୍ଷା । ନବନବ ମନନ କରିବାର ଶକ୍ତି । ମାନବ-ଶିଶୁ ଭୂମିଷ୍ଠ ହୁଏ ମା'ର ଗର୍ଭରୁ । ଶୈଶବରେ ମା'ର ମମତାରେ ପାଳିତ ହୁଏ । ଦାମ୍ପତ୍ୟ ଜୀବନରେ ପୁରୁଷ ପିତୃତ୍ୱ, ନାରୀ ମାତୃତ୍ୱ ଅର୍ଜନ କରନ୍ତି, ମୃତ୍ୟୁ ପରେ ସମସ୍ତଙ୍କ ଶରୀର ଧରିତ୍ରୀ ମା'ର ଅର୍ଥାତ୍ ମାଟି-କୋଳରେ ମିଶିଯାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମା'ର ଏ ଯେଉଁ ମହିମା, ସତରେ ତାହା ଅନନ୍ୟ, ଅବର୍ଣ୍ଣନୀୟ ।

ରାମକୃଷ୍ଣ ପରମହଂସ ମୃଣ୍ମୟୀ କାଳୀମୂର୍ତ୍ତିଙ୍କ ମଧ୍ୟରେ, ମା'ଙ୍କୁ ଚିନ୍ମୟୀ ରୂପରେ ଦର୍ଶନ କରିଥିଲେ, ପତ୍ନୀ ସାରଦା ଦେବୀଙ୍କୁ ମାତୃମୂର୍ତ୍ତି ରୂପରେ ପ୍ରତ୍ୟକ୍ଷ କରିଥିଲେ, ପୂଜା କରିଥିଲେ । ତାଙ୍କର ଶିଷ୍ୟ ବିବେକାନନ୍ଦଙ୍କୁ ଜଣେ ବିଦେଶିନୀ ମହିଳା କହିଲେ, 'ମୁଁ ଆପଣଙ୍କୁ ବିବାହ କରିବାକୁ ଚାହୁଁଛି କାରଣ ମୋ ଗର୍ଭରୁ ଆପଣଙ୍କ ଭଳି ପୁଅଟିଏ ଜନ୍ମ ହେବ, ଏହାହିଁ ମୋର ଇଚ୍ଛା ।' ବିବେକାନନ୍ଦ ଉତ୍ତର ଦେଲେ, 'ମୋରି ଭଳି ପୁଅଟିଏ କ'ଣ ଚାହୁଁଛନ୍ତି ? ମୋତେ ପୁଅ କରି ନିଅନ୍ତୁ । ଆପଣ ମୋର ମା' ।' ତନ୍ତ୍ରସାଧକ ବାମାକ୍ଷେପା ତାଙ୍କର ଉପାସ୍ୟ ଦେବୀଙ୍କୁ ଚିନ୍ମୟୀ ରୂପରେ ଦର୍ଶନ କରିଥିଲେ ଓ ଶିଷ୍ୟ ନଳିନୀକାନ୍ତ (ପରବର୍ତ୍ତୀ ସମୟର ସଦ୍‌ଗୁରୁ ନିଗମାନନ୍ଦ)ଙ୍କୁ ଦର୍ଶନ କରାଇଥିଲେ । ନିଗମାନନ୍ଦ ପ୍ରେମ-ସାଧନା ଶିକ୍ଷା କରିଥିଲେ ଗୌରୀ ମା'ଙ୍କଠାରୁ । ଉତ୍କଳୀୟ ତନ୍ତ୍ରସାଧକ ତ୍ରିପୁରାରୀ ଓତା ତାଙ୍କର ପରମାରାଧ୍ୟା କାଳୀମୂର୍ତ୍ତିଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିଥିଲେ ଓ ନାତି ବଳଦେବ ରଥଙ୍କୁ ଦର୍ଶନ କରାଇଥିଲେ । ଜଗଜ୍ଜନନୀ ମା'ଙ୍କର ଆଶିଷ ଲାଭ କରି ବଳଦେବ କବିତା ରଚନା କଲେ ଓ କବିସୂର୍ଯ୍ୟ ନାମରେ ପ୍ରଖ୍ୟାତ ହେଲେ । ଭଗବାନଙ୍କର ୩ଟି ଶକ୍ତି : ଅନ୍ତରଙ୍ଗା, ବହିରଙ୍ଗା ଓ ତଟସ୍ଥା । ଅନ୍ତରଙ୍ଗା ଶକ୍ତି ପୁଣି ୩ ପ୍ରକାରର : ସଂବିତ୍, ସନ୍ଧିନୀ ଓ ହ୍ଲାଦିନୀ । ହ୍ଲାଦିନୀ ଶକ୍ତିର ଅଧିକାରିଣୀ ଗୋପୀମାନେ ଭକ୍ତିମୟୀ ମାତୃମୂର୍ତ୍ତି, ଯାହାଙ୍କର ପାଦଧୂଳି ମୁଣ୍ଡରେ ବୋଳିବାକୁ ଇଚ୍ଛା କରନ୍ତି ବ୍ୟାସଦେବ, ଯାହାଙ୍କର ପାଦରେ ନିରନ୍ତର ଚିତ୍ତ ଥାଉ ବୋଲି କହନ୍ତି ଜଗନ୍ନାଥ ଦାସ । ଶ୍ରୀଜଗନ୍ନାଥ ମନ୍ଦିରରେ ଭୋଗ ରନ୍ଧାଯାଏ, ନୈବେଦ୍ୟ ଅର୍ପଣ କରାଯାଏ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ, ତା'ପରେ ସେହି ନୈବେଦ୍ୟକୁ ପୁନର୍ବାର ଅର୍ପଣ କରାଯାଏ ମା' ବିମଳାଙ୍କୁ, ତେବେ ଯାଇ ତାହା ମା'ର ପ୍ରସାଦ ମହାପ୍ରସାଦରେ ପରିଣତ ହୁଏ । ମା' ପ୍ରସନ୍ନ ହୋଇ ଯାହା ଦାନ କରନ୍ତି, ତା' ହୁଏ ମହାପ୍ରସାଦ, ତାହାକୁ ଭକ୍ତମାନେ ଭୁଞ୍ଜନ୍ତି । ମା'ର ମହିମା ଅପାର, ଯା'ର ଆଶିଷ ଅନାଦି କାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ପରିବ୍ୟାପ୍ତ । ଆଧୁନିକ କାଳରେ ସେଣ୍ଟ୍ ଜୋଆନ୍, ସିଷ୍ଟର୍ ନିବେଦିତା, ମଦର୍ ଟେରେସା ଓ ଆହୁରି ଅନେକ ଶକ୍ତିମୟୀ ଅତୁଳନୀୟା ମାତୃଶକ୍ତିର ଗୋଟିଏ ଗୋଟିଏ ପ୍ରାତଃସ୍ମରଣୀୟ ପ୍ରତୀକ ହୋଇ ରହିଛନ୍ତି ।

ଶରତକାଳୀନ ମହାମଣ୍ଡପରେ ଯେଉଁ ଦେବୀମୂର୍ତ୍ତିଙ୍କୁ ସଂସ୍ଥାପନ କରି ଆମେ ପୂଜା କରୁ ସେ ସତରେ କିଏ ? ଜଗଜ୍ଜନନୀଙ୍କର ସାକାର ପ୍ରତିମା ସେ । ଚିନ୍ମୟୀ ଦେବୀଙ୍କୁ ଶିଳ୍ପୀ ମୃଣ୍ମୟୀ କରି ଗଢ଼େ ସତ, କିନ୍ତୁ ମୃଣ୍ମୟୀ ଦେବୀଙ୍କ ଭିତରେ ଚିନ୍ମୟୀ ପ୍ରତିଭାସିତ ହେଉଥାଆନ୍ତି । ବିଶ୍ୱର ପ୍ରତ୍ୟେକ ପ୍ରାଣୀର ଅସ୍ତିତ୍ୱରେ, ଅନ୍ତଃକରଣରେ ସେହି ଶକ୍ତିର ଆବିର୍ଭାବ ହୋଇଥାଏ । ପୂଜାମଣ୍ଡପରେ ପୁରୋହିତ ଶ୍ଳୋକ ପାଠ କରନ୍ତି, ଯହିଁରେ ପ୍ରକୀର୍ତ୍ତିତ ହେଉଥାଏ ଦେବୀଙ୍କର ମହିମା । ଭକ୍ତର ଅନ୍ତରରେ ପ୍ରତିଧ୍ୱନିତ ହେଉଥାଏ ଦେବୀଙ୍କର ଓଜସ୍ୱିନୀ ବାଣୀ । ଦେବୀଙ୍କର ଧରାବତରଣ ସତରେ କେଉଁଥି ପାଇଁ ? ମଣିଷକୁ ଦେବତ୍ୱର ସୋପାନକୁ ଉତ୍ତୋଳନ କରିବା ପାଇଁ, ମଣିଷର ଅନ୍ତରରେ ସଇତାନ୍‌କୁ ବିତାଡ଼ିତ କରି ଭଗବାନଙ୍କୁ ସଂସ୍ଥାପନ କରିବା ପାଇଁ, ମଣିଷକୁ ମ୍ଳେଚ୍ଛତ୍ୱ (କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଭଳି ଛଅଟି କୁ-ପ୍ରବୃତ୍ତିର ମେଳ)ରୁ ମୁକ୍ତି ଦବା ପାଇଁ । ଦେବୀ ଅସୁରକୁ ବଧ କରିବା ଗୋଟେ ଉଜ୍ଜ୍ୱଳ ଉଦାହରଣ, ମାନବ-ସମୁଦାୟ ପାଇଁ । ଅସୁରତ୍ୱର ବିନାଶ ହେଲେ ଯାଇ ଈଶ୍ୱରତ୍ୱର ବିକାଶ ହେବ, ତାହାହିଁ ଦେବୀ-ଉପାସନାର ଉଦ୍ଦେଶ୍ୟ ।

ମଣିଷକୁ 'କାମ' ଭାବ ଦୁଶ୍ଚରିତ୍ର କରେ, 'କ୍ରୋଧ' ଅପରିଣାମଦର୍ଶୀ କରେ, 'ଲୋଭ' ସଂକୀର୍ଣ୍ଣ କରେ, 'ମୋହ' ବିଚଳିତ କରେ, 'ମଦ' ଆତ୍ମପ୍ରଶସ୍ତିରତ କରେ, 'ମାତ୍ସର୍ଯ୍ୟ' ପରଶ୍ରୀଅସହିଷ୍ଣୁ କରେ । ଦେବୀ-ଉପାସନାରେ ଅନ୍ତରଙ୍ଗ ସାଧନା ହେଉଛି, ମଣିଷ ନିଜର ଶରୀର, ମନ, ପ୍ରାଣକୁ ଶୁଦ୍ଧ, ସଂଯତ, ଶୃଙ୍ଖଳିତ କରୁ, ତେବେ ଯାଇ ଉପରୋକ୍ତ ଷଡ଼-ଦୈତ୍ୟ ଅବଦମିତ ହେବ । ଦୈବୀ ଶକ୍ତିର ବିପୁଳତା ସମକ୍ଷରେ ମଣିଷ ସ୍ୱତଃ ସମର୍ପିତ ହୋଇଯିବ ।

ସେତେବେଳେ ମଣିଷର ଚତୁଃପାର୍ଶ୍ୱସ୍ଥ ବୃକ୍ଷରୁ ବିନୟର ଅମୃତ କ୍ଷରଣ ହେବ, ଲତାଗହଳରେ ଲଳିତଭାବ ଫୁଟିଉଠିବ, ଫୁଲମାନେ ମଧୁସ୍ରୋତରେ ପ୍ଳାବିତ ହେବେ, ଫଳଗୁଡ଼ିକ ବ୍ରହ୍ମାଣ୍ଡୀୟ ପ୍ରାଚୁର୍ଯ୍ୟର ସ୍ତୁତି ଗାନ କରିବେ, ଜଳମଣ୍ଡଳରେ ଜୀବନ-ଦୀପର ପ୍ରତିଫଳନ ଦୃଶ୍ୟ ହେବ, ବାୟୁମଣ୍ଡଳରେ ଜୀବନର ବେଦପାଠ ଶୁଭୁଥିବ, ଗଗନମଣ୍ଡଳରେ ଜୀବନର ଚିତ୍ର ଆଙ୍କି ହୋଇଯାଉଥିବ ଅର୍ଥାତ୍ ନକ୍ଷତ୍ରମାଳାରୁ ଜୀବନର ଜ୍ୟୋତି ଝରିଆସୁଥିବ । ଦୈବୀଶକ୍ତି ସମକ୍ଷରେ ମଣିଷ ସମର୍ପିତ ହେବା ସମୟରେ ସମଗ୍ର ବ୍ରହ୍ମାଣ୍ଡ ହୋଇ ଉଠିବ ଜୀବନମୟ । ସେତେବେଳେ ମଣିଷ ବୁଝିପାରିବ ଶିଶୁର ଶୈଶବରେ କିମିତି ଭରିଯାଉଛି ଶୁଭ୍ର ଶୁଚିଶୀଳତା, ଯୁବକର ଯୌବନରେ ଜ୍ୟୋତିର୍ମୟ ଜ୍ୟୋତ୍ସ୍ନା, ବୃଦ୍ଧର ବାର୍ଦ୍ଧକ୍ୟରେ ବିଶ୍ୱାସ ଓ ବରାଭୟର ବିଭୂତି । ଜଗତ୍-ଯଜ୍ଞରେ ସ୍ୱୟଂ ମଣିଷ ହୋଇଯାଇଛି ଆଜୀବନ ଯାଜ୍ଞିକ । ତା'ର ନିଃଶ୍ୱାସ ପ୍ରଶ୍ୱାସରେ ଦ୍ରବୀଭୂତ ହୋଇଯାଇଛି ଭଗବତ୍ ବିଶ୍ୱାସ, ଯାହା ଅନିର୍ବଚନୀୟ, କେବଳ ସ୍ୱତଃ ଅନୁଭବର ପର୍ଯ୍ୟାୟ । ଜୀବନ-ଗ୍ରନ୍ଥର ସବୁଠୁ ଉଜ୍ଜ୍ୱଳ ଅଧ୍ୟାୟ ହେଉଛି ଏହି ସମୟ ।

ଶରତ୍‌କାଳରେ ଦେବୀଙ୍କ ମୃଣ୍ମୟୀ ବିଗ୍ରହ ଅନ୍ତର୍ଗତ ଚିନ୍ମୟୀ ସତ୍ତା, ସତେ ଯେପରି ମଣିଷକୁ ଆହ୍ୱାନ ଦେଉଥାଆନ୍ତି, ପୂର୍ଣ୍ଣତାର ସୋପାନ ଆଡକୁ ନିଜକୁ ଉତ୍ତୋଳନ କରିବା ପାଇଁ । ଦେବୀ ପରିପୂର୍ଣ୍ଣ ଐଶୀ ଶକ୍ତି, ଯାହାଙ୍କର ଶାରଦୀୟ ଆଗମନ ସୂଚନା ଦେଉଥାଏ, ମଣିଷ ଆଧ୍ୟାତ୍ମିକ ଆସ୍ପୃହାର ଉଚ୍ଚତାକୁ ଆରୋହଣ କରୁ, ଜୀବନ-ଉତ୍ତରଣର ଉପନିଷଦ୍ ପଢୁ । ନିର୍ମଳ ଶରତ ଋତୁ ସତେ ଯେପରି କହୁଥାଏ ମଣିଷର ଅନ୍ତଃକରଣ ନିର୍ମଳ ହେଉ । ଏହି ନିର୍ମଳତା ହିଁ ଜୀବନର ପରିପୂର୍ଣ୍ଣତା । ସନାତନ ଧର୍ମ ଆମକୁ ପରିପୂର୍ଣ୍ଣତାର ସନ୍ଦେଶ ଦିଏ । ନୈରାଶ୍ୟବାଦୀ ଜୀବନକୁ 'ଶୂନ୍ୟ' କହେ ସିନା ଆଶାବାଦୀ 'ପୂର୍ଣ୍ଣ' ବୋଲି କହେ । ଦେବୀ ମଣିଷର ମନରେ ଆଶାବାଦିତା, ସକାରାତ୍ମକତା ଭରିଦେଇ ପ୍ରାଣରେ ବିମଳ ଆନନ୍ଦ ସଂଚାର କରନ୍ତି, ଜୀବନ-ପାତ୍ରକୁ ପୂର୍ଣ୍ଣ କରନ୍ତି । ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟି ରହିଲେ, ମଣିଷ ଜୀବନକୁ ଐଶୀ ସତ୍ତାର ପ୍ରକଟନ ଭାବରେ ଗ୍ରହଣ କରିବ, ଅମୃତ ପ୍ରାପ୍ତିର ଆଶାରେ ଆଜୀବନ ବିଭୋର ହେବ । ଦାନବକୁ ବଧ କରି ଦେବୀ ଦର୍ଶାଇ ଦେଇଛନ୍ତି ସଂସାରରେ ଦାନବତ୍ୱର ପରାଜୟ ହେବ, ଦେବତ୍ୱର ବିଜୟ ହେବ ଓ ତତ୍‌ସହିତ ନିରାଶାର ଅନ୍ତ ହୋଇ, ଆଶାର ଉନ୍ମୋଚନ ହେବ । 'ଜୀବନ ଶୂନ୍ୟ' ଏହି ଭାବର ଅନ୍ତ ହୋଇ, 'ଜୀବନ ପୂର୍ଣ୍ଣ' ଭାବର ଉନ୍ମୀଳନ ହେବ ।



ଶବ୍ଦର ଉଚ୍ଚାରଣ ବା ଶ୍ରବଣ, ଶରୀର ଓ ମନ ଉପରେ ପ୍ରଭାବ ବିସ୍ତାର କରେ । ମଧୁର ଫଳ 'ଆମ୍ବ', 'କମଳା', 'ସେଓ', 'ଅଙ୍ଗୁର' ଇତ୍ୟାଦି ଶବ୍ଦଗୁଡ଼ିକର ଉଚ୍ଚାରଣ ବା ଶ୍ରବଣରେ ଜିହ୍ୱା ତୃପ୍ତ ହୁଏ, 'ଧୂପ' ଶବ୍ଦରେ ନାସା ତୃପ୍ତ ହୁଏ, 'ଦୀପ' ଶବ୍ଦରେ ଚକ୍ଷୁ ତୃପ୍ତ ହୁଏ, ଠିକ୍ ସେହିଭଳି 'ଦେବୀ' ଶବ୍ଦ ଉଚ୍ଚାରଣ ବା ଶ୍ରବଣ କଲେ, ଶରୀର ରୂପାନ୍ତରିତ ହୁଏ ଦେବାଳୟରେ, 'ମା' ଶବ୍ଦରେ ଅନ୍ତର ଅବଗାହିତ ହୁଏ ଆଶିଷ, ଆନନ୍ଦ, ଅମୃତର ପ୍ରୟାଗ ତୀର୍ଥରେ । ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ତାଙ୍କ 'ଶ୍ରୀରାମଚରିତ ମାନସ'ର ବାଲ୍ୟକାଣ୍ଡରେ ଲେଖିଛନ୍ତି, 'ଶ୍ରୀରାମଚନ୍ଦ୍ର ପ୍ରାତଃକାଳରେ ଶଯ୍ୟା ତ୍ୟାଗ କରି ମା', ବାପା, ଗୁରୁଙ୍କର ଚରଣ ସ୍ପର୍ଶ କରି ପ୍ରଣାମ କରନ୍ତି, ସର୍ବପ୍ରଥମେ ପ୍ରଣାମ କରନ୍ତି ମା'ଙ୍କୁ । ମା'ର ଚରଣ ସ୍ପର୍ଶ କରି ପୁଅର ଦେହରେ ଖେଳିଯାଏ ଦିବ୍ୟତ୍ୱର ତରଙ୍ଗ, ମନରେ ଭରିଯାଏ ମମତାର ମକରନ୍ଦ, ପ୍ରାଣରେ ଫୁଟିଉଠେ ପୁଲକର ପ୍ରସୂନ । ଶରତ ଋତୁରେ ଦେବୀଙ୍କ ପୂଜାମଣ୍ଡପରେ ଭକ୍ତମାନେ ଜଗଜ୍ଜନନୀଙ୍କୁ ଭୂମିଷ୍ଠ ପ୍ରଣାମ କରି ଦେହ, ମନ, ପ୍ରାଣରେ ସେହି ଅନୁଭବ ହିଁ ପ୍ରାପ୍ତ ହୁଅନ୍ତି ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# କୋଲକାତାର 'ଟ୍ରାମ୍' ସେବା



ବାଦଲ ଭୂୟାଁ

୧୮୭୩ରୁ ୨୦୨୪ ସୁଦୀର୍ଘ ୧୫୦ ବର୍ଷର ପରମ୍ପରାର ପୂର୍ଣ୍ଣଛେଦ ପଡ଼ି, ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା କୋଲକାତାର ଟ୍ରାମ ସେବା ବନ୍ଦ ହେବାକୁ ଯାଉଛି । ଇଂରେଜ ଅମଳରୁ ଏହି ଟ୍ରାମର ସମୃଦ୍ଧ ଇତିହାସ ସମଗ୍ର ବିଶ୍ୱ ଦରବାରରେ ନିଜ ସ୍ୱତନ୍ତ୍ରତା ଓ ପରିଚୟ ବହନ କରିଥିଲା । ଏହା ସଡ଼କ ମାର୍ଗରେ ଅପେକ୍ଷାକୃତ କମ୍ ଭିଡ଼ ରଖିବା ସହ ପ୍ରଦୂଷଣ ଠାରୁ ପରିବେଶକୁ ମଧ୍ୟ ସୁରକ୍ଷା ଦେଉଥିଲା । ତେବେ ଏସବୁ ଏବେ ସ୍ୱପ୍ନ ହେବାକୁ ଯାଉଛି । ଭାରତର ଏକମାତ୍ର 'ଟ୍ରାମ ମାର୍ଗ' ପାଇଁ କୋଲକାତା ସମଗ୍ର ବିଶ୍ୱରେ ପରିଚିତ । କିନ୍ତୁ ଦୀର୍ଘ ବର୍ଷ ଧରି ନିବେଶରେ ଅଭାବ ଯୋଗୁଁ ଏହି ସେବା ଜରାଜୀର୍ଣ୍ଣ ହୋଇପଡ଼ିଲା । ଏଭଳି ସ୍ଥିତିରେ ପଶ୍ଚିମବଙ୍ଗ ସରକାର ଟ୍ରାମ ସେବାକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଅନୁସାରେ, ଦେଶର ଏକମାତ୍ର ଟ୍ରାମ ସେବା ପ୍ରଦାନକାରୀ ରାଜ୍ୟରୁ ଉଭାନ ହୋଇଯିବ ଟ୍ରାମ । ସ୍ମୃତିରେ ସୀମିତ ହୋଇଯିବ ଭାରତର ଟ୍ରାମ ଯାତ୍ରା । ରାଜ୍ୟର ସମୃଦ୍ଧ ଐତିହ୍ୟ ଓ ସୌନ୍ଦର୍ଯ୍ୟର ପରିଚୟ ବହନ କରୁଥିବା ଟ୍ରାମ ସେବା ଇଂରେଜଙ୍କ ଦ୍ୱାରା କୋଲକାତାରେ ଆରମ୍ଭ ହୋଇଥିଲା । ପାଟନା, ଚେନ୍ନାଇ, ନାସିକ ଓ ମୁମ୍ବାଇ ଭଳି ସହରରେ ମଧ୍ୟ ଟ୍ରାମ ଯାତ୍ରାକୁ ଗ୍ରହଣ କରାଯାଇଥିଲା । କିନ୍ତୁ ସମୟ ସହିତ ଧୀରେ ଧୀରେ ସବୁଠି ବନ୍ଦ ହୋଇଗଲା ।

୧୮୭୩ ମସିହା, ଫେବୃଆରୀ ୨୪ ତାରିଖରେ କୋଲକାତାରେ ଟ୍ରାମ ଯାତ୍ରା ଆରମ୍ଭ ହୋଇଥିଲା । ଘୋଡ଼ା ଦ୍ୱାରା ଟଣା ଯାଉଥିବା କାର୍ ମାର୍ଗରେ ଏହା ଛୁଟିଲା । ୧୮୮୨ରେ ବାଷ୍ପ ଇଞ୍ଜିନ ଆଧୁନିକତାର ମାର୍ଗଦର୍ଶକ ହେଲା । ୧୯୦୦ ମସିହାରେ ପ୍ରଥମ ବୈଦ୍ୟୁତିକ ଟ୍ରାମ ସେବା ଆରମ୍ଭ ହେଲା, ଯାହା କୋଲକାତାରେ ଯାତ୍ରା ପରିବହନରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା । ଦୀର୍ଘ ୧୧୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ଦ୍ୱାରା ପରିଚାଳିତ ହେବା ପରେ ୨୦୧୩ ମସିହାରେ ଏସି ଟ୍ରାମର ଶୁଭାରମ୍ଭ ହେଲା । ଏହା କୋଲକତା ଟ୍ରାମ ସେବାର ବିକାଶରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଲା । ୨୦୨୩ ମସିହାର ଟ୍ରାମ ସେବା କୋଲକାତାରେ ୧୫୦ ବର୍ଷ ପୂରଣ କଲା । ଏ ଅବସରରେ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା । ତେବେ ସେବା ବନ୍ଦ କରିବାର କାରଣ ବିଷୟରେ କୋଲକାତା ପରିବହନ ମନ୍ତ୍ରୀ କହିଛନ୍ତି ଟ୍ରାମ ପରିବହନର ଏକ ଧିମା ମାଧ୍ୟମ । ଯାତ୍ରୀ ଅପେକ୍ଷାକୃତ ଦ୍ରୁତ ବିକଳ୍ପ ଚାହୁଁଛନ୍ତି । ଟ୍ରାଫିକ ଜାମ ଯୋଗୁ ଅଫିସରେ ପହଞ୍ଚିବାରେ ଲୋକଙ୍କର ବିଳମ୍ବ ନହେଉ, ସେଥିପାଇଁ ଆମକୁ ଏହି ଜଟିଳ ପଦକ୍ଷେପ ନେବାକୁ ପଡୁଛି । ହେରିଟେଜ ଟ୍ରାମ କେବଳ ମୈଦାନ ଓ ଏସପ୍ଲାନେଡ ମଧ୍ୟରେ ଯାତ୍ରା କରିବ । ତେଣୁ ଲୋକେ ଶାନ୍ତି ଓ ପରିବେଶ ଅନୁକୂଳ ଯାତ୍ରାର ଅନୁଭବ ପାଇପାରିବେ । ସରକାରଙ୍କର ଏହି ନିଷ୍ପତ୍ତି ଅନେକ ଲୋକଙ୍କୁ ନିରାଶ କରିଛି । ସ୍ଥାନୀୟ ଯାତ୍ରୀ କହୁଛନ୍ତି, ଟ୍ରାମ ସେବା ବନ୍ଦ କରିବା ଉଚିତ ନୁହେଁ । ଏହା କୋଲାକାତା ଲୋକଙ୍କ ପାଇଁ ଜୀବନରେଖା ଭଳି ଖାସ, ବିଶେଷକରି ଗରିବଙ୍କ ପାଇଁ । ଏବେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ବସ ଓ ଟ୍ୟାକ୍ସି ଯାତ୍ରା ଟ୍ରାମ ତୁଳନାରେ ଅଧିକ ମହଙ୍ଗା ହୋଇଛି । ଏହି ସ୍ଥିତିରେ ଯାତ୍ରାର ସବୁଠୁ ଶସ୍ତା ମାଧ୍ୟମ ଥିଲା ଟ୍ରାମ । ବିଦ୍ୟୁତ ଦ୍ୱାରା ପରିଚାଳିତ ହେଉଥିବାରୁ ଏହା ପରିବେଶ ଅନୁକୂଳ ମଧ୍ୟ । ସମୟ ଥିଲା ସହରରେ ଏକାଧିକ ବସ ଚାଲୁଥିଲା । ତଥାପି ଅନେକେ ଟ୍ରାମକୁ ଅପେକ୍ଷା କରୁଥିଲେ । ବୁଦ୍ଧିଜୀବୀଙ୍କ ମତରେ ଟ୍ରାମ ସହରର ପୁରୁଣା ପରିଚୟ । ସହରୀ ବିକାଶ ଜରୁରୀ, କିନ୍ତୁ ଏଥିସହିତ ଇତିହାସର ସଂରକ୍ଷଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଟ୍ରାମ ଉତ୍ପତ୍ତିର ଇତିହାସ ଅତ୍ୟନ୍ତ ରୋଚକ ଯାହା ପରିବେଶ ଅନୁକୂଳ ଯୋଗୁଁ, ଏହି ବାହନର ଗୁରୁତ୍ୱକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିଛି । ଖଣି ଖାଦାନରେ ଘୋଡ଼ାଙ୍କ ଦ୍ୱାରା ଟଣାଯାଉଥିବା ଯାନଗୁଡ଼ିକର ମାର୍ଗକୁ ସହଜ କରିବା ଲାଗି ବ୍ୟବହୃତ ପ୍ଲେଟୱେରୁ ଟ୍ରାମର ଅଭ୍ୟୁଦୟ ସମ୍ପର୍କରେ ଅନୁମାନ କରାଯାଇପାରେ । ତେବେ ୧୮୩୨ ମସିହାରେ ନ୍ୟୁୟର୍କ ଓ ହାର୍ଲେମରେ ଆରମ୍ଭ ହୋଇଥିଲା ପ୍ରଥମ ସହରୀ ଷ୍ଟ୍ରିଟ ଟ୍ରାମୱେ । ଷ୍ଟ୍ରିଟ ରେଲୱେ ନାମରେ ପରିଚିତ ଏହି ଆମେରିକୀୟ ଶବ୍ଦ ଆଜି ବି ବ୍ୟବହୃତ ହୁଏ । ବିଶ୍ୱର ଦ୍ୱିତୀୟ ଘୋଡ଼ା ଟ୍ରାମ ୱେ ୧୮୩୫, ନ୍ୟୁ ଓରଲିଓ୍ୱରେ ନିର୍ମିତ ହୋଇଥିଲା । ଆଜି ବି ଏହା ବୈଦ୍ୟୁତିକ କାର ବ୍ୟବହାର ଲାଗି ବ୍ୟବହୃତ ହେଉଛି ଏବଂ ଦୀର୍ଘ ୧୫୦ ବର୍ଷରୁ ଅଧିକ ସମୟ ଧରି ନିରନ୍ତର ସେବା ଦେଇଆସୁଛି ।

ଆମେରିକୀୟମାନେ ୧୮୫୩ ମସିହାରେ ଟ୍ରାମକୁ ୟୁରୋପର ପ୍ୟାରିସକୁ ଏବଂ ୧୮୬୦ ମସିହାରେ ଇଂଲଣ୍ଡର ଚିରକେନହେଡକୁ ଆଣିଲେ । ତା'ପରେ ୧୮୬୧ରେ ଲଣ୍ଡନ ଏବଂ ୧୮୬୩ରେ କୋପେନହାଗେନ । ୧୮୭୦ ଦଶକ ଘୋଡ଼ା ଟ୍ରାମ ମାର୍ଗ ନିର୍ମାଣର ଦ୍ରୁତ ପ୍ରଗତିର ସମୟ ଥିଲା । କିନ୍ତୁ ସୀମିତ ପଶୁ ଶକ୍ତି ଯୋଗୁଁ ଯାନ୍ତ୍ରିକ ବିକଳ୍ପର ଅନୁସନ୍ଧାନ ଉପରେ ଗୁରୁତ୍ୱ ଦିଆଗଲା । ଏହାପରେ ଆସିଲା ବାଷ୍ପଚାଳିତ ଟ୍ରାମ । କିନ୍ତୁ ସହରୀ ଇଲାକା ପାଇଁ ତାହା ଅତ୍ୟନ୍ତ ଉପଯୁକ୍ତ ହେଲା ନାହିଁ । କମ୍ପ୍ରେସଡ୍ ଏୟାର, ଗ୍ୟାସ ଓ ପେଟ୍ରୋଲ ଇଞ୍ଜିନର ମଧ୍ୟ ପରୀକ୍ଷଣ ହେଲା । କିଛି ସମୟ କେବଳ ଟ୍ରାମୱେ ବେଶ ସଫଳ ହେଲା ଏବଂ ସାନଫ୍ରାନ୍ସିସ୍କୋରେ ଚାଲିଲା । କିନ୍ତୁ ବୈଦ୍ୟୁତିକ ଟ୍ରାମ ସହିତ ଏହି ମହଙ୍ଗା ବିକଳ୍ପଗୁଡ଼ିକ ଖୁବ୍ ଶୀଘ୍ର ଉଭାନ ହୋଇଗଲା । ପ୍ରଥମ ବୈଦ୍ୟୁତିକ ଟ୍ରାମ ବ୍ୟାଟେରୀ ଚାଳିତ ଥିଲା । ତେବେ ଏହା ୱାର୍ନର ଭୋନ ସିମେନ୍ସଙ୍କ ଦ୍ୱାରା ଏହା ବ୍ୟବହାରଯୋଗ୍ୟ ଡାଇନାମୋ ଥିଲା । ୧୮୭୯ ମସିହା ବର୍ଲିନ ଠାରେ ଏହା ବିକଶିତ ହୋଇଥିଲା । ୧୮୮୧ ମସିହାରେ ବର୍ଲିନରେ ଯାତ୍ରୀସେବା ପ୍ରଦାନ ଲାଗି ସିମେନ୍ସ ଓ ହାଲସ୍କେ ପ୍ରଥମ ବୈଦ୍ୟୁତିକ ଟ୍ରାମୱେ ଖୋଲିଲେ । ଚଳନ୍ତା ଟ୍ରେନଗୁଡ଼ିକ ଜରିଆରେ ଏଥିରେ ୧୮୦ ଭୋଲ୍ଟର ବିଦ୍ୟୁତ ଉପଯୋଗ କରାଯାଉଥିଲା । ଏହିଭଳି ଭାବେ ଟ୍ରାମ ବାହନର ଲୋକପ୍ରିୟତା ସୁଦୂରପ୍ରସାରୀ ହେଲା । ଉନବିଂଶ ଶତାବ୍ଦୀ ଶେଷ ପୂର୍ବରୁ ସମଗ୍ର ବିଶ୍ୱରେ ଟ୍ରାମର ପ୍ରସାର ହୋଇସାରିଥିଲା ।

**୪ଜି ପ୍ରତାପ ଆପାର୍ଟମେଣ୍ଟ, ୭**
**ଏକ୍ସଟେନସନ ରୋଡ଼,**
**ପୁରୁଣା ସୋନାରୀ, ଜାମସେଦପୁର**

# ଅଷ୍ଟମାତୃକା ପୂଜା ଓ ମାଆଙ୍କ ଭୋଗ

ବରାହ ପୁରାଣ ସପ୍ତବିଂଶ ଅଧ୍ୟାୟରେ ଉଲ୍ଲେଖ ଅଛି : ଶିବ ଅନ୍ଧକାସୁରକୁ ତ୍ରିଶୂଳରେ ପ୍ରହାର କରିବା ଦ୍ୱାରା ତାହାର ରକ୍ତ ଭୂମିରେ ପଡ଼ି ଅନ୍ଧକ ପରି ଶକ୍ତିଶାଳୀ ଅସଂଖ୍ୟ ଅସୁର ଜନ୍ମନେଲେ । ତେଣୁ ତାହାର ରକ୍ତ ଭୂମିରେ ପଡ଼ିବା ଆଗରୁ ତାହାକୁ ଶୋଷିବା ପାଇଁ ଅଷ୍ଟଦେବତା ସ୍ୱଦେହରୁ ଅଷ୍ଟମାତୃକା ଜାତ କଲେ । ମଣିଷଙ୍କ ଅଷ୍ଟ ରିପୁ ଅଷ୍ଟମାତୃକାରେ ପରିଣତ ହେବା କଥା ମଧ୍ୟ ଏହି ପୁରାଣରେ ଲେଖାଯାଇଛି । ସେମାନେ ହେଲେ କାମ : ଯୋଗେଶ୍ରୀ, ବା ମାହେଶ୍ୱରୀ, କ୍ରୋଧ : ରୁଦ୍ରାଣୀ, ମଦ : ବ୍ରାହ୍ମଣୀ, ମାତ୍ସର୍ଯ୍ୟ : ଇନ୍ଦ୍ରାଣୀ, ଅସୂୟା : ବାରହୀ ଏବଂ ଶୂନ୍ୟ : ଚାମୁଣ୍ଡା । ଏହି ରିପୁମାନେ ଏତେ ଶକ୍ତିଶାଳୀ ଯେ ଏମାନଙ୍କୁ ଦମନ କରିବା ଅସମ୍ଭବ । ଏମାନଙ୍କୁ ଭକ୍ତିଯୋଗରେ ବଶୀଭୂତ କରିବାକୁ ମାତୃକା ପୂଜା ଆରମ୍ଭ ହେଲା । ଶାରଦୀୟ ମହାଉତ୍ସବରେ ଓଡ଼ିଶାରେ ଅଷ୍ଟମାତୃକା ପୂଜନ କରାଯାଏ ।

ଶୈଳପୁତ୍ରୀ : ନିରାମୟ ଜୀବନ ବିତାଇବା ପାଇଁ, ଗାଈ ଘିଅରେ ପ୍ରସ୍ତୁତ ଭୋଗ ଅର୍ପଣ କରାଯାଏ ।
ବ୍ରହ୍ମଚାରିଣୀ : ଚିନିରେ ପ୍ରସ୍ତୁତ ଭୋଗ ଓ ଫଳ । ଏହା ଦ୍ୱାରା ପରିବାର ସଦସ୍ୟ ଦୀର୍ଘାୟୁ ହୁଅନ୍ତି ।
ଚନ୍ଦ୍ରଘଣ୍ଟା: କ୍ଷୀର ଓ ଖିରି ଭୋଗ, ମିଠା ଭୋଗ, ମାଆଙ୍କୁ ଲାଗି ହେବା ପରେ, ବ୍ରାହ୍ମଣଙ୍କୁ ଦାନ କଲେ ଦୁଃଖ ଓ ଶୋକ ନାଶ ହୁଏ ।
କୁଷ୍ମାଣ୍ଡା : ଏହି ବେଶରେ ମାଆଙ୍କୁ ମାଲପୁଆ ଅର୍ପଣ କଲେ ଜ୍ଞାନ ଓ ଶକ୍ତି ବଢ଼େ ।
ସ୍କନ୍ଦମାତା : ପାଚିଲା କଦଳୀ ଭୋଗ କରାଯାଏ ।
କାତ୍ୟାୟନୀ: ଏହି ବେଶରେ ମହୁ ଭୋଗ ମାଆଙ୍କର ପସନ୍ଦ । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଆଶୀର୍ବାଦ ମିଳେ ।
କାଳରାତ୍ରି : ଗୁଡ଼ରେ ପ୍ରସ୍ତୁତ ଭୋଗ ଲାଗି ହୁଏ। ଏହା ଦ୍ୱାରା ଭକ୍ତର ଦୁଃଖ ଶୋକ ନାଶ ହୁଏ । ଅସନ୍ନ ବିପତ୍ତିରୁ ରକ୍ଷା ମିଳେ ।
ମହାଗୌରୀ : ନଡ଼ିଆ ଭୋଗ। ଏହି ବେଶରେ ମାଆଙ୍କ ଠାରେ ସନ୍ତାନହୀନ ଦମ୍ପତି ନଡ଼ିଆ ଭୋଗ ଲଗାଇଲେ ସନ୍ତାନପ୍ରାପ୍ତିର ସୌଭାଗ୍ୟ ମିଳେ ।
ସିଦ୍ଧିଦାତ୍ରୀ : ରାଶି ବା ଖସା ପ୍ରସ୍ତୁତ ଭୋଗ ଲଗାଯାଏ ।

**ଶ୍ୟାମ ସୁନ୍ଦର ସାମଲ,କଟକ,**
**ମୋ-୯୭୭୮୬୩୫୯୨୬**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**



ହିଞ୍ଜିଳି ନିର୍ବାଚନମଣ୍ଡଳୀର ବିଜେଡି ନେତାମାନଙ୍କ ସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

## ବ୍ଲକସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ୧୪ ଜଣ ଜିଲ୍ଲା ସ୍ତରକୁ ମନୋନୀତ

ସାକ୍ଷୀଗୋପାଳ, (ସବ୍ୟୁ) : ସୋମବାର ସତ୍ୟବାଦୀ ବ୍ଲକର ବ୍ଲକ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭମ ପ୍ରଧାନ ଏହି ପ୍ରତିଯୋଗୀତା କୁ ଉଦଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଆତ୍ମରକ୍ଷା ଓ ପ୍ରତିପକ୍ଷଙ୍କୁ ଆକ୍ରମଣ କୌଶଳ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀତା ରେ ସଫଳତା ହାସଲ କରିଥିବା ୧୪ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୟନ ହୋଇଥିଲେ।ସେମାନେ ହେଲେ ତମନ୍ନା ମିଶ୍ର, ପ୍ରିୟଙ୍କା ମେକାପ, ଆରାଧ୍ୟା ସାତ୍ତ୍ୱିକ ମିଶ୍ର, ସ୍ମୃତିରେଖା ନାୟକ, ପ୍ରଜ୍ଞାଶ୍ରୀ ପ୍ରାରମ୍ଭିକା ବିଶ୍ୱାଳ, ରିକିରଞ୍ଜନ ଦାଶ, ଚିନ୍ମୟ ମେକାପ, ଅମ୍ଳାନ ଜ୍ୟୋତି ବରାଳ, ଆଦିତ୍ୟ ରାଜ ସାହୁ, ସୋମନାଥ ନାୟକ, ପିଙ୍କି ପ୍ରସାଦ ମହାରଣା, ରଶ୍ମି ରଞ୍ଜନ ମହାପାତ୍ର, ଆୟୁଷ୍ମାନ ମିଶ୍ର ଏବଂ ସିପୁନ ପ୍ରଧାନ।

## ମା ସମଲେଇଙ୍କ ପୀଠରେ କାମ ନ କରି ବାହାବାନେବାକୁ ଚେଷ୍ଟାକରୁଛି ବିଜେପି ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଥିବା ବିଜେପି ସରକାର ଏକ କପିପେଷ୍ଟ ସରକାର ଓ କେବଳ ନବୀନ ସରକାରଙ୍କ ଅମଳରେ ହୋଇଥିବା କାର୍ଯ୍ୟକୁ ବା ଯୋଜନା ଗୁଡିକୁ ନାମ ଓ ରଙ୍ଗ ପରିବର୍ତ୍ତନ କରି ଚଳାଉଛନ୍ତି ବୋଲି ବିଜେଡି ତରଫରୁ ଅଭିଯୋଗ କରାଯାଉଛି । ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିରବରିଷ୍ଠନେତା ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ଶ୍ରୀ ପୂଜାରୀ କହିଥିଲେ, ସରକାରକୁ ଆସିବାର ୧୨୦ ଦିନ ବିତି ଯାଇଥିଲେ ସୁଦ୍ଧା, କୌଣସି ନୂତନ କାମ ନକରି କେବଳ ନବୀନ ସରକାରଙ୍କ କାର୍ଯ୍ୟର ନାମ ଓ ରଙ୍ଗ ପରିବର୍ତ୍ତନ କରି ସରକାର ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି । ଉଦାହରଣ ସ୍ୱରୂପ, ଗତ ଦୁଇ ଦିନ ହେଲା ସମ୍ବଲପୁରର ମା ସମଲେଇଙ୍କ ମନ୍ଦିର



ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଫଟୋଥିବା ଏକ ପୋଷ୍ଟର ଲଗାଯାଇଛି ଓ ସମାନ ପୋଷ୍ଟର ମଧ୍ୟ ନେଲସନ ମଣ୍ଡେଲା କରୁଛାପୁର ଛକ ପର୍ଯ୍ୟନ୍ତ ରାସ୍ତାର ବ୍ରିଜ ସମ୍ମୁଖରେ ମଧ୍ୟ ଲଗାଯାଇଛି । ସାରା ରାଜ୍ୟ ବାସୀ ଜାଣନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମା ସମଲେଶ୍ୱରୀ ପୀଠର ରୂପାନ୍ତିକରଣକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରାଯାଇଥିଲା । ସେହିପରି, ଛାପୁରବ୍ରିଜ ମଧ୍ୟ ତାଙ୍କରି ସମୟରେ ହୋଇଥିଲା । ବର୍ତ୍ତମାନର ବିଜେପି ସରକାର ବ୍ୟାନର ଲଗାଇ ନିଜର ପ୍ରଚାର କରିବାକୁ ଚାହୁଁଛନ୍ତି । ଲୋକଙ୍କ ପାଇଁ କାମ କରି ପୋଷ୍ଟର ବ୍ୟାନର ଲଗାନ୍ତୁ, ସେଥିରେ ଅସୁବିଧା ନାହିଁ । କାମ ନକରି କେବଳ ପୋଷ୍ଟର ବ୍ୟାନର ଲଗାଇବା ହାହୁରି ନେବାକୁ ଚେଷ୍ଟାକଲେ ଲୋକ ଗ୍ରହଣ କରିବେ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

## ପୋଷଣକୁ ଗୁରୁତ୍ୱ: ସମ୍ମମରେ ସୁନୋ ୨.୦ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ପୋଷଣର ଗୁରୁତ୍ୱ ଏବଂ ଖାଦ୍ୟ ଗ୍ରହଣ ପ୍ରକ୍ରିୟାକୁ ନେଇ ଗତ ଶନିବାର ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ଆୟୋଜିତ ହୋଇଥିବା ଦ୍ୱିତୀୟ ସମ୍ ଅଲ୍ଟିମେଟ ନ୍ୟାସନାଲ ନ୍ୟୁଟ୍ରିସନ୍ ଓରିଏନ୍ଟେସନ୍ (ସୁନୋ ୨.୦) କାର୍ଯ୍ୟକ୍ରମରେ ବିସ୍ତୃତ ଭାବେ ଆଲୋଚନା ହୋଇଯାଇଛି । ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ସାରା ଦେଶରୁ ୯ ଜଣ ବିଶେଷଜ୍ଞ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ମମ୍ର ଚିଫ୍ ଏଗ୍ଜିକ୍ୟୁଟିଭ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଉଦ୍‌ଘାଟନ କରିଥିବା ବେଳେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପୋଷଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଚଳିତ ବର୍ଷର ପ୍ରସଙ୍ଗ 'କ୍ରିଟିକାଲ୍ ନ୍ୟୁଟ୍ରିସନ୍ ଇନ୍ ଆକ୍ସନ୍' ହିଁ ସୂଚାଉଛି ଯେ ସୁସ୍ଥ ହେବା ନିମନ୍ତେ ପୋଷଣ କେତେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଗୁରୁତର ରୋଗୀଙ୍କ କ୍ଷେତ୍ରରେ ପୋଷଣର ଅନିୟମିତତାକୁ ଚିହ୍ନଟ କରିପାରିଲେ ରୋଗର ଜଟିଳତା କମି ଯାଇଥାଏ ଏବଂ ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ ବୋଲି ସେ କହିଥିଲେ। ଏହି କ୍ଷେତ୍ର ବେଶ ବ୍ୟାପକ। ପୋଷଣ କ୍ଷେତ୍ରରେ ଗବେଷଣାର ଆବଶ୍ୟକତା ରହିଛି ବୋଲି ଡକ୍ଟର ଦାଶ କହିଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ରୋଗୀମାନଙ୍କୁ ଅସାଧାରଣ ରୋଗୀ ସେବା ପ୍ରଦାନ କରିବା ନିମନ୍ତେ ଅତ୍ୟାଧୁନିକ ପୋଷଣ ଜନିତ ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଥିବା ବେଳେ ସୁନୋ ୨.୦ ଭଳି କାର୍ଯ୍ୟକ୍ରମ ଏହି ଲକ୍ଷ୍ୟ ପୂରଣ ହେବାରେ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଫେସର ନାୟକ କହିଥିଲେ।

## ବିନା ଲାଇସେନ୍ସରେ ବିଦେଶୀ ମଦ ବିକ୍ରି : ୧ ଗିରଫ

ପୁରୀ, (ସବ୍ୟୁ): ବିନା ଲାଇସେନ୍ସରେ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଚୈତନ୍ୟ ଛକ ନିକଟରୁ ଜଣେ ନିଶା ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ନିଶା ବେପାରୀ ନିକଟରୁ ପୋଲିସ ୫ ଲିଟର ୬୭୦ ମିଲି ଲିଟର ମଦ ଜବତ କରିଛି । ଅଭିଯୁକ୍ତ ଜଣକ ହେଲା ବଳିଆପଣ୍ଡା ବିଜୟନଗର ବସ୍ତିର ଜଗା ଓରଫ ଶାନ୍ତନୁ ରଥ (୨୧) । ପୁଲିସ ସୂତ୍ରରୁ ଜଣାଯାଇଛି ଯେ ରବିବାର ରାତ୍ରରେ ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ



ଅଭିଯୁକ୍ତ ବେଆଇନ ଭାବେ ମଦ କାରବାର କରୁଥିବା ବେଳେ ଧରାପଡ଼ିଥିଲା । ପୋଲିସ ଅଭିଯୁକ୍ତ ବିରୁଦ୍ଧରେ ଓଡିଶା ଅବକାରୀ ଆକ୍ଟ ୫୨ (କ)ରେ କେଶ ନମ୍ବର ୨୩୨/୨୪ କ୍ରମେ ଏକ ମାମଲା ରୁଜୁ କରିଛି ।

## ଦେଶୀ ମଦ ଜବତ ଏବଂ ତିନି ଅଭିଯୁକ୍ତ ଗିରଫ

ବେତନଟୀ(ସବ୍ୟୁ) ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବୈଶିଙ୍ଗା ଏବଂ ବଡ଼ସାହି ଥାନା ଅଧୀନ ତିନୋଟି ଗ୍ରାମରେ ଚଢାଉ କରି ୩୬ ଲି ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି ସୂଚନାରୁ ପ୍ରକାଶ ଖବର ପାଇ ବେତନଟୀ ଅବକାରୀ ଥାନାଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଏକ ଟିମ ସୋମବାର ବୈଶିଙ୍ଗା ଥାନା ମାଣତ୍ରୀ ପାଣ୍ଡି ଅଧୀନ ମାଳିହାଟୀ ଗ୍ରାମରେ ଚଢଉ କରି ମାୟଦୀ ହାଁସଦା ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ମଦ ଜବତ କରିଥିଲା । ପରେ ପରେ ବଡ଼ସାହି ଥାନା ଅଧୀନ ସିଙ୍ଗଟିଆ ଗ୍ରାମରେ ଚଢଉ କରି ଲକ୍ଷ୍ମଣ କିସ୍କୁ ଏବଂ ଖୁଣ୍ଟା ଗ୍ରାମର କର୍ମୀ ସୋରେନ ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମଧ ଦେଶୀ ମଦ ଜବତ କରିଥିଲା ଅବକାରୀ ଟିମ । ଗିରଫ ତିନି ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ସେଠାରେ ସେମାନଙ୍କୁ ଜାମିନ ମିଳିଥିବାର ଜଣାଯାଇଛି

## ମଣ୍ଡପରେ ପୂଜା ପାଇବେ ମହାବୀର

ଭୁବନେଶ୍ୱର (ସବ୍ୟୁ): ନୂଆପଲ୍ଲୀର ଶ୍ରୀଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ଦଶହରାରେ ମା' ଦୁର୍ଗାଙ୍କ ବଦଳରେ ପୂଜା ପାଆନ୍ତି ସଙ୍କଟମୋଚନ ମହାବୀର ।୧୬ ଫୁଟ ଉଚ୍ଚତା ବିଶିଷ୍ଟ ମହାବୀର ପୂଜା ପାଇବେ । ଚଳିତ ବର୍ଷ ପୂଜା ପାଇଁ ଖର୍ଚ୍ଚ ହେବ ୧୦ ଲକ୍ଷ ଟଙ୍କା । ଆଖଣ୍ଡଳମଣୀ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣର ବ୍ୟବସ୍ଥା ହେବ ।



ସପ୍ତମୀ ଦିନ ପୁରୀରୁ ମା' ବିମଳାଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ମହାବୀରଙ୍କ ପୂଜାର୍ଚ୍ଚନା ହୋଇଥାଏ । ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି ଗୀତ ତରଙ୍ଗ ସହ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ମେଲୋଡି ସଙ୍ଗୀତ ବାଦସାହା ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ସୁବାଶିସ ମହାକୁଡ଼, ଭଜନ ସନ୍ଧ୍ୟା, ଏଲ୍ଏନ୍ ଲାଫଟର କ୍ଲବର ସଦସ୍ୟମାନଙ୍କ ଦ୍ୱାରା ନୃତ୍ୟ, ଛୋଟ ପିଲାଙ୍କ ନୃତ୍ୟ, ଦାଣ୍ଡିଆ ନୃତ୍ୟ ଓ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି । ଦୁଇ ଶହରୁ ଅଧିକ ବରିଷ୍ଠ ନାଗରିକ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଭସାଣୀ ଉତ୍ସବରେ ଢୋଲ ନିସାନ, ପଞ୍ଜାବୀ ଢୋଲର ବ୍ୟବସ୍ଥା କରାଯିବା ସହ ୟୁନିଟ–୮ ଡିଏଭି ସ୍କୁଲ ଛକ ସମ୍ମୁଖରେ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ତ୍ତାମାନଙ୍କୁ ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କମିଟିର ସଭାପତି ବିବେକାନନ୍ଦ କର, କାର୍ଯ୍ୟକାରୀ ସଭାପତି ମିଳନ କୁମାର ପାଇକରାୟ, ସନ୍ଦୀପ କୁମାର ବଳ ସୂଚନା ଦେଇଛନ୍ତି ।

## ସର୍ବେଶ୍ୱର ଫୁଡ୍ସ ଲିମିଟେଡ୍ ୧୦୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୫୦୦ କୋଟି ଟଙ୍କାର ଐତିହାସିକ ବିକ୍ରି ହାସଲ

ଭୁବନେଶ୍ୱର (ସବ୍ୟୁ) : ସର୍ବେଶ୍ୱର ଫୁଡ୍ସ ଲିମିଟେଡ କୃଷି ଉତ୍ପାଦ ଏଫ୍ଏମ୍ସିଜି କ୍ଷେତ୍ରରେ ୟୁଏସଏଫଡିଏ ସାର୍ଟିଫାଏଡ୍ ଲିଡର, ଗର୍ବର ସହ ଏକ ଉଲ୍ଲେଖନୀୟ ସଫଳତା ଘୋଷଣା କରିଛି: ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ବିକ୍ରିରେ ୫୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ ଏସଏଫଏଲର ପ୍ରିମିୟମ ଅଫରଗୁଡିକର ବଢୁଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରେ ଏବଂ ମୁଖ୍ୟତଃ 'ନିମ୍ୱାର୍କ' ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ଏହାର ଜୈବିକ ଉତ୍ପାଦଗୁଡିକର ବଢୁଥିବା ସ୍ୱୀକୃତି ପାଇଁ ଦାୟୀ । ଫଳସ୍ୱରୂପ, କମ୍ପାନୀ କୃଷି ଉତ୍ପାଦ ଏଫ୍ଏମ୍ସିଜି କ୍ଷେତ୍ରରେ ୟୁଏସଏଫଡିଏ ସାର୍ଟିଫାଏଡ୍ ଲିଡର୍ ଦେଖୁଛି, ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଉଲ୍ଲେଖନୀୟ ୫୦୦ କୋଟି ଟଙ୍କାର ବିକ୍ରି ଘୋଷଣା କରିଛି, ଏସଏଫଏଲର ପ୍ରିମିୟମ୍ ଅଫରର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି ଏବଂ ମୁଖ୍ୟତଃ 'ନିମ୍ୱାର୍କ' ବ୍ରାଣ୍ଡ୍ ନାମରେ ବିକ୍ରି ହେଉଥିବା ଏହାର ଜୈବିକ ଉତ୍ପାଦଗୁଡ଼ିକର ବୃଦ୍ଧି ପାଉଥିବା ସ୍ୱୀକୃତିକୁ ଦାୟୀ କରୁଛି। ସର୍ବେଶ୍ୱର ଗ୍ରୁପର ଅଧକ୍ଷ ରୋହିତ ଗୁପ୍ତା କହିଛନ୍ତି, 'ଏହି ଉଲ୍ଲେଖନୀୟ ଉପଲବ୍ଧି ଆମ ଗ୍ରାହକଙ୍କ ଆମ ଉପରେ ଥିବା ବିଶ୍ୱାସର ପ୍ରମାଣ ।

## ଓଲା ଇଲେକ୍ଟ୍ରିକ ପକ୍ଷରୁ ବସ୍– ବିଗେଷ୍ଟ ଓଲା ସିଜନ ସେଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ୍ ପ୍ୟୋର୍–ପ୍ଲେ ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକ, ପାର୍ବଣ ଋତୁ ପାଇଁ ଏହାର ବସ୍ (ବିଗେଷ୍ଟ ଓଲା ସିଜନ ସେଲ୍) କ୍ୟାମ୍ପେନର ଶୁଭାରମ୍ଭ କରିଛି। ଏହି କ୍ୟାମ୍ପେନ ଅଧିନରେ କମ୍ପାନୀ ସର୍ବନିମ୍ନ ୪୯,୯୯୯ ଟଙ୍କା ମୂଲ୍ୟରେ ଏହାର ଏସ୍୧ ପୋର୍ଟଫୋଲିଓରେ ପ୍ରବେଶ ସମ୍ପର୍କରେ ଘୋଷଣା କରିଛି।



ଏହାବ୍ୟତୀତ କମ୍ପାନୀ ୩୭,୦୦୦ ଟଙ୍କା ପର୍ଯ୍ୟନ୍ତ ପାର୍ବଣ ଲାଭର ଶୁଭାରମ୍ଭ କରିଛି ଯେଉଁଥିରେ ହାଇପରଚାର୍ଜିଙ୍ଗ୍ କ୍ରେଡିଟ୍, ମୁଭ୍ଓଏସ୍ ଅପ୍‌ଗ୍ରେଡ୍, ଅତୁଳନୀୟ ଅଫର ସମେତ ଆକ୍ସେସରି ଓ କେୟାର ଉପରେ ସ୍ୱତନ୍ତ୍ର ଡିଲ୍ ସାମିଲ ରହିଛି। ଏହି ବସ୍ କ୍ୟାମ୍ପେନ ଅଧିନରେ କମ୍ପାନୀ ଅନେକଗୁଡ଼ିଏ ଲାଭ ପ୍ରଦାନ କରୁଛି। ଯେଉଁଥିରେ ଓଲା ଏସ୍୧ ଏକ୍ସ ୨କେଡବ୍ଲ୍ୟୁଏଚ୍‌ର ମୂଲ୍ୟ କେବଳ ୪୯,୯୯୯ ଟଙ୍କା (ଲିମିଟେଡ ଷ୍ଟକ୍)ରୁ ଆରମ୍ଭ ହେଉଛି। ଏସ୍୧ ପୋର୍ଟଫୋଲିଓ ଉପରେ ୧୨,୦୦୦ ଟଙ୍କା ପର୍ଯ୍ୟ' ରିହାତି– ଏସ୍୧ ଏକ୍ସ ୨କେଡବ୍ଲ୍ୟୁଏଚ୍ ଉପରେ ୨୫୦୦୦ ଟଙ୍କାର ଫ୍ଲାଟ୍ ନଗଦ ରିହାତି, ଏସ୍୧ ପୋର୍ଟଫୋଲିଓ ଉପରେ ୨୫୦୦୦ ଟଙ୍କା ପର୍ଯ୍ୟ' ରିହାତି ରହିଛି। ୭୦୦୦ ଟଙ୍କା ମୂଲ୍ୟର ମାଗଣା ୮ ବର୍ଷ / ୮୦,୦୦୦ କିମି ବ୍ୟାଟେରୀ ୱାରେଂଟି ଏବଂ ନିର୍ଦ୍ଧିଷ୍ଟ କ୍ରେଡିଟ କାର୍ଡ ଇଏମ୍ଆଇ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଅଫର୍ ରହିଛି । ୬୦୦୦ ଟଙ୍କା ମୂଲ୍ୟର ମାଗଣା ମୁଭ୍ଓଏସ୍ ଅପ୍‌ଗ୍ରେଡ୍ ୭୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ମାଗଣା ହାଇପରଚାର୍ଜିଙ୍ଗ୍ କ୍ରେଡିଟ୍ ସୁବିଧା ରହିଛି ।

## ମଦ ଜବତ : ଜଣେ ଗିରଫ

ଦଶପଲ୍ଲା, (ସବ୍ୟୁ) : ସୋମବାର ଦିନ ଅବକାରୀ କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ବେଳେ ବେ ଆଇନି ମଦ ଧରି ଆସୁଥିବା ଜଣେ ଯୁବକ କୁ ଅବକାରୀ ବିଭାଗ କର୍ମଚାରୀ ମାନେ ଧରିବାରେ ସଫଳ ହୋଇଛନ୍ତି । ପରେ ଯୁବକକୁ ଗିରଫ କରାଯାଇଛି । ଗିରଫ ଯୁବକ ଙ୍କ ନାଁ ଗଙ୍ଗାଧର ମହାନ୍ତି ଓ ତାଙ୍କ ଘର ରଙ୍ଗମାଟିଆ ଗ୍ରାମରେ ।ଗଙ୍ଗାଧର ଏକ ଧଳା ଜାର୍କୀନ ରେ ୮ ଲିଟର ଦେଶୀ ମହୁଲି ମଦ ଧରି ଆସୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀ ମାନେ ଗଙ୍ଗାଧର କୁ ଧରିବାରେ ସଫଳ ହୋଇଥିଲେ । ପରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗଙ୍ଗାଧର କୁ କୋର୍ଟ ଚାଲାଣ କରାଯାଇଛି ।

## କୋଟାକ୍ ମ୍ୟୁଚୁଆଲ୍ ଫଣ୍ଡ କୋଟାକ୍ ଏମଏନସି ଫଣ୍ଡ ଏନଏଫଓ ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନି ଲିମିଟେଡ୍ ('କେଏମ୍ଏଏମସି'/'କୋଟାକ୍ ମ୍ୟୁଚୁଆଲ୍ ଫଣ୍ଡ') ବହୁରାଷ୍ଟ୍ରୀୟ କମ୍ପାନି (ଏମଏନସି) ଥିମ୍ କୁ ଅନୁସରଣ କରି ଏକ ଓପନ୍–ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ କୋଟାକ୍ ଏମଏନସି ଫଣ୍ଡର ଶୁଭାରମ୍ଭ ଘୋଷଣା କରି ଖୁସି ପ୍ରକାଶ କରିଛି । ଏହି ପାଣ୍ଠି ନିବେଶକମାନଙ୍କୁ ଅଗ୍ରଣୀ ଏମ୍ଏନସି ଗୁଡ଼ିକରେ ନିବେଶ କରିବାର ସୁଯୋଗ ପ୍ରଦାନ କରିଥାଏ, ସେମାନଙ୍କ ଅଭିବୃଦ୍ଧି କ୍ଷମତା ଏବଂ ସ୍ଥିରତାକୁ ଉପଯୋଗ କରିଥାଏ ଛ ବିବିଧ ପୋର୍ଟଫୋଲିଓ ବିଭିନ୍ନ କ୍ଷେତ୍ର, ଭୌଗୋଳିକ ଏବଂ ମାର୍କେଟ କ୍ୟାପ୍ କୁ ସଂପ୍ରସାରିତ ହୋଇଛି । ଏହି ଯୋଜନା ଅକ୍ଟୋବର ୭, ୨୦୨୪ ରୁ ଅକ୍ଟୋବର ୨୧, ୨୦୨୪ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ । କ୍ରମଶଃ ବିଶ୍ୱକରଣ ହେଉଥିବା ଦୁନିଆରେ ଭୌଗୋଳିକ କ୍ଷେତ୍ରକୁ ଅତିକ୍ରମ କରି ବ୍ୟବସାୟ କରୁଥିବା କମ୍ପାନିମାନେ ସ୍ଥିରତା ଦେଖାଉଛନ୍ତି । କୋଟାକ୍ ଏମଏନସି ପାଣ୍ଠି ସେମାନଙ୍କର ଦୃଢ଼ ବୈଶ୍ୱିକ ବ୍ରାଣ୍ଡ ଉପସ୍ଥିତି, ଉନ୍ନତ ପରିଚାଳନା ଏବଂ ବୈଷୟିକ ସୁବିଧା, ଅସାଧାରଣ ପରିଚାଳନା ଗୁଣବତ୍ତା ଏବଂ ଆର୍ଥିକ ଦୃଢ଼ତା ପାଇଁ ଜଣାଶୁଣା ବହୁରାଷ୍ଟ୍ରୀୟ କମ୍ପାନୀ ଗୁଡ଼ିକରେ ପୁଞ୍ଜିନିବେଶ ଉପରେ ଗୁରୁତ୍ୱାରୋପ କରେ । ଏହି କଂପାନି ଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ବିସ୍ତାରିତ ଏବଂ ସେମାନଙ୍କର ଅନ୍ତର୍ଜାତୀୟ ବ୍ୟାବସାୟିକ ପ୍ରଦର୍ଶନ ରହିଛି । ଏହି ପାଣ୍ଠି ନିବେଶକମାନଙ୍କୁ ଏକ ବିବିଧ ପୋର୍ଟଫୋଲିଓ ପ୍ରଦାନ କରିଥାଏ, ଯାହା ଏହି ସୁପ୍ରତିଷ୍ଠିତ ବୈଶ୍ୱିକ ନିଗମଗୁଡ଼ିକର ଦୀର୍ଘମିଆଦୀ ଅଭିବୃଦ୍ଧି ସମ୍ଭାବନାକୁ ଉପଯୋଗ କରିଥାଏ । କୋଟାକ୍ ଏମଏନସି ପାଣ୍ଠି ବହୁରାଷ୍ଟ୍ରୀୟ କମ୍ପାନିଗୁଡ଼ିକର ଇକ୍ୱିଟି ଏବଂ ଇକ୍ୱିଟି ସମ୍ବନ୍ଧୀୟ ସିକ୍ୟୁରିଟିରେ ନିବେଶ କରି ଦୀର୍ଘମିଆଦୀ ପୁଞ୍ଜି ଅଭିବୃଦ୍ଧି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ଏହି ପାଣ୍ଠିରେ ବିଭିନ୍ନ ବଜାର ପୁଞ୍ଜିକରଣରେ ନିବେଶ କରିବାର ନମନୀୟତା ରହିଛି, ଯେଉଁଥିରେ ବଡ଼, ମଧ୍ୟମ ଏବଂ ସ୍ମଲ୍–କ୍ୟାପ୍ କଂପାନିଗୁଡ଼ିକର ପୁଞ୍ଜିନିବେଶ ରହିଛି ।

## ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ୍ ୨୦୨୪ ପାଇଁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଆବେଦନ ଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍‌ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ୍ ଲିମିଟେଡ଼ (ଇମ୍ଫା) ର ସାମାଜିକ କଲ୍ୟାଣ ବିଭାଗ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଉଚ୍ଚ ଶିକ୍ଷା ପାଇଁ ଉଦ୍ଦିଷ୍ଟ ମର୍ଯ୍ୟାଦାଜନକ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର ସିପ୍ (ପିଜିଡିଏସ୍) ର ୨୦ତମ ସଂସ୍କରଣ ନିମନ୍ତେ ଆବେଦନ ଗ୍ରହଣ କରାଯାଉଛି। ଓଡ଼ିଶାର ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ସଶକ୍ତ କରିବା ଲକ୍ଷ୍ୟରେ ଏହି ସ୍କୋଲାରସିପ୍ ପ୍ରଦାନ କରାଯାଉଛି। ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡ଼ିସିନ୍, ଷ୍ଟେମ୍ ଓ ଲିବରାଲ ଆର୍ଟ୍ସ ବିଭାଗରେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ୬ ଜଣ ଅସାଧାରଣ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷାରେ ଆର୍ଥିକ ସହାୟତା ସ୍ୱରୁପ ଏହି ସ୍କୋଲାରସିପ୍ ପ୍ରଦାନ କରାଯାଇଥାଏ। ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ୍ ଅନ୍ତର୍ଗତ ଏକାଡେମିକ୍ ଫିର ୯୦ ପ୍ରତିଶତ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକ ସ୍କୋଲାରସିପ୍ ହାସଲକାରୀ ଛାତ୍ରଛାତ୍ରୀମାନଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥାଏ । ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କୁ ୪ ବର୍ଷିଆ ପେସାଦାର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବାରେ ସହାୟତା କରିଥାଏ । ଏହା ସହିତ ବିଆଇପିଏଫ୍‌ର ସ୍ୱତନ୍ତ୍ର ମେଣ୍ଟର ସିପ୍ କାର୍ଯ୍ୟକ୍ରମ ଉତ୍ସାହ ମାଧ୍ୟମରେ ଏହି ଛାତ୍ରଛାତ୍ରୀମାନେ ଇମ୍ଫା କର୍ମଚାରୀମାନଙ୍କ ଠାରୁ ଶିକ୍ଷା ଓ କ୍ୟାରିୟର ସମ୍ପର୍କିତ ମାର୍ଗଦର୍ଶନର ଲାଭ ମଧ୍ୟ ନେଇ ପାରିବେ ।

୨୦୨୪–୨୫ ଶିକ୍ଷାବର୍ଷ ପାଇଁ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ନଭେମ୍ବର ୧୫, ୨୦୨୪ ରେ ଏହା ଶେଷ ହେବ । ଓଡ଼ିଶାର ବାସିନ୍ଦା ହୋଇଥିବା ଓ ଯୋଗ୍ୟତା ମାନଦଣ୍ଡ (୮ ଲକ୍ଷରୁ କମ୍ ବାର୍ଷିକ ପରିବାର ଆୟ) ପୂରଣ କରୁଥିବା ଆଗ୍ରହୀ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ www.bipf.org.in ମାଧ୍ୟମରେ ଏହି ସ୍କୋଲାରସିପ୍ ନିମନ୍ତେ ଆବେଦନ କରିପାରିବେ । ଏହି ଅବସରରେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ର ପ୍ରତିଷ୍ଠାତା ତଥା ଟ୍ରଷ୍ଟି ଶ୍ରୀମତି ଶୈଫାଳିକା ପଣ୍ଡା କହିଛନ୍ତି ଯେ, 'ଆଗାମୀ ପିଢ଼ିକୁ ସଶକ୍ତ କରିବାରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି । ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର ସିପ୍ ମାଧ୍ୟମରେ ଆମେ ଆର୍ଥିକ ପୃଷ୍ଠଭୂମି ଯେପରି ଶିକ୍ଷାରେ ବାଧକ ନସାଜୁ ଏହାକୁ ସୁନିଶ୍ଚିତ କରି ଓଡ଼ିଶାର ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ହାସଲରେ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ସମ୍ପ୍ରଦାୟରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।

## ସ୍ୱତନ୍ତ୍ରକ୍ଷମ କ୍ରିକେଟ ତାରକାଙ୍କୁ ସମ୍ବର୍ଦ୍ଧିତ କଲା ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ), ଜଣେ ଯୁବ କ୍ରିକେଟ ତାରକା ତଥା ଡାଲମିଆ ସିମେର କର୍ମଚାରୀ ଅଭିଷେକ ଶୁକ୍ଲାଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଶାରୀରିକ ଭିନ୍ନକ୍ଷମଙ୍କ ନିମନ୍ତେ ରହିଥିବା ଓଡ଼ିଶା କ୍ରିକେଟ ଦଳରେ ଉଲ୍ଲେଖନୀୟ ସଫଳତା ହାସଲ ନିମନ୍ତେ ସମ୍ବର୍ଦ୍ଧିତ କରି ନିଜକୁ ଗୌରବାନ୍ୱିତ ମନେକରୁଛି। ରାଜଗାଙ୍ଗପୁର ବାସିନ୍ଦା ଅଭିଷେକଙ୍କ ଜନ୍ମ ସମୟରେ ତାଙ୍କର ବାମ ହାତ ଖଣ୍ଡିତ ଥିଲା ଏବଂ ସେ କ୍ରୀଡ଼ା ପ୍ରତି ନିଜର ଗଭୀର ଏକାଗ୍ରତା ଏବଂ ଆଗ୍ରହ ଜରିଆରେ ଭିନ୍ନକ୍ଷମ ସ୍ଥିତିର ଊର୍ଦ୍ଧ୍ୱକୁ ଉଠିପାରିଛନ୍ତି । ବିଗତ





ବର୍ଷଗୁଡିକରେ ସେ ଏକାଧିକ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି, ଯେଉଁଥିରେ ଭାରତ ବନାମ ବାଂଲାଦେଶ ଭିନ୍ନକ୍ଷମ କ୍ରିକେଟ ସିରିଜ ଅନ୍ତର୍ଭୁକ୍ତ, ଯେଉଁ ସିରିଜରେ ସେ ଶ୍ରେଷ୍ଠ ବୋଲର ପୁରସ୍କାର ହାସଲ କରିଥିଲେ। ତାଙ୍କ ସଫଳତା ପାଇଁ ତାଙ୍କୁ ବିସିସିଆଇ ସମର୍ଥିତ ଭାରତର ଭିନ୍ନକ୍ଷମ କ୍ରିକେଟ ପରିଷଦ (ଡିସିସିଆଇ) ସମ୍ମାନିତ କରିଛି। ଅଭିଷେକ ଶୁକ୍ଲା ୧୫ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରରେ ହେବାକୁ ଯାଉଥିବା ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ।

ତାଙ୍କର ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ଜଣାଇ ଚେତନ ଶ୍ରୀବାସ୍ତବ, ଏକଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର, ଅଭିଷେକଙ୍କୁ ୩୫,୦୦୦ ଟଙ୍କାର ଏକ ଚେକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଡ.ନିଳାଦ୍ରୀ ଭୂଷଣ ପାଢୀ, ଡେପୁଟି ଏକଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ, ୟୁନିଟ ଏଚଆର ହେଡ ଏବଂ ଆର ଆଣ୍ଡ ଆର ଟିମ ଉପସ୍ଥିତ ରହିଥିଲେ । ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଚେତନ ଶ୍ରୀବାସ୍ତବ, ଏକଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର କହିଛନ୍ତି, 'ଅଭିଷେକଙ୍କର ଦୃଢତା, ଏକାଗ୍ରତା ଏବଂ ବିଜୟର ଯାତ୍ରା ବାସ୍ତବରେ ପ୍ରେରଣାଦାୟୀ। ଅଭିଷେକ ଜାତୀୟ ସ୍ତରରେ ସଫଳତା ହାସଲ ଜାରି ରଖିଥିବାବେଳେ ଡାଲମିଆ ସିମେରେ ଆମେ ତାଙ୍କର ସଫଳତାକୁ ସମର୍ଥନ ଓ ପାଳନ କରିବା ନେଇ ଅତ୍ୟନ୍ତ ଗୌରବାନ୍ୱିତ ମନେକରୁଛୁ। ତାଙ୍କ କାହାଣୀ ମଜଭୁତପଣର କଥା କହୁଛି ଯାହା ଆମର ମୂଲ୍ୟବୋଧ ସହିତ ନିବିଡ ଭାବରେ ମେଳ ଖାଉଛି। ଜୟପୁରରେ ହେବାକୁ ଯାଉଥିବା ଆଗାମୀ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଆମେ ତାଙ୍କର ସର୍ବୋତ୍ତମ କୁଶଳତା କାମନା କରୁଛୁ । ଅଭିଷେକଙ୍କର କ୍ରିକେଟ କ୍ୟାରିୟର ୧୬ ବର୍ଷ ତଳେ ରାଜଗାଙ୍ଗପୁରରେ କ୍ଲବ ମ୍ୟାଚ୍ ଗୁଡିକ ସହିତ ଆରମ୍ଭ ହୋଇଥିଲା, ଯାହା କ୍ରମଶଃ ଓଡ଼ିଶାରେ ରାଜ୍ୟସ୍ତରୀୟ ମ୍ୟାଚଗୁଡିକୁ ଅଗ୍ରଗତି କରିଥିଲା। ଶାରୀରିକ ଭିନ୍ନକ୍ଷମ ବିଶ୍ୱ କ୍ରିକେଟ ସିରିଜରେ ଭାରତ ପାଇଁ ଖେଳିବା ସମେତ ତାଙ୍କର ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସଫଳତା ଏହି କ୍ରୀଡା ପ୍ରତି ତାଙ୍କର ଅକୁଣ୍ଠ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି ।

## ଜେଟିଏଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସର୍ବାଧିକ ବିକ୍ରି ପରିମାଣ ରେକର୍ଡ, ଷ୍ଟକ୍ ସ୍ପ୍ଲିଟ୍‌କୁ ମୁରି ଦେଲା ବୋର୍ଡ

ଭୁବନେଶ୍ୱର (ସବ୍ୟୁ): : ବ୍ଲାକ୍ ଷ୍ଟିଲ୍ ପାଇପ୍, ପ୍ରି–ଗାଲଭାନାଇଜ୍ଡ ଏବଂ ଗାଲଭାନାଇଜ୍ଡ ଷ୍ଟିଲ୍ ପାଇପ୍, ବଡ଼ ବ୍ୟାସର ଇସ୍ପାତ ଟ୍ୟୁବ୍ ଏବଂ ପାଇପ୍ ଏବଂ ଖୋଲା ଢାଂଚା ଉତ୍ପାଦନ କରିବାରେ ବିଶେଷଜ୍ଞ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଗତିଶୀଳ ଇସ୍ପାତ ଟ୍ୟୁବ୍ ଉତ୍ପାଦନ କାରୀ କମ୍ପାନୀ ଜେଟିଏଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଘୋଷଣା କରିଛି ଯେ ଜେଟିଏଲ୍ ଇଣ୍ଡଷ୍ଟ୍ରିଜ୍ ଏବଂ ନାଭା ଷ୍ଟିଲ୍ସ ସର୍ବାଧିକ ୧,୦୩,୧୯୩ ମେଟ୍ରିକ୍ ଟନ୍ ବିକ୍ରି ରେକର୍ଡ କରିଛି। ଜେଟିଏଲ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ ଏହାର ସର୍ବୋଚ୍ଚ ତ୍ରୈମାସିକ ବିକ୍ରି ପରିମାଣ ୧୦୩,୧୯୩ ମେଟ୍ରିକ୍ ଟନ୍ ରେକର୍ଡ କରିଛି। ଉପରୋକ୍ତ ବିଜନେସ୍ ଅପଡେଟ୍ ଉପରେ କଂପାନିର ମ୍ୟାନେଜମେଟ୍ କହିଛି, '୨୦୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଆମର ବ୍ୟବସାୟ ପ୍ରଦର୍ଶନକୁ ସେୟାର କରି ଆମେ ଆନନ୍ଦିତ। ଏହି ସମୟ ମଧ୍ୟରେ, ଆମେ ଆମର ସର୍ବୋଚ୍ଚ ଏଚ୍ ୧ ବିକ୍ରୟ ପରିମାଣ ହାସଲ କରିଛୁ, ଯାହା କି ୧୯୯,୫୯୩ ମେଟ୍ରିକ୍ ଟନ୍ ରେ ପହଂଚିଛି, ଯାହା ଆର୍ଥିକ ବର୍ଷ ୨୦୨୪ର ପ୍ରଥମ ତ୍ରୟମାସରେ ୧୫୯,୦୨୮ ମେଟ୍ରିକ୍ ଟନ୍ ତୁଳନାରେ ୨୫.୪୯% ର ଦୃଢ଼ ଅଭିବୃଦ୍ଧି ହାରକୁ ପ୍ରତିନିଧିତ୍ୱ କରୁଛି। ୨୦୨୪ ଏପ୍ରିଲରେ ଅଧିଗ୍ରହଣ କରିଥିବା ନାଭା ଷ୍ଟିଲ୍ସ ଏହି ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ପ୍ରଥମ ପର୍ଯ୍ୟାୟର ସଫଳ ବାଣିଜ୍ୟୀକରଣ ପରେ ନାଭା ଷ୍ଟିଲ୍ସ ୨୦୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ମୋଟ ୨୩,୫୦୨ ମେଟ୍ରିକ୍ ଟନ୍ ବିକ୍ରି ପରିମାଣ ହାସଲ କରିଛି।

## ହୋଣ୍ଡା ପ୍ରଚଳନ କରୁଛି ଶିଳ୍ପରେ–ପ୍ରଥମ ପରିବର୍ଦ୍ଧିତ ୱାରେଣ୍ଟି ସହିତ ୭ ବର୍ଷ ପର୍ଯ୍ୟନ୍ତ ଅସୀମିତ କିଲୋମିଟର କଭରେଜ

ଭୁବନେଶ୍ୱର (ସବ୍ୟୁ): ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ଶିଳ୍ପରେ–ପ୍ରଥମ ପରିବର୍ଦ୍ଧିତ ୱାରେଣ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛି, ଯେଉଁଥିରେ ୭ବର୍ଷ ପର୍ଯ୍ୟନ୍ତ ଅସୀମିତ କିଲୋମିଟର କଭରେଜ ପ୍ରଦାନ କରୁଛି। ଏହି ଯୁଗାନ୍ତକାରୀ ୱାରେଣ୍ଟି ଗ୍ରାହକଙ୍କ ବିଶ୍ୱାସରେ ଏକ ନୂଆ ମାନକ ସ୍ଥାପନ କରୁଛି, କାର ମାଲିକମାନେ ଯେତେ ଗାଡି ଚଳାଇଲେ ମଧ ସେମାନଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ମାନସିକ ଶାନ୍ତି ପ୍ରଦାନ କରୁଛି। ଏହି ପରିବର୍ଦ୍ଧିତ ୱାରେଣ୍ଟି ତାହାର ପ୍ରଚଳିତ ମଡେଲ ବର୍ଗ ଏଲିଭେଟ, ସିଟି, ସିଟି ଇ:ଏଚଇଭି



ଏବଂ ଆମେଜର ପେଟ୍ରୋଲ ଭାରିଆଣ୍ଟ ନିମନ୍ତେ ଯୋଗାଇ ଦେଉଛି। ଯଦି ଗ୍ରାହକମାନେ ପୂର୍ବରୁ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜିକୃତ କରିଥିବେ, ତେବେ ଏହି ସୁବିଧା ମଧ ଅନ୍ୟାନ୍ୟ ମଡେଲ ସିଭିକ, ଜାଜ ଏବଂ ଡବ୍ଲ୍ୟୁଆର–ଭି ଆଦିର ପେଟ୍ରୋଲ ଭାରିଆଣ୍ଟ ନିମନ୍ତେ ଯୋଗାଇ ଦିଆଯାଉଛି। ଏହି ପ୍ରୟାସ ହୋଣ୍ଡାର ପରିବର୍ଦ୍ଧିତ ୱାରେଣ୍ଟି କାର୍ଯ୍ୟକ୍ରମର ଅଂଶବିଶେଷ, ଯାହା ଏହାର ଗ୍ରାହକମାନଙ୍କୁ ସର୍ବୋତ୍ତମ ପ୍ରଯୁକ୍ତି ଏବଂ ମାଲିକାନା ଅନୁଭୂତି ପ୍ରଦାନ କରିବା ନିମନ୍ତେ ହୋଣ୍ଡାର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

# ଶେଷ ହୋଇଆସିଲାଣି ବାମପନ୍ଥୀ ଉଗ୍ରବାଦ

**ନୂଆଦିଲ୍ଲୀ:** ବାମପନ୍ଥୀ ଉଗ୍ରବାଦ ଏବେ ଶେଷ ଚରଣରେ ପହଞ୍ଚିଛି । ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲ ସମସ୍ୟାର ମୂଳୋତ୍ପାଟନ ଦିଗରେ କେବଳ ଯାହା ଅନ୍ତିମ ପ୍ରହାରର ଆବଶ୍ୟକତା ରହିଛି । ଆଜି ଦିଲ୍ଲୀରେ ନକ୍ସଲ ମୁକାବିଲା ସମୀକ୍ଷା ବୈଠକରେ ଏହା କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଛତିଶଗଡ଼ର ଉଦାହରଣ ଦେଇ ସେ କହିଛନ୍ତି, ରଣନୀତି ମୁତାବକ ଜାନୁଆରୀରୁ ଏଯାଏଁ ସେଠାରେ ମୋଟ ୧୯୪ ନକ୍ସଲଙ୍କୁ ନିପାତ କରାଗଲାଣି । ୮୦୧ ଜଣ ନକ୍ସଲ ଗିରଫ ହୋଇଛନ୍ତି ଓ ୭୪୨ ଜଣ ଆତ୍ମସମର୍ପଣ କରିଛନ୍ତି । ଦେଶରେ ଏବେ ନକ୍ସଲ ପ୍ରବଣ ଜିଲ୍ଲା ସଂଖ୍ୟା ୯୬ରୁ ୧୬କୁ ଖସିଆସିଛି । ତେଣୁ ଫାଇନାଲ୍ ପୁଶ୍ ଦେଇ ଏବେ ଏହାକୁ ଶେଷ କରିବାକୁ ପଡ଼ିବ । ଆଇଡୋଲୋଜି ନାଁରେ ଆଉ ହତ୍ୟା ହେବନାହିଁ ବୋଲି ସଂକଳ୍ପ ନେବାକୁ ପଡ଼ିବ ବୋଲି କହିବା ସହିତ ନକ୍ସଲମାନଙ୍କୁ ଅସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଶାହ । ସେହିପରି ନକ୍ସଲ ଉପଦ୍ରବ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ମଧ୍ୟ ସେ ଜୋର ଦେଇଛନ୍ତି । ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମାସକୁ ଥରେ ଲେଖାଏଁ ଏବଂ ଡିଜିପିମାନେ ପ୍ରତି ୧୫ ଦିନରେ ଥରେ ନକ୍ସଲ ମୁକାବିଲା ସ୍ଥିତିର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ଏପରିକି ଜିଲ୍ଲାସ୍ତରରେ ଡିଜିପିମାନେ ମାସକୁ ଥରେ ନକ୍ସଲ ପ୍ରଭାବିତ ଅଞ୍ଚଳକୁ ଯାଇ ରାତ୍ରିଯାପନ କରିବାକୁ ପରାମର୍ଶ ଦେଇଛନ୍ତି ।




ଛତିଶଗଡ଼ ଅବୁଝମାଡ଼ ଜଙ୍ଗଲରେ ୩୧ ନକ୍ସଲ ନିପାତ ଘଟଣାର ମାତ୍ର ୩ ଦିନ ପରେ ଆଜି ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା, ଛତିଶଗଡ଼ ସମେତ ନକ୍ସଲ ପ୍ରଭାବିତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଡିଜିପି ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟରେ ନକ୍ସଲ ବିରୋଧୀ ଅପରେସନକୁ ତୀବ୍ର କରିବାକୁ କେନ୍ଦ୍ର ପାଖରେ ୧୨ କଂପାନୀ ସିଏପିଏଫ୍ ଓ ହେଲିକପ୍ଟର ପାଇଁ ଦାବି କରାଯାଇଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଯଦିଓ ରାଜ୍ୟରେ ନକ୍ସଲଙ୍କ ସେଭଳି ପ୍ରଭାବ ନାହିଁ, ପଡ଼ୋଶୀ ଛତିଶଗଡ଼ରେ ନକ୍ସଲ ଅପରେସନ ଯୋଗୁଁ ସେଠାକାର ନକ୍ସଲ ଓଡ଼ିଶାକୁ ପଶି ଆସିବାର ଆଶଙ୍କା ରହିଛି । ସେ ଦୃଷ୍ଟିରୁ ସେମାନଙ୍କ ମୁକାବିଲା ପାଇଁ ଫୋର୍ସ ସାଙ୍ଗକୁ ବିକାଶମୂଳକ କାମ ପାଇଁ ଓଡ଼ିଶା ସହଯୋଗ ଚାହୁଁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

# ମହାକାଶରୁ ଭୋଟ୍ ଦେବେ ସୁନୀତା

**ୱାଶିଂଟନ:** ଇତିହାସ ରଚିବାକୁ ଯାଉଛନ୍ତି ମହାକାଶଚାରୀ ଭାରତୀୟ ବଂଶୋ- ଦ୍ଭବ ସୁନୀତା ୱିଲିୟମ୍ସ । ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରୁ ସେ ତାଙ୍କ ମାନବିକ ଅଧିକାର ସାବ୍ୟସ୍ତ କରିବେ । ଅର୍ଥାତ୍ ମହାକାଶରୁ ଦେବେ ଭୋଟ୍ । ନଭେମ୍ବରରେ ୫ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସେ ତାଙ୍କର ମତ ସାବ୍ୟସ୍ତ କରିବେ ବୋଲି ନାସା କହିଛି । ସୁନୀତା ୱିଲିୟମ୍ସ ବର୍ତ୍ତମାନ ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନର କମାଣ୍ଡର ଭାବରେ କାର୍ଯ୍ୟ କରୁଛନ୍ତି । ପୃଥିବୀ ପୃଷ୍ଠରୁ ପ୍ରାୟ ୪୦୦ କିଲୋମିଟର ଦୂରରୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ । ତେବେ ମହାକାଶରେ ମହାକାଶଚାରୀଙ୍କ ପାଇଁ ଭୋଟ୍ ଦେବା ଏହା ନୂଆ ନୁହେଁ । ୧୯୯୭ ମସିହାରୁ ଏହା ଚାଲିଆସୁଛି । ୧୯୯୭ରେ ଆମେରିକାର ଟେକ୍ସାସ୍ ବିଧାନସଭା ଏନେଇ ଏକ ବିଲ୍ ପାସ୍ କରି ମହାକାଶଚାରୀଙ୍କୁ କକ୍ଷପଥରୁ ଭୋଟ୍ ଦେବାର ଅଧିକାରକୁ ଅନୁମତି ଦେଇଥିଲା । ଏହି ଭୋଟ୍ ବାଲାଟ୍ ପେପର୍ ମାଧ୍ୟମରେ ହୋଇଥାଏ । ଏହା ପୂର୍ବରୁ ଡେଭିଡ ୱୁଲ୍ଫ ମହାକାଶରୁ ଭୋଟ୍ ଦେଇଥିଲେ । ଏହି ପ୍ରକ୍ରିୟାରେ ସାମିଲ ହେବାରେ ସେ ହେଉଛନ୍ତି ନାସାର ପ୍ରଥମ ମହାକାଶଚାରୀ ।



ସେ ମିର ସ୍ପେସ୍ ଷ୍ଟେସନରୁ ମତ ସାବ୍ୟସ୍ତ କରିଥିଲେ । ସେହିପରି କାଟେ ରୁବିନ୍ସ ନିକଟରେ ୨୦୨୦ ନିର୍ବାଚନରେ ନିଜର ମତ ସାବ୍ୟସ୍ତ କରିଛନ୍ତି । ଯଦି ସୁନୀତା ୱିଲିୟମ୍ସ ଭୋଟ୍ ଦିଅନ୍ତି, ତେବେ ଏହି ତାଲିକାରେ ସ୍ଥାନ ପାଇବେ ।

# ସର୍ବକାଳୀନ ରେକର୍ଡ କଲା ସୁନା ଦର

**ନୂଆଦିଲ୍ଲୀ:** ରେକର୍ଡ କଲା ସୁନା ଦରଛ ସର୍ବୋଚ୍ଚ ରେକର୍ଡ ସ୍ତରରେ ସୁନାର ଦାମ । ଆଜି ସୁନାର ଦାମ ଆଉ ୨୫୦ ଟଙ୍କା ମହଙ୍ଗା ହୋଇଛି । ଫଳରେ ୧୦ ଗ୍ରାମ ସୁନାର ଦାମ ୭୮,୭୦୦ ଟଙ୍କାରେ ପହଞ୍ଚିଛି । ଏହା ସର୍ବକାଳୀନ ରେକର୍ଡ । ଶୁକ୍ରବାର ଅନ୍ତର୍ଜାତୀୟ ବଜାରରେ ସୁନାର ଦାମ ୧୦ ଗ୍ରାମ ପିଛା ୭୮,୪୫୦ ଟଙ୍କା ଥିଲା । ତେବେ ରୁପାର ଦାମ ଆଜି ପ୍ରାୟ ୨୦୦ ଟଙ୍କା ଶସ୍ତା ହୋଇଛି । ଶୁକ୍ରବାର ୧ କେଜି ରୁପାର ଦାମ ୯୪,୨୦୦ ଟଙ୍କା ଥିଲା । ହେଲେ ଆଜି ଏହା ୯୪ ହଜାର ଟଙ୍କାକୁ ଖସି ଆସିଥିବା ସର୍ବଭାରତୀୟ ସରାଫା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏହାବାଦ ୯୯.୫% ଖାଣ୍ଟି ସୁନାର ଦାମ ମଧ୍ୟ ୨୦୦ ଟଙ୍କା ବି ସର୍ବକାଳୀନ ରେକର୍ଡ ଛୁଇଁଛି ।



ଏବେ ଏହି ସୁନା ୧୦ ଗ୍ରାମ ପ୍ରତି ୭୮,୩୦୦ ଟଙ୍କାରେ ବିକ୍ରି ହେଉଛି । ଶୁକ୍ରବାର ଏହାର ଦାମ ୭୮,୩୦୦ ଟଙ୍କା ଥିଲା ।

ଘରୋଇ ମାର୍କେଟର ଷ୍ଟକଷ୍ଟିକ୍ସ ଓ ଖୁଚରା ବ୍ୟବସାୟୀମାନଙ୍କର ସୁନାର ଚାହିଦା ବଢ଼ି ଯାଇଛି । ଫଳରେ ଏହାର ଦାମ ବୃଦ୍ଧି ପାଇଥିବା କୁହାଯାଉଛି । ଏହାବାଦ ଇକ୍ୟୁଟୀ ମାର୍କେଟ ହ୍ରାସ ପାଉଥିବାରୁ ଏହାର ପ୍ରଭାବ ମଧ୍ୟ ସୁନାର ଦାମ ଉପରେ ପଡ଼ିଛି । କାରଣ ନିବେଶକାରୀମାନେ ସୁରକ୍ଷିତ ସମ୍ପଦ ସୁନା ଉପରେ ବେଶୀ ଭରସା ଦେଖାଉଛନ୍ତି ।

# ବିସ୍ଫୋରଣରେ କରାଚୀ ଥରହର, ୩ ମୃତ

**କରାଚି:** ବିସ୍ଫୋରଣରେ ଥରିଲା ପାକିସ୍ତାନର କରାଚି । ଜିନା ଅନ୍ତର୍ଜାତୀୟ ଏୟାରପୋର୍ଟ ପାଖରେ ଗତକାଲି ଏକ ଭୟଙ୍କର ବିସ୍ଫୋରଣ ହୋଇଛି । ଏକ ଟ୍ୟାଙ୍କର ବିସ୍ଫୋରଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆହତ ହୋଇଛନ୍ତି ୧୭ ଜଣ । ମୃତକମାନେ ଚାଇନା ନାଗରିକ ବୋଲି ଜଣାଯାଇଛି । ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ, ବ୍ୟାପକ ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା । ବିସ୍ଫୋରଣ ହୋଇଥିବା ଟ୍ୟାଙ୍କର ପାଖରେ ଥିବା କିଛି ଗାଡ଼ି ବି ଜଳି ଯାଇଥିଲା । ଫଳରେ କିଛି ସମୟ ପାଇଁ ଚାରିଆଡ଼େ ଖେଳିଯାଇଥିଲା ନିଆଁ ଧୂଆଁର ଆସ୍ତରଣ । ପାକିସ୍ତାନର ଗୃହ ମନ୍ତ୍ରୀ ଓ ପୁଲିସ୍ ମହାନିରିକ୍ଷକ ବି ଘଟଣାସ୍ଥଳର ପରିଦର୍ଶନ କରିଛନ୍ତି । ମାତ୍ର ଉଭୟ କିଛି ବିବୃତି ଦେଇ ନାହାନ୍ତି । ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରି ନାହାନ୍ତି । କୌଣସି ଆତଙ୍କବାଦୀଙ୍କ ସଂପୃକ୍ତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କହିଛନ୍ତି ଇଷ୍ଟ ପାକିସ୍ତାନର ଡିଆଇଜି ଜାଫର ମହେଶର । ଏହାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି । ଚାଇନା ନାଗରିକଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । କାରଣ ବିଦେଶୀ ନାଗରିକଙ୍କୁ ନେଇ ଏକ କାର୍ ଏୟାରପୋର୍ଟ ଅଭିମୁଖେ ଯାଉଥିବା ବେଳେ ତାହାକୁ ଏକ ପୁଲିସ୍ ଭ୍ୟାନ୍ ଏସର୍କଟ କରୁଥିଲା । ଏୟାରପୋର୍ଟ ସିଗନାଲ ପାଖରେ କାର୍ଗୁଡ଼ିକୁ ଟାର୍ଗେଟ କରି ବିସ୍ଫୋରଣ ହୋଇଥିଲା । ହଠାତ୍ ଗାଡ଼ିଗୁଡ଼ିକ ଜଳିବାକୁ ଲାଗିଲା । ତା' ଭିତରେ ଥିବା ଲୋକେ ଜୀବନ ବିକଳରେ ବାହାରି ଦୌଡ଼ିବାକୁ ଲାଗିଲେ । ଆହତଙ୍କ ମଧ୍ୟରେ ଜଣେ ଚାଇନା ନାଗରିକ ଥିବା ଜଣାଯାଇଛି । ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖରେ ଥିବା ଗାଡ଼ିଗୁଡ଼ିକୁ ବି ନିଆଁ ବ୍ୟାପି ଯାଇଥିଲା । ଏହି ବିସ୍ଫୋରଣରେ ସମୁଦାୟ ୧୦ଟି ଗାଡ଼ି ଜଳି ପାଉଁଶ ହୋଇଯାଇଛି । ତେବେ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ ହୋଇଥିବା ଘଟଣାକୁ ପାକିସ୍ତାନ ପକ୍ଷରୁ ସ୍ୱୀକାର କରାଯାଇ ନାହିଁ । ଏଥିସହ ବିସ୍ଫୋରଣ କିପରି ହେଲା, ଏହା ପଛରେ କାହାର ହାତ ଅଛି ତାହାର ତଦନ୍ତ ଚାଲିଥିବା ପାକିସ୍ତାନର ସିଆଇଡି ଡାଇରେକ୍ଟର ଜେନରାଲ ଆସିଫ ଏଜାଜ ଶେଖ କହିଛନ୍ତି । ବିସ୍ଫୋରଣ ପରେ ତୁରନ୍ତ ଏୟାରପୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ କାମ ଚାଲିଥିବା ସେ କହିଛନ୍ତି ।



# ଏଲଏସିରେ ଚୀନ୍‌ର 'ଟ୍ୟାଙ୍କ କୋପ୍ କେଜ' କବଚରେ ସଜ୍ଜିତ

**ବେଜିଂ:** ଚୀନ୍ ପକ୍ଷରୁ ଭାରତ ସୀମାରେ ନିୟୋଜିତ ଟ୍ୟାଙ୍କଗୁଡ଼ିକୁ କ୍ୟାପ୍ କେଜ୍ କବଚ ସହିତ ସଜାଇଛି । ସମ୍ପ୍ରତି ମିଳିଥିବା ଫଟୋଗୁଡ଼ିକରେ, ଚାଇନାର ଅଲ୍ଟ୍ରା ଲାଇଟ୍ ଟ୍ୟାଙ୍କ ଜେଡଟିକ୍ୟୁ-୧୫କୁ ଏକ କ୍ୟାପ୍ କେଜ୍ କବଚ ସହିତ ସଜାଯାଇଥିବା ଦେଖିବାକୁ ମିଳିଛି । ଜେଡଟିକ୍ୟୁ-୧୫ ଟ୍ୟାଙ୍କ ଟାଇପ୍-୧୫ ନାମରେ ମଧ୍ୟ ଜଣାଶୁଣା । କୋପ କେଜ୍ ହେଉଛି ଏକ ଧାତବ ଜାଲ, ଯାହା ଟ୍ୟାଙ୍କର ଉପର ଅଂଶକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହୋଇଥାଏ । ଯେକୌଣସି ଟ୍ୟାଙ୍କରେ ଏହାର ଉପର ଅଂଶକୁ ସବୁଠାରୁ ସମ୍ବେଦନଶୀଳ ଭାବରେ ବିବେଚନା କରାଯାଇଥାଏ । ତେଣୁ, ଆକ୍ରମଣ ସମୟରେ ଶତ୍ରୁ ସେନ୍ୟମାନେ କେବଳ ଟ୍ୟାଙ୍କର ଉପର ଅଂଶକୁ ଟାର୍ଗେଟ କରିଥାନ୍ତି । କୋପ କେଜ୍ କବଚ ଦ୍ୱାରା ଟ୍ୟାଙ୍କର ଉପର ଭାଗରେ ଶତ୍ରୁ ଡ୍ରୋନ୍ କିମ୍ବା ଗ୍ରେନେଡ୍ ଦ୍ୱାରା ଆକ୍ରମଣ କରାଗଲେ କୌଣସି ବିପଦ ରହି ନ ଥାଏ । ଏହା ବ୍ୟତୀତ, ଧରାପଡ଼ିବା କ୍ଷେତ୍ରରେ ମଧ୍ୟ ଶତ୍ରୁ ସେନିକମାନେ ଟ୍ୟାଙ୍କର ଉପରକୁ ଚିପାରି ନ ଥାନ୍ତି । ଏହାର ଢାଙ୍କୁଣୀକୁ ସହଜରେ ଖୋଲି ପାରିବେ ନାହିଁ କିମ୍ବା ଟ୍ୟାଙ୍କର ଉପର ଅଂଶ ଉପରେ ଆକ୍ରମଣ କରିପାରିବେ ନାହିଁ । ଟ୍ୟାଙ୍କଟି ଓଲଟି ପଡିଲେ ବି ବାହାରକୁ ଯିବା ପାଇଁ ଏହା କ୍ରୁଙ୍କୁ ପୂର୍ଣ୍ଣ ସୁଯୋଗ ଦେଇଥାଏ । ତେବେ ଏହା ଟ୍ୟାଙ୍କର ଉଚ୍ଚତା ଏବଂ ଓଜନ ବଢ଼ାଇଥାଏ । ଯେଉଁଥିପାଇଁ ମିଶନ ସମୟରେ ଅନେକ ଥର ସମସ୍ୟା ଉପୁଜିଥାଏ ।



ଜେଡଟିକ୍ୟୁ-୧୫ ହେଉଛି ପିପୁଲ୍ସ ଲିବରେସନ୍ ଆର୍ମି ଗ୍ରାଉଣ୍ଡ ଫୋର୍ସ, ପିପୁଲ୍ସ ଲିବରେସନ୍ ଆର୍ମି ନେସେନା ସାମୁଦ୍ରିକ ଦଳ ଏବଂ ପିପୁଲ୍ସ ଲିବରେସନ୍ ଆର୍ମି ବାୟୁସେନା ଦ୍ୱାରା ପରିଚାଳିତ ଚାଇନାର ତୃତୀୟ ପିର ହାଲୁକା ଟ୍ୟାଙ୍କ । ଏହି ଟ୍ୟାଙ୍କକୁ ବାଂଲାଦେଶ ସେନାକୁ ମଧ୍ୟ ରପ୍ତାନି କରାଯାଇଛି । ଏହା ଟାଇପ୍ ୬୨ଲାଇଟ୍ ଟ୍ୟାଙ୍କୁ ବଦଳାଇବା ପାଇଁ ଡିଜାଇନ୍ କରାଯାଇଛି । ଯାହା ୨୦୧୩ରେ ଚୀନ୍ ସେନ୍ୟବାହିନୀରୁ ବାହାର କରାଯାଇଥିଲା । ଜେଡଟିକ୍ୟୁ-୧୫ ଟ୍ୟାଙ୍କର ରପ୍ତାନି ସଂସ୍କରଣ ଭିଟି-୫ ଭାବରେ ଜଣାଶୁଣା । ଜେଡଟିକ୍ୟୁ-୧୫ ଟ୍ୟାଙ୍କର ମୁଖ୍ୟ ଅସ୍ତ୍ର ହେଉଛି ୧୦୫ ମିମି ରାଇଫଲ ବନ୍ଧୁକ । ଏହି ବନ୍ଧୁକଟି ଅଟୋଲୋଡର୍ ସହିତ ସଜ୍ଜିତ । ଏହାର ଅନ୍ୟାନ୍ୟ ଅସ୍ତ୍ରରେ ଦୂରରୁ ପରିଚାଳିତ ଅସ୍ତ୍ରଶସ୍ତ୍ର ଷ୍ଟେସନ୍, ୧୨.୭ମିଲିମିଟର ମେସିନ୍ ବନ୍ଧୁକ ଏବଂ କ୍ୟୁଏଲଜେଡ-୦୪ ସ୍ୱୟଂଚାଳିତ ଗ୍ରେନେଡ୍ ଲଞ୍ଚର୍ ମଧ୍ୟ ଅନ୍ତର୍ଭୁକ୍ତ । ଷ୍ଟାଣ୍ଡାର୍ଡ ଷ୍ଟିଲ୍ କବଚର ସୁରକ୍ଷା ସହିତ ଏହା ଉନ୍ନତ କମ୍ପୋଜିଟ୍ କବଚ ଏବଂ ବିସ୍ଫୋରକ ପ୍ରତିକ୍ରିୟାଶୀଳ ବାହୁ ସହିତ ମଧ୍ୟ ସଜ୍ଜିତ । ଜେଡଟିକ୍ୟୁ-୧୫ ଟ୍ୟାଙ୍କରେ ଏକ ଇଲେକ୍ଟ୍ରୋନିକ୍ ନିୟନ୍ତ୍ରିତ ଡିଜେଲ ଇଞ୍ଜିନ ୮ଭି୧୩୨ ଦ୍ୱାରା ଶକ୍ତି ପ୍ରାପ୍ତ, ୧୦୦୦ଏଚପି (୭୪୬ କିଲୋୱାଟ)ଉତ୍ପାଦନ କରିଥାଏ ।

# ଆର୍‌ଜିକର ହସ୍ପିଟାଲ ମାମଲା
## ସଞ୍ଜୟ ରାୟ ମୁଖ୍ୟ ଅଭିଯୁକ୍ତ

**ନୂଆଦିଲ୍ଲୀ:** ଆର୍‌ଜି କର କଲେଜ ଓ ହସ୍ପିଟାଲର ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ନେଇ ସିବିଆଇ ପକ୍ଷରୁ ଆଜି ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ସଞ୍ଜୟ ରାୟଙ୍କୁ ମୁଖ୍ୟ ଅଭିଯୁକ୍ତ କରାଯାଇଛି । ସମ୍ପୃକ୍ତ ଟେନିଂ ଡାକ୍ତରଙ୍କୁ ଗଣବଳାତ୍କାର ହୋଇନଥିବା ମଧ୍ୟ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଆରଜିକର କଲେଜ ଓ ହସ୍ପିଟାଲର ପୂର୍ବ ମୁଖ୍ୟ ସଞ୍ଜୟ ରାୟଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ସିବିଆଇ ଦର୍ଶାଇଛି । ସେ ହିଁ ଦୁଷ୍କର୍ମ ପରେ ହତ୍ୟା କରିଥିବା ସିବିଆଇ ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି । ସିବିଆଇ ପକ୍ଷରୁ ଏହି ଚାର୍ଜସିଟ୍ ଆଜି ଏକ ସ୍ୱତନ୍ତ୍ର କୋର୍ଟରେ ଦାଖଲ କରାଯାଇଛି । ସିବିଆଇ ସୂତ୍ରରୁ ଜଣାପଡିଛି ଯେ ୨୦୦ ଜଣଙ୍କର ବୟାନକୁ ରେକର୍ଡ କରାଯାଇଛି । ତେବେ ଏବେବି ମାମଲାର ତଦନ୍ତ ଚାଲିଛି । ଏହାର ବହୁମୁଖୀ ଦିଗକୁ ନେଇ ତଦନ୍ତ କରାଯାଉଛି । ଏହି ଘଟଣାରେ ଗଣବଳାତ୍କାର ହୋଇଛି କି ନାହିଁ ତାହାର ତଦନ୍ତ ମଧ୍ୟ କରାଯାଉଛି ।

ସୂଚନାଯୋଗ୍ୟ ଅଗଷ୍ଟ ୯ରେ ଏହି ଉକ୍ତ ହସ୍ପିଟାଲରେ ଟ୍ରେନି ଡାକ୍ତରାଣୀଙ୍କ ମୃତଦେହ ମିଳିଥିଲା । ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାପରେ ଘଟଣାର ସିବିଆଇ ତଦନ୍ତ ଆରମ୍ଭ ହୋଇଥିଲା । ସିବିଆଇ ତଦନ୍ତରେ ପୂର୍ବତନ କଲେଜ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଦାୟୀକ କରାଯାଇଛି । ଏବେ ସେ ଇଡି ଓ ସିବିଆଇ ଦ୍ୱାରା ଦୁଇଟି ପୃଥକ୍ ମାମଲାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି ।

# ସରକାରୀ ବଙ୍ଗଳା ଖାଲି କଲେ ତେଜସ୍ୱୀ
## ନେଇଗଲେ ସୋଫା, ପାଣିଟ୍ୟାପ ଓ ଏସି

**ପାଟନା:** ଉପମୁଖ୍ୟମନ୍ତ୍ରୀ ପଦ ହାତରୁ ଯିବା ପରେ ରବିବାର ସରକାରୀ ବାସଭବନ ଖାଲି କରିଥିଲେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ତେଜସ୍ୱୀ ଯାଦବ । ଘର ଖାଲି କରିବା ପୂର୍ବରୁ ତେଜସ୍ୱୀ ଅନେକ ଜରୁରୀ ଜିନିଷ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ତେଜସ୍ୱୀ ସରକାରୀ ବାସଭବନରୁ ଟ୍ୟାପ୍, ସୋଫା, ଏସି ଚୋରି କରିଥିବା ଅଭିଯୋଗ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବ୍ୟକ୍ତିଗତ ସଚିବ ଶତ୍ରୁଧନ କୁମାର । ବିଜେପି ଅଭିଯୋଗ କରିଛି ଯେ, ତେଜସ୍ୱୀ ଯାଦବ ବଙ୍ଗଳା ଖାଲି କଲେ ସତ, କିନ୍ତୁ ସେଠାରୁ ଅନେକ ଜିନିଷ ଚୋରି କରି ନେଲେ । ତେଜସ୍ୱୀ ରହୁଥିବା ବାସଭବନରୁ ଟ୍ୟାପ୍, ଏସି, ବେସିନ୍, ହାଇଡ୍ରୋଲିକ୍ ବେଡ୍, ଆରଓ ଭଳି ଅନେକ ଜିନିଷ ଉଭାନ ହୋଇଯାଇଛି । ତେଜସ୍ୱୀ ଏସବୁକୁ ନିଜ ସହିତ ନେଇଯାଇଛନ୍ତି ଏହି ପ୍ରସଙ୍ଗରେ ଜେଡିୟୁ ମୁଖ୍ୟ ମୁଖପାତ୍ର ନୀରଜ କୁମାର କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ତେଜସ୍ୱୀଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଗୁରୁତର ସହ ନେବା ଉଚିତ । ଏହା କି ପ୍ରକାର ରାଜନେତିକ ସଂସ୍କୃତି । ସେ କିଭଳି ଏତେ ଜିନିଷ ସବୁ ନେଇ ଚାଲିଗଲେ । ସେ ସବୁ ସରକାରୀ ସମ୍ପତ୍ତି । ଉଲ୍ଲେଖଯୋଗ୍ୟ, ୨୦୨୨ ମସିହାରେ ନୀତୀଶ କୁମାର ଏନଡିଏରୁ ଅଲଗା ହୋଇ ମହାଗଠବନ୍ଧନ ସହିତ ସରକାର ଗଠନ କରିଥିଲେ । ଏହା ପରେ ତେଜସ୍ୱୀ ଯାଦବ ପୁନର୍ବାର ନୀତୀଶ କ୍ୟାବିନେଟରେ ଉପମୁଖ୍ୟମନ୍ତ୍ରୀ ପଦ ପାଇ ଏହି ବଙ୍ଗଳାରେ ରହିବା ଆରମ୍ଭ କରିଥିଲେ । ୧୭ମାସ ଧରି ଉପ-ମୁଖ୍ୟମନ୍ତ୍ରୀ ଭାବରେ ୫, ଦେଶ ରତ୍ନ ମାର୍ଗରେ ରହିବା ପରେ ଏବେ ତାଙ୍କୁ ଘର ଖାଲି କରିବାକୁ ପଡ଼ିଛି । ପଦ ହାତରୁ ଯିବା ସହ ସରକାରୀ ବାସଭବନ ବି ଚାଲିଯାଇଛି । ଏବେ ସେଠାରେ ସମ୍ରାଟ ଚୌଧୁରୀ ରହିବେ ।

# ମେହବୁବାଙ୍କ ସହ ମେଣ୍ଟ କରିବେ ଏନସି-କଂଗ୍ରେସ

**ନୂଆଦିଲ୍ଲୀ:** ରାତି ପାହିଲେ ହରିୟାଣା ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଭୋଟ ଗଣତି ଆରମ୍ଭ ହେବ । ଏକଜିଟ ପୋଲ କହିଛି ଯେ ହରିୟାଣାରେ କଂଗ୍ରେସ ଶାସନକୁ ୧୦ ବର୍ଷ ପରେ ଫେରିବ । କିନ୍ତୁ ଜମ୍ମୁ-କଶ୍ମୀରରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିବ ନାହିଁ । ନ୍ୟାସନାଲ କନଫରେନ୍ସ ଓ କଂଗ୍ରେସ ମେଣ୍ଟ ଜମ୍ମୁ-କଶ୍ମୀରରରେ ସର୍ବାଧିକ ଆସନ ଜିତିବାକୁ ଥିବା ବେଳେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିପାରିବ ନାହିଁ । ଏପରି ସ୍ଥିତିରେ ମେହବୁବା ମୁଫତିଙ୍କ ପିଡିପି କିଙ୍ଗ ମେକର ସାଜିପାରେ । ନିର୍ବାଚନ ପୂର୍ବରୁ ମତ ପାର୍ଥକ୍ୟ ଯୋଗୁ ଏନସି-କଂଗ୍ରେସ ସହ ପିଡିପିର ମେଣ୍ଟ ହୋଇନଥିଲା । କିନ୍ତୁ ଏକଜିଟ ପୋଲ ଝୁଲା ବିଧାନସଭାର ସଙ୍କେତ ଦେଇଥିବାରୁ ଏନସି-କଂଗ୍ରେସ ଜମ୍ମୁ-କଶ୍ମୀରରେ ପିଡିପି ସହ ମେଣ୍ଟ କରିବେ ବୋଲି ସଙ୍କେତ ମିଳିଛି । ଯଦି ଦରକାର ପଡ଼ିବ, ତା'ହେଲେ ଏନସି-କଂଗ୍ରେସ ମେହବୁବା ମୁଫତିଙ୍କ ସହ ମେଣ୍ଟ କରିବାକୁ ପଛାଇବେ ନାହିଁ ବୋଲି ଏନସିର ସଭାପତି ଫାରୁକ ଅବଦୁଲ୍ଲା କହିଛନ୍ତି । ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ସେ କହିଛନ୍ତି ବେକାରୀ ଓ ଜମ୍ମୁ-କଶ୍ମୀରରେ ପ୍ରେସ ସ୍ୱାଧୀନତା ପ୍ରସଙ୍ଗରେ କଂଗ୍ରେସ ଓ ଏନସି ନିଶ୍ଚିତ ଭାବେ ପିଡିପିକୁ ନିଜ ସହ ସାମିଲ କରିପାରନ୍ତି । ଦରକାର ପଡ଼ିଲେ କ'ଣ ଏନସି ଓ କଂଗ୍ରେସ ଉପତ୍ୟକାରେ ପିଡିପିର ସମର୍ଥନ ନେବେ କି ପ୍ରଶ୍ନରେ ଫାରୁକ କହିଛନ୍ତି ଯେ କାହିଁକି ନୁହେଁ?ସେ କହିଛନ୍ତି, ଏହା କେମିତି ଗୁରୁତ୍ୱ ରଖିବ? ରାଜ୍ୟବାସୀଙ୍କ ଜୀବନକୁ ପରିବର୍ତ୍ତନ କରିବା, ବେକାରୀ ସମସ୍ୟାକୁ ହଟାଇବା ଓ ୧୦ ବର୍ଷ ଧରି ଜାରି ରହିଥିବା ସମସ୍ତ ବ୍ୟଥାକୁ ଦୂର କରିବା ଭଳି ପ୍ରସଙ୍ଗରେ ଯଦି ଆମେ ସମସ୍ତେ କାମ କରିବୁ, ତା'ହେଲେ ମେଣ୍ଟ କରିବାରେ ଅସୁବିଧା କିଛି ନାହିଁ । ପ୍ରଥମ କଥା ହେଲା, ପ୍ରେସ ସ୍ୱାଧୀନତାକୁ ପୁନଃ ସ୍ଥାପିତ କରିବା । କ'ଣ ସତ ଓ କ'ଣ ମିଛ, ସେକଥା କହିବାର ଅଧିକାର ଆମ ସମସ୍ତଙ୍କର ରହିବା ଉଚିତ । ଆମେ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ହୋଇପାରୁ । କିନ୍ତୁ ପିଡିପି ସହ ମେଣ୍ଟ କରିବାରେ ମୋର କୌଣସି ଆପତ୍ତି ନାହିଁ । କଂଗ୍ରେସର ମଧ୍ୟ କୌଣସି ଆପତ୍ତି ରହିବ ନାହିଁ ବୋଲି ମୁଁ ନିଶ୍ଚିତ । ଅନ୍ୟପକ୍ଷରେ ଫାରୁକ ଅବଦୁଲ୍ଲାଙ୍କ ପୁଅ ଓମାର ଅବଦୁଲ୍ଲା ପିଡିପି ସହ ମେଣ୍ଟ କେବଳ ଏକ ଆଗୁଆ ଆକଳନ କରିବା ଛଡ଼ା କିଛି ନୁହେଁ ବୋଲି କହିଛନ୍ତି ।






# ଓଡ଼ିଶାକୁ କେବେ ଭୁଲିପାରିବିନି: ପ୍ରବୀଣ ତାମ୍ବେ

ସୁରଟ,୭।୧୦ (ଏଜେନ୍ସି): ଓଡ଼ିଶା ସବୁ ବେଳେ ମୋ ହୃଦୟର ଅତି ନିକଟତରରେ ରହିବ । ଏହା କହିଛନ୍ତି କେ ଏସ୍ ଓର ଷ୍ଟାର ସ୍ପିନର ପ୍ରବୀଣ ତାମ୍ବେ । ଯେଉଁ ଦିନଠାରୁ ତାଙ୍କ ନାମ ପ୍ରଥମଥର ପାଇଁ ଟିଭି ସ୍କ୍ରିନ୍‌ରେ ସାମ୍ନାକୁ ଆସିଲା ସେହି ଦିନଠୁ ଆଜି ପର୍ଯ୍ୟନ୍ତ ପ୍ରବୀଣ ଭାରତରେ କ୍ରିକେଟ୍‌ରଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି । ଏକ ସାକ୍ଷାତକାରରେ ପ୍ରବୀଣ କହିଛନ୍ତି ସେ ଛୋଟ ବେଳୁ ଖେଳ ପାଇଁ ଆଗ୍ରହୀ ଥିଲେ । ଏବଂ ଖେଳ ପ୍ରତି ତାଙ୍କର ସମର୍ପଣ । ତାଙ୍କୁ ଆଜି କେମିତି ସଫଳତା ହାସଲ କରିବାରେ ସାହାର୍ଯ୍ୟ କରିଛି । ପ୍ରତ୍ୟେକ ଖେଳାଳି ନିଜ ଯୁବାବସ୍ଥାରେ ଜଣକୁ ଦେଖିବା ଜଣଙ୍କ ଠୁ ଖେଳ ପ୍ରେରଣା ପାଇଁ ଖେଳ ପ୍ରଦତରେ ଯୋଗଦିଅନ୍ତି । ପ୍ରବୀଣଙ୍କ ମଧ୍ୟ ସମାନ କାହାଣୀ । ସେ ତାଙ୍କ ପିତାଙ୍କୁ ଦେଖି ଖେଳ ଆରମ୍ଭ କରିଛନ୍ତି । ସେ କହିଲେ ବାପାଙ୍କ ମୁଁ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲି । କ୍ରିକେଟ ହେଉ କି ଅନ୍ୟ କୌଣସି ଖେଳ ହେଉ ଆପଣଙ୍କ ମଧ୍ୟ ଖେଳ ପ୍ରତି ଅଧିକ ଆଗ୍ରହ ରହିବା ଆବଶ୍ୟକ । ମୁଁ ଭାବୁଛି ମୋ ବାସ୍ତବ ଜୀବନକୁ ଖେଳ ସହ ବହୁତ ସୁନ୍ଦର ଭାବରେ ଜଡ଼ିତ ରଖିପାରିଛି । ମୁଁ ଯେଉଁମାନଙ୍କ ସହ ଖେଳିବାର ସ୍ୱପ୍ନ ଦେଖିଛି ବର୍ତ୍ତମାନ ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ରେ ସେମାନଙ୍କ ସହ ଖେଳିବାର ସୁଯୋଗ ପାଇଛି । ଉଲ୍ଲେଖଥାଉକି ୨୦୧୪ରେ ପ୍ରବୀଣ ତାମ୍ବେ ଓଡ଼ିଶା ବିପକ୍ଷରେ ଡେବ୍ୟୁ କରିଥିଲେ । ଯେତେବେଳେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳ ସହ ଜଡିତ ହେବାର ଅଭିଜ୍ଞତା ସମ୍ପର୍କରେ ପଚରା ଗଲା ସେ କହିଥିଲେ ଯେ, ଓଡ଼ିଶା ବିପକ୍ଷରେ ଡେବ୍ୟୁ କରିବା ବେଳେ ତାହା ଥିଲା ଏକ ରଣଜୀ ଟ୍ରଫି ମ୍ୟାଚ । ମୁଁ ବହୁତ ଖୁସି ଯେ ବର୍ତ୍ତମାନ ଓଡ଼ିଶା ଦଳ ପାଇଁ ଖେଳୁଛି ।




# କଳିଙ୍ଗ ପ୍ରିମିୟର ଲିଗ୍ : ଭି ଲାଏନସ୍ ଦଳ ଚାମ୍ପିଅନ

ଭୁବନେଶ୍ୱର,୭।୧୦(ସବ୍ୟୁ): ଦୁଇ ବର୍ଷର ସଫଳତା ପରେ ତୃତୀୟ ଥର ପାଇଁ ଗୋପବନ୍ଧୁ କ୍ଲବ ତରଫରୁ ଭୁବନେଶ୍ୱରର ଗୋପବନ୍ଧୁ ପଡିଆରେ ଅନୁଷ୍ଠିତ ହୋଇଯାଇଛି କଳିଙ୍ଗ ପ୍ରିମିୟର ଲିଗ – ୨୦୨୪ । ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଟିକେ ବଡ଼ ଧରଣର ଆୟୋଜନ କରାଯାଇଥିଲା ସହ ବିନା କୌଣସି ଏଣ୍ଟ୍ରି ଫି ଦେଇ ରାଜ୍ୟ ତଥା ରାଜ୍ୟ ବାହାରୁ ୩୨ ଟି ଅଂଶଗ୍ରହଣ କରିଥିଲେ । ଆଜି ଶେଷ ଦିନରେ ଭି ଲାଏନସ୍ (କଟକ) ଦଳ ଚାମ୍ପିଅନ ହୋଇଛି । ୭ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା ଗୋପବନ୍ଧୁ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଆୟୋଜିତ ହୋଇଥିଲା । ଫାଇନାଲ୍ ମ୍ୟାଚ୍ ଭି ଲାଏନସ୍



(କଟକ) ଓ ଲିଟିଲ ଷ୍ଟାର (ଝାରସୁଗୁଡ଼ା) ମଧ୍ୟରେ ଖେଳାଯାଇଥିଲା । ଫାଇନାଲ୍ ମ୍ୟାଚର ଆକାଶ ମାଲିଙ୍ଗା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଫରଦିନ୍ କାଜି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ । ଚାମ୍ପିଅନ ଦଳକୁ ୧ ଲକ୍ଷ, ରନର୍ସ ଅପ୍ ଦଳକୁ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଯୁବ ନେତା ମନୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ କ୍ଲବର ସମ୍ପାଦକ ଦେବପ୍ରସାଦ ଜେନା ଏବଂ ଅନ୍ୟମାନେ ଉପସ୍ଥିତ ରହିଥିଲେ ।














## ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର.ଏସ୍.ଆର.)

ପୁନର୍ବାସ ସେବା ଓ ଅନୁସଂଧାନ କେନ୍ଦ୍ର (ସି.ଆର.ଏସ୍.ଆର.), ଭଦ୍ରକ, ଦୀର୍ଘ ୨୬ ବର୍ଷ ଧରି ନିପୁଣ ଓ ଅନୁଭୂତି ସମ୍ପନ୍ନ ଚିକିତ୍ସକମାନଙ୍କ ଦ୍ୱାରା ନିମ୍ନଲିଖିତ ସେବାମାନ ବିନାମୂଲ୍ୟରେ/ସ୍ୱଳ୍ପମୂଲ୍ୟରେ ପ୍ରଦାନ କରିଆସୁଅଛି । ଆବଶ୍ୟକ ଅନୁଯାୟୀ ଏହି ସୁବିଧା ସମସ୍ତେ ଉପଲବ୍ଧ କରିପାରିବେ ।

- ଫିଜିଓଥେରାପି ଚିକିତ୍ସା
- ଅକୁପେସନାଲ୍ ଥେରାପି ଚିକିତ୍ସା
- କାନ ପରୀକ୍ଷା ଏବଂ ଶ୍ରବଣଯନ୍ତ୍ରର ସୁବିଧା ସହିତ ବେରା ପରୀକ୍ଷାର ସୁବିଧା
- କମ୍ପ୍ୟୁଟର ଦ୍ୱାରା ଆଖି ପରୀକ୍ଷା ଏବଂ ଚଷମା ତିଆରି
- ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ବିଭିନ୍ନ ପ୍ରକାର ଅର୍ଥୋପେଡ଼ିକ୍ ଉପକରଣ ଉପଲବ୍ଧ

ସମୟ : ପ୍ରତ୍ୟେକ ଦିନ ସୋମବାର ଠାରୁ ଶନିବାର ଦିବା ୧୦.୦୦ ଘଟିକାରୁ ସଂଧ୍ୟା୫.୩୦ ପର୍ଯ୍ୟନ୍ତ । ମାସର ପ୍ରତ୍ୟେକ ୨ୟ ଶନିବାର ବନ୍ଦ ରହେ ।

* ଏହିଠାରେ ବରିଷ୍ଠ ନାଗରିକମାନଙ୍କୁ ବିନାମୂଲ୍ୟରେ ଫିଜିଓଥେରାପି ଚିକିତ୍ସା ପ୍ରଦାନ କରାଯାଏ ।

ସବିଶେଷ ଯୋଗାଯୋଗ କରିବାର ଠିକଣା
ପୁନର୍ବାସ ସେବା ଓ ଅନୁସଂଧାନ କେନ୍ଦ୍ର (ସି.ଆର.ଏସ୍.ଆର.)
ପ୍ରଶାନ୍ତି ଭବନ, ଡାହାଣିଗଡିଆ, ଚରମ୍ପା, ଭଦ୍ରକ
ଟେଲିଫୋନ୍ ନମ୍ବର - ୦୬୭୮୪-୨୩୧୩୮୭, ୨୩୦୮୦୫, ମୋ:-୯୪୩୭୦୬୦୨୩୮





# ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ପ୍ରଥମ ଦିନରେ ଓଡ଼ିଶାକୁ ମିଳିଲା ୨୭ ପଦକ

ଭୁବନେଶ୍ୱର,୭।୧୦ (ସବ୍ୟୁ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆଜି ଠାରୁ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ଓଡ଼ିଶାକୁ ପ୍ରଥମ ଦିନରେ ୨୭ଟି ପଦକ ମିଳିଛି । ଆଜିର ଉଦଘାଟନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଆଜି ପ୍ରଥମ ଦିନର ପ୍ରତିଯୋଗିତାରେ ୧୮ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତା(ବାଳକ ବର୍ଗ) ରେ କ୍ରୀଡାବିତ୍ ପ୍ରତୀକ ମହାରଣାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ଚିନ୍ମୟ ନାଗଙ୍କୁ କାଂସ୍ୟ ପଦକ ମିଳିଛି । ସେହିପରି ୨୦ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତା(ବାଳକ ବର୍ଗ)ରେ କ୍ରୀଡାବିତ୍ ଦୋଣ୍ଡପତି ଜୟରାମଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ମହେନ୍ଦ୍ର ସନ୍ତାଙ୍କୁ ରୌପ୍ୟ ପଦକ ମିଳିଛି । ୨୦ ବର୍ଷରୁ କମ୍ ୫୦୦୦ ମିଟର ଦୌଡ଼ ପ୍ରତିଯୋଗିତା (ବାଳକ ବର୍ଗ) ରେ ପ୍ରଦୀପ ମହତାଙ୍କୁ ରୌପ୍ୟ ପଦକ ମିଳିଛି । ୧୮ ବର୍ଷରୁ କମ୍ ଲଙ୍ଗଜମ୍ପ (ବାଳିକା ବର୍ଗ) ରେ ସଂଜୁ ହନ୍ତାଳଙ୍କୁ କାଂସ୍ୟ ପଦକ ପ୍ରାପ୍ତ ହୋଇଛି । ୧୮ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ମଧ୍ୟ ସଂଜୁ ହନ୍ତାଳଙ୍କୁ କାଂସ୍ୟ ପଦକ ପ୍ରାପ୍ତ ହୋଇଛି । ସେହିପରି ଭାବେ ୧୬ ବର୍ଷରୁ କମ୍ ସଟପୁଟ ଥ୍ରୋ (ବାଳକ ବର୍ଗ ) ରେ ସୌମ୍ୟ ରଞ୍ଜନ ପ୍ରିୟଦର୍ଶୀଙ୍କୁ ରୌପ୍ୟ ପଦକ ମିଳିଛି । ସାଗର ଏକ୍କାଙ୍କୁ ୧୮ ବର୍ଷରୁ କମ୍ ହାଇଜମ୍ପ (ବାଳକ ବର୍ଗ ) ପ୍ରତିଯୋଗିତାରେ କାଂସ୍ୟ ପଦକ ମିଳିଛି । ଓମକାର ନନ୍ଦଙ୍କୁ ୧୮ ବର୍ଷରୁ କମ୍ ସଟପୁଟ ଥ୍ରୋ (ବାଳକ ବର୍ଗ) ରେ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ଅଂଶିକା ରାଉତରାୟଙ୍କୁ ୨୦ ବର୍ଷରୁ କମ୍ ସଟପୁଟ ଥ୍ରୋ (ବାଳିକା ବର୍ଗ ) ରେ ସ୍ୱର୍ଣ୍ଣ ପଦକ ମିଳିଛି ।

୧୬ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ (ବାଳକ ବର୍ଗ) ରେ ସତ୍ୟରଞ୍ଜନ ରାୟଙ୍କୁ ରୌପ୍ୟ ପଦକ ଏବଂ ଦେବସ୍ମୃତି ମୋହନଙ୍କୁ କାଂସ୍ୟ ପଦକ ମିଳିଛି । ୧୮ ବର୍ଷରୁ କମ୍ ଡିସ୍କସ୍ ଥ୍ରୋ (ବାଳିକା ବର୍ଗ ) ରେ ପୁରବୀ ପାୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି ।

# ଅବସର ଘୋଷଣା କଲେ ଦୀପା କର୍ମାକର

ନୂଆଦିଲ୍ଲୀ,୭।୧୦ (ଏଜେନ୍ସି): ଭାରତର ପ୍ରଥମ ମହିଳା ଭାବେ ଅଲିମ୍ପିକ୍ସର ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଭାଗ ନେଇ ପୂରା ଦୁନିଆକୁ ନିଜ ଦକ୍ଷତା ବଳରେ ପ୍ରଭାବିତ କରିଥିବା ଦୀପା କରମାକର ବଡ଼ ଘୋଷଣା କରିଛନ୍ତି । ମାତ୍ର ୩୧ ବର୍ଷ ବୟସରେ ସେ ଜିମ୍ନାଷ୍ଟିକ୍ସରୁ ଅବସର ନେଇ ଯାଇଛନ୍ତି । ସେ ସୋଶାଲ ମିଡିଆରେ ଏହାର ସୂଚନା ଦେବା ସହ ଅବସର ପଛର କାରଣ ବି କହିଛନ୍ତି । ଭବିଷ୍ୟତରେ ସେ କୋଚ କିମ୍ବା ମେଣ୍ଟୋର ଭୂମିକାରେ ଆସି ପାରନ୍ତି ବୋଲି ସଙ୍କେତ ଦେଇଛନ୍ତି । ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବାର କିଛି ମାସ ପରେ ଦୀପା ଏପରି ଘୋଷଣା କରିଛନ୍ତି । ୩୧ ବର୍ଷୀୟ ଦୀପା କହିଛନ୍ତି, ଅନେକ କିଛି ଭାବିବା ପରେ ମୁଁ ଜିମ୍ନାଷ୍ଟିକ୍ସରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି । ଏପରି ନିଷ୍ପତ୍ତି ମୋ ପାଇଁ



ଆଦୌ ସହଜ ନଥିଲା । କିନ୍ତୁ ମୁଁ ଭାବୁଛି ଏବେ ହିଁ ଉପଯୁକ୍ତ ସମୟ । ଜିମ୍ନାଷ୍ଟିକ୍ସ ମୋ ଜୀବନର ବହୁତ ବଡ଼ ଅଂଶ । ମୁଁ ପ୍ରତିଟି ମୁହୂର୍ତ୍ତ ପାଇଁ କୃତଜ୍ଞ । ରିଓ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଭାଗ ନେଇଥିବା ଦୀପା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ତଥା ବିପଦପୂର୍ଣ୍ଣରେ ପ୍ରଦର୍ଶନ କରିଥିଲେ । ସେ ସମସ୍ତଙ୍କୁ ଜଳକା କରି ୪ର୍ଥ ସ୍ଥାନରେ ନିଜର ଅଭିଯାନ କରିଥିଲେ । ଅଲିମ୍ପିକ୍ସରେ ଡେବ୍ୟୁ କରିବା ପୂର୍ବରୁ ଦୀପା ଅନେକ ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ନାଁ ଉଜ୍ଜ୍ୱଳ କରିଥିଲେ । ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା ଭଲ୍ଟରେ ସେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ । ସେ ଭାରତୀୟ ମହିଳା ଭାବେ ଏପରି ସଫଳତା ସାଉଁଟିଥିଲେ । ୨୦୧୫ ହିରୋଶିମାରେ ଆୟୋଜିତ ଏସିଆନ ଚାମ୍ପିଅନସିପରେ ଦୀପା ବ୍ରୋଞ୍ଜ ପଦକ ହାସଲ କରିଥିଲେ । ସେହିପରି ୨୦୧୫ ବିଶ୍ୱ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ସେ ଭାରତର ପ୍ରଥମ ମହିଳା ଭାବେ ୫ମ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲେ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541